RNI No.ODIODI/2010/33031

୧୬ ବର୍ଷ Volume- 16

ISSUE -256 ସଂଖ୍ୟା-୨୫୬

ଭୁବନେଶ୍ୱର, ଶୁକ୍ରବାର ୨୬ ଡିସେମ୍ବର ୨୦୨୫

Bhubaneswar, Friday 26 December, 2025

୦୮ ପୃଷ୍ଠା Pages-08

ମୂଲ୍ୟ : ୨.୦୦ ଟଙ୍କା Price : Rs.2.00

www.odishamanthan.com

MANTHAN

ମନ୍ଥନ

www.odishamanthan.com RNI No. ORIORI/2010/33031

ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




# ସୁରକ୍ଷା ବାହିନୀଙ୍କ ଏନକାଉଣ୍ଟରରେ ୪ ମାଓବାଦୀ ନିହତ







## କୋଟିଏ ଟଙ୍କାର ପୁରସ୍କାର ରାଶି ଥିବା ଗଣେଶ ଉଇକେ ମୃତ

## ଓଡ଼ିଶା ସମ୍ପୂର୍ଣ୍ଣ ନକ୍ସଲବାଦ ମୁକ୍ତ ହେବା ଦ୍ୱାରରେ ପହଞ୍ଚିଛି : ଶାହ

## ଗଣେଶ ଓଡ଼ିଶାର ସମସ୍ତ ମାଓ ଅଭିଯାନର ମୁଖ୍ୟ ଥିଲେ: ଡିଜିପି

କନ୍ଧମାଳ,୨୫।୧୨(ନି.ପ୍ର):ଗଞ୍ଜାମ ଏବଂ କନ୍ଧମାଳ ଜିଲ୍ଲାର ସୀମାରେ ଥିବା ରମ୍ଭା ଜଙ୍ଗଲରେ ସୁରକ୍ଷା ବାହିନୀ ଏବଂ ମାଓବାଦୀ ମୁହାଁମୁହିଁ ହୋଇଛନ୍ତି। ପୁଲିସ କହିଛି ଯେ, ଓଡ଼ିଶାର କନ୍ଧମାଳ ଜିଲ୍ଲାରେ ସୁରକ୍ଷା ବାହିନୀ ସହିତ ଏନକାଉଣ୍ଟରରେ ଦୁଇ ମହିଳାଙ୍କ ସମେତ ଚାରି ଜଣ ମାଓବାଦୀ ନିହତ ହୋଇଛନ୍ତି।

ପୁଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି, ନିହତ ମାଓବାଦୀଙ୍କ ମଧ୍ୟରୁ ଜଣଙ୍କୁ ଓଡ଼ିଶାର ଶୀର୍ଷ ମାଓ ନେତା ଗଣେଶ ଉଇକେ ଭାବରେ ଚିହ୍ନଟ କରାଯାଇଛି। ତାଙ୍କର ମୁଣ୍ଡ ଉପରେ ୧.୧ କୋଟି ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା।

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ କହିଛନ୍ତି ଯେ ଓଡ଼ିଶାର କନ୍ଧମାଳରେ ଏକ ବଡ଼ ଅପରେସନରେ କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଉଇକେଙ୍କ ସମେତ ଛଅ ଜଣ ନକ୍ସଲବାଦୀ ନିହତ ହୋଇଛନ୍ତି। ଏହି ବଡ଼ ସଫଳତା ସହିତ ଓଡ଼ିଶା ସମ୍ପୂର୍ଣ୍ଣ ନକ୍ସଲବାଦ ମୁକ୍ତ ହେବା ଦ୍ୱାରରେ ପହଞ୍ଚିଛି। ଆମେ ୩୧ ମାର୍ଚ୍ଚ ୨୦୨୬ପୂର୍ବରୁ ନକ୍ସଲବାଦକୁ ମୂଳପୋଛ କରିବାକୁ ପ୍ରତିଶ୍ରୁତିବଦ୍ଧ।

ଓଡ଼ିଶା ଡିଜିପି ଯୋଗେଶ ବାହାଦୁର ଖୁରାନିଆ କହିଛନ୍ତି,ଗଞ୍ଜାମ ଜିଲ୍ଲାର ସୀମାରେ ଏକ ବଡ଼ ନକ୍ସଲ ବିରୋଧୀ ମିଳିତ ଅଭିଯାନ ଚାଲିଛି।ଗୁରୁବାର ସକାଳେ,ଓଡ଼ିଶା ପୁଲିସ ଏବଂ ସୁରକ୍ଷା ବାହିନୀ ଏକ ବଡ଼ ସଫଳତା ହାସଲ କରିଛନ୍ତି। କେନ୍ଦ୍ରୀୟ କମିଟିର ସଦସ୍ୟ ଗଣେଶ ଉଇକେଙ୍କ ସମେତ ଚାରି ନକ୍ସଲଙ୍କୁ ନିପାତ କରିଛନ୍ତି ଗଣେଶ ଓଡ଼ିଶାର ସମସ୍ତ ମାଓ ଅଭିଯାନର ମୁଖ୍ୟ ଥିଲେ।

ସୁରକ୍ଷା ବାହିନୀ ତାଙ୍କୁ ଏନକାଉଣ୍ଟର କରିଛନ୍ତି। ମୁଁ ବିଶ୍ୱାସ କରୁଛି, ଏହା ଓଡ଼ିଶାରେ ମାଓ ଆତଙ୍କର ମେରୁଦଣ୍ଡ ଭାଙ୍ଗି ଦେଇଛି। ଏହା ରାଜ୍ୟରେ ମାଓବାଦୀଙ୍କ ସ୍ଥିତିରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବ।

ଗୁରୁବାର ସକାଳେ ଏନକାଉଣ୍ଟର ସ୍ଥଳ ନିକଟରେ ଦୁଇ ମହିଳା ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ସେମାନଙ୍କର ଏପର୍ଯ୍ୟନ୍ତ ପରିଚୟ ମିଳିନାହିଁ।

ପ୍ରାପ୍ତ ସୂଚନା ଅନୁଯାୟୀ, ଓଡ଼ିଶା ପୁଲିସର ଏସ୍‌ଓଜି (ସ୍ପେଶାଲ୍ ଅପରେସନ୍ ଗ୍ରୁପ୍)ର ଏକ ଛୋଟ ମୋବାଇଲ୍ ଦଳ ଜଙ୍ଗଲରେ ସର୍ଚ୍ଚ ଅପରେସନ୍ ଆରମ୍ଭ କରିବା ସମୟରେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲେ।

ଏନକାଉଣ୍ଟରରେ ସୁରକ୍ଷାକର୍ମୀଙ୍କ ପାଲଟା ଆକ୍ରମଣରେ ମାଓବାଦୀମାନେ ନିହତ ହୋଇଥିଲେ। ଦୁଇଜଣ ପୁରୁଷ କ୍ୟାଡରଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା, ଯେତେବେଳେ ଅନ୍ୟ ଜଣେ ମହିଳା ମାଓବାଦୀଙ୍କ ମୃତଦେହ କିଛି ଦୂରରେ ପଡିଥିବା ମିଳିଥିଲା। ପୁଲିସ ଏକ ରିଭଲଭର, ଏକ ୩୦୩ ରାଇଫଲ ଏବଂ ଏକ ୱାକି-ଟକି ସେଟ୍ ଜବତ କରିଛି।

ସୀମା ସୁରକ୍ଷା ବାହିନୀ (ବିଏସଏଫ) ଏବଂ କେନ୍ଦ୍ରୀୟ ରିଜର୍ଭ ପୁଲିସ ବାହିନୀ (ସିଆରପିଏଫ) ର ମିଳିତ ଅପରେସନରେ ଏହି ସଫଳତା ମିଳିଛି। ସୁରକ୍ଷା ଅଧିକାରୀମାନେ କହିଛନ୍ତି ଯେ, ଗଣେଶ ଉଇକେ ଦେଶର ସବୁଠାରୁ ୱାଣ୍ଟେଡ୍ ମାଓ ନେତାମାନଙ୍କ ମଧ୍ୟରୁ ଜଣେ। ୨୦୧୩ ଝିରମ୍ ଉପତ୍ୟକା ହତ୍ୟାକାଣ୍ଡ ବ୍ୟତୀତ, ସେ ବିଭିନ୍ନ ରାଜ୍ୟରେ ଅନେକ ହାଇପ୍ରୋଫାଇଲ୍ ମାଓ ଆକ୍ରମଣରେ ସାମିଲ ଥିଲେ। ଏହି ଏନକାଉଣ୍ଟରରେ ସୁରକ୍ଷା ବାହିନୀଙ୍କର କୌଣସି କ୍ଷତି ହୋଇନାହିଁ ଏବଂ ଅଞ୍ଚଳରେ କମ୍ବିଂ ଅପରେସନକୁ ଜୋରଦାର କରାଯାଇଛି। ପଡ଼ୋଶୀ ମାଲକାନଗିରି ଜିଲ୍ଲାରେ ୨୨ଜଣ ମାଓବାଦୀ ଓଡ଼ିଶା ଡିଜିପି ୱାଇ ବି ଖୁରାନାଙ୍କ ନିକଟରେ ଆତ୍ମସମର୍ପଣ କରିବାର ଗୋଟିଏ ଦିନ ପରେ ଏହି ଏନକାଉଣ୍ଟର ଘଟିଛି।

ତେଲେଙ୍ଗାନାର ନାଲଗୋଣ୍ଡା ଜିଲ୍ଲାର ମୂଳ ବାସିନ୍ଦା ଗଣେଶ ପ୍ରାୟ ଚାରି ଦଶନ୍ଧି ଧରି ମାଓ ଆନ୍ଦୋଳନରେ ସକ୍ରିୟ ଥିଲେ। ସେ ପକ୍କା ହନୁମନ୍ତୁ, ରାଜେଶ ତିୱାରୀ ଏବଂ ରୂପା ଭଳି ଅନେକ ନାମରେ ଜଣାଶୁଣା ଥିଲେ।ସେ ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ କମିଟି (ଡିକେଏସ୍‌ଜେଡସି)ର ମୁଖ୍ୟ ଚେହେରା ଥିଲେ ଏବଂ କେନ୍ଦ୍ରୀୟ ନେତୃତ୍ୱ ଏବଂ ସ୍ଥାନୀୟ ୟୁନିଟଗୁଡ଼ିକ ମଧ୍ୟରେ ମୁଖ୍ୟ ସଂଯୋଗକାରୀ ଥିଲେ।କିଛି ବର୍ଷ ପୂର୍ବେ ତାଙ୍କୁ ନିଷିଦ୍ଧ ସଂଗଠନର କେନ୍ଦ୍ରୀୟ କମିଟିରେ ସାମିଲ କରାଯାଇଥିଲା। ସେ ଗତ ତିନି ବର୍ଷ ଧରି ଓଡ଼ିଶାର କନ୍ଧମାଳ ଅଞ୍ଚଳରେ ସକ୍ରିୟ ଥିଲେ। ସେ ଗରିଲା କାର୍ଯ୍ୟକଳାପର ସମନ୍ୱୟ କରୁଥିଲେ ଏବଂ ମାଓ ନେଟୱାର୍କକୁ ମଜବୁତ କରୁଥିଲେ। ୨୦୧୩ ମଇ ୨୫ ତାରିଖରେ ଛତିଶଗଡ଼ର ବସ୍ତର ଜିଲ୍ଲାରେ ଘଟିଥିବା ଝିରମ ଭ୍ୟାଲି ହତ୍ୟାକାଣ୍ଡକୁ ଭାରତର ସବୁଠାରୁ ଭୟଙ୍କର ନକ୍ସଲ ଆକ୍ରମଣ ବୋଲି ବିବେଚନା କରାଯାଏ। ଏହି ଆକ୍ରମଣରେ ନକ୍ସଲମାନେ କଂଗ୍ରେସ ଦଳର 'ପରିବର୍ତ୍ତନ ଯାତ୍ରା' ଅଭିଯାନ ଦଳ ଉପରେ ଆକ୍ରମଣ କରିଥିଲେ ଏବଂ ରାଜ୍ୟର ଶୀର୍ଷ ନେତୃତ୍ୱକୁ ପ୍ରାୟତଃ ନିଶ୍ଚିହ୍ନ କରିଦେଇଥିଲେ। ଏହି ଆକ୍ରମଣରେ ବସ୍ତର ଟାଇଗର ମହେନ୍ଦ୍ର କର୍ମା, ତତ୍କାଳୀନ କଂଗ୍ରେସ ରାଜ୍ୟ ସଭାପତି ନନ୍ଦ କୁମାର ପଟେଲ ଏବଂ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବିଦ୍ୟାଚରଣ ଶୁକ୍ଳାଙ୍କ ସମେତ ମୋଟ ୩୨ ଜଣଙ୍କର ମୃତ୍ୟୁ ହୋଇଥିଲା।

# ରେଡ୍ ଫ୍ଲାର୍ଗ ହେଲା ଚାନ୍ଦବାଲି ନାବାଳିକା ଦୁଷ୍କର୍ମ ଓ ହତ୍ୟା ମାମଲା

## ତ୍ୱରିତ ତଦନ୍ତ ସାରିବାକୁ ଲକ୍ଷ୍ୟ ରଖିଥିବା କହିଲେ ଡିଜିପି

ଭୁବନେଶ୍ୱର୨୫।୧୨(ନି.ପ୍ର.):: ରେଡ୍ ଫ୍ଲାର୍ଗ ଅନ୍ତର୍ଭୁକ୍ତ ହୋଇଛି ଚାନ୍ଦବାଲି ନାବାଳିକା ଦୁଷ୍କର୍ମ ଓ ହତ୍ୟା ମାମଲା। ଆଜି ଏନେଇ ସୂଚନା ଦେଇଛନ୍ତି ପୁଲିସ ଡିଜି ୱାଇ.ବି.ଖୁରାନିଆ। ଡିଜିପି କହିଛନ୍ତି ଯେ ଅଭିଯୁକ୍ତକୁ ଜଗତସିଂହପୁରରୁ ଗିରଫ କରାଯାଇଛି। ମାମଲାର ତ୍ୱରିତ ତଦନ୍ତ ସାରିବାକୁ ଲକ୍ଷ୍ୟ ରଖିଛୁ। ଜିଲ୍ଲା ପୁଲିସ ଭଲ ତଦନ୍ତ କରିବ, ଭଲ ରେଜଲ୍ଟ ବାହାରିବ ବୋଲି ଆଶା କରାଯାଉଛି। ମଙ୍ଗଳବାର ସଂଧ୍ୟାରେ ଚାନ୍ଦବାଲି ଥାନା ବାଲିଗାଁ ପଞ୍ଚାୟତ ଅଫିସ ପଛ ପାଖରୁ ୧୦ବର୍ଷୀୟା ନାବାଳିକାର ରକ୍ତ ଜୁଡୁବୁଡୁ ମୃତଦେହ ମିଳିଥିଲା। ଏହି ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି। ସେପଟେ ଏହି ଘଟଣାରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଯାଇଛି। ଘଟଣା ଘଟିଥିବା ସ୍ଥାନରେ ରହିଥିବା ଜବର ଦଖଲକୁ ପ୍ରଶାସନ ଉଚ୍ଛେଦ କରିଛି। ସେପଟେ ରାମପାଲ୍ଲି ଗ୍ରାମରେ ଥିବା ଅଭିଯୁକ୍ତର ଘରକୁ ମହିଳାମାନେ ଭାଙ୍ଗିଛନ୍ତି। ସେହିପରି ଉତ୍ୟକ୍ତ ସ୍ଥାନୀୟ ବାସିନ୍ଦା ମଧ୍ୟ ପଞ୍ଚାୟତ କାର୍ଯ୍ୟାଳୟର ତାଲା ଭାଙ୍ଗି ଘେରାଉ କରିଥିଲେ। ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ଶୋକବ୍ୟକ୍ତ କରିବା ସହ ପିଡୀତଙ୍କ ପରିବାକୁ ୧୦ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରିଥିଲେ।

# ବସ-ଟ୍ରକ ଧକ୍କାରେ ଜୀବନ୍ତ ଜଳିଗଲେ ୧୭ ଯାତ୍ରୀ

ବେଙ୍ଗାଲୁରୁ,୨୫।୧୨: ଗୁରୁବାର ସକାଳେ କର୍ଣାଟକର ଚିତ୍ରଦୁର୍ଗ ଜିଲାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୨ ରୁ ଅଧିକ ଲୋକ ପୋଡ଼ି ମୃତ୍ୟୁବରଣ କରିଛନ୍ତି। ହିରିୟୁର ତାଲୁକର ଗୋର୍ଲାଟ୍ଟୁ ଅଞ୍ଚଳରେ ଏକ ଘରୋଇ ସ୍ଲିପର୍ ? ବସ ଏବଂ ଏକ ଟ୍ରକ ମଧ୍ୟରେ ଖୁବ ଜୋର ଧକ୍କା ହୋଇଥିଲା, ଯାହା ଫଳରେ ଉଭୟ ଗାଡ଼ିରେ ନିଆଁ ଲାଗିଯାଇଥିଲା, ଯେଉଁଥିରେ ଯାତ୍ରୀମାନେ ଫସି ଯାଇଥିଲେ।

ପୋଲିସ ଅନୁଯାୟୀ, ବୁଧବାର ଏବଂ ଗୁରୁବାର ପ୍ରାୟ ୧୨ ଟା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଘରୋଇ ସ୍ଲିପର୍ ବସଟି ବେଙ୍ଗାଲୁରୁରୁ ଗୋକର୍ଣ୍ଣ ଅଭିମୁଖେ ଯାତ୍ରା କରୁଥିବା ବେଳେ ସାମ୍ନାପଟୁ ଆସୁଥିବା ଏକ ଟ୍ରକ ସହିତ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଟ୍ରକର କିଛି ଅଂଶ ଜଳି ଯାଇଥିଲା ଏବଂ ଡ୍ରାଇଭରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଡ୍ରାଇଭର ଏବଂ କଣ୍ଡକ୍ଟର ସମେତ ମୋଟ ୩୨ ଜଣ ଯାତ୍ରୀ ଥିଲେ। ଧକ୍କା ଏତେ ଭୟଙ୍କର ଥିଲା ଯେ ବସ ଏବଂ ଟ୍ରକ ଉଭୟରେ ନିଆଁ ଲାଗିଗଲା। ନିଆଁ ଦ୍ରୁତ ଗତିରେ ବ୍ୟାପିଗଲା, ବସ ଭିତରେ ଅନେକ ଯାତ୍ରୀ ଫସି ରହିଲେ ଏବଂ ସେମାନଙ୍କୁ ବାହାରକୁ ବାହାର କରାଯାଇ ପାରିଲା ନାହିଁ।

# ରାଜ୍ୟର ୩ ସୁନା ଖଣିରେ ୧୫୮୬ କିଲୋଗ୍ରାମ ସୁନା

ଭୁବନେଶ୍ୱର୨୫।୧୨(ନି.ପ୍ର.):: ରାଜ୍ୟରେ ସନ୍ଧାନ ମିଳିଥିବା ୩ଟି ସୁନା ଖଣିରେ ରହିଛି ୧୫୮୬ କିଲୋଗ୍ରାମ ସୁନା। ଏନେଇ ସୂଚନା ଦେଇଛନ୍ତି ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା। ରାଜ୍ୟ ସରକାର ଏହି ୩ଟି ସୁନା ଖଣିକୁ ନିଲାମ କରିବେ। ଏବେ ନିଲାମ ପ୍ରକ୍ରିୟା ଚାଲିଛି। ଏ ନେଇ ଆସନ୍ତା ୩ ତାରିଖରେ ଏକ ବୈଠକ ବସିବ। ନିଲାମ କିପରି ଠିକ୍ ଭାବେ ହେବ ସେନେଇ ପ୍ରକ୍ରିୟା ଚାଲିଛି ବୋଲି ମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ଭାରତୀୟ ଭୂତାତ୍ତ୍ୱିକ ସର୍ବ ?କ୍ଷଣ (ଜିଏସଆଇ) ସଂସ୍ଥା ରାଜ୍ୟର କେତେକ ସ୍ଥାନରେ ସୁନା ଖଣି ରହିଥିବା ଚିହ୍ନଟ କରିଛି। ସେସବୁକୁ ୨୦୨୬ ସୁଦ୍ଧା ନିଲାମ କରିବାକୁ ସରକାର ଯୋଜନା ରଖିଛନ୍ତି। ଆସନ୍ତା ୩ ତାରିଖରେ ଏନେଇ ବୈଠକ ବସିବ। ରାଜ୍ୟର ୪୯ ଖଣି ନିଲାମ ପାଇଁ ବାର୍ଷିକ ନିଲାମ କ୍ୟାଲେଣ୍ଡର ଚୂଡ଼ାନ୍ତ କରିବାକୁ ଏହି ବୈଠକରେ ନିଷ୍ପତ୍ତି ନିଆଯିବ। ପ୍ରସ୍ତାବିତ ଖଣି ବ୍ଲକମାନଙ୍କର ଉପଯୁକ୍ତତା, ଅନୁସନ୍ଧାନର ସ୍ଥିତି, ନିଲାମ ପାଇଁ ପ୍ରସ୍ତୁତି ଯାଞ୍ଚ ସହ ବୈଠକରେ ବାର୍ଷିକ ନିଲାମ କ୍ୟାଲେଣ୍ଡର ଚୂଡ଼ାନ୍ତ କରାଯିବ। ଏଥିସହ ମୟୂରଭଞ୍ଜ ଏବଂ ଦେବଗଡ଼ ଜିଲ୍ଲାରେ ପ୍ରସ୍ତାବିତ ସୁନା ଖଣି ନିଲାମ ଉପରେ ମଧ୍ୟ ଆଲୋଚନା ହେବାର ସମ୍ଭାବନା ରହିଛି। ବୈଠକରେ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କ ସମେତ ଓଏମ୍‌ସି ଲିମିଟେଡ୍ର ମ୍ୟାନେଜିଂ ଡାଇରେକ୍ଟର, ଓଡ଼ିଶାର ଖଣି ନିର୍ଦ୍ଦେଶକ, ଓଡ଼ିଶାର ଡେପୁଟି ଡାଇରେକ୍ଟର ଜେନେରାଲ୍ ଜିଏସ୍ଆଇ, ଏମ୍ଇସିଏଲର ଚେୟାରମ୍ୟାନ୍-କମ୍-ମ୍ୟାନେଜିଂ ଡାଇରେକ୍ଟର ଏବଂ ଆଇବିଏମର ରିଜିଓନାଲ୍ କଣ୍ଟ୍ରୋଲର ଅଫ୍ ମାଇନ୍ସଙ୍କୁ ପୂର୍ଣ୍ଣାଙ୍ଗ ତଥ୍ୟ ସହିତ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

# କୋଟିପତି ରାଜସ୍ୱ ସହାୟକ ଗିରଫ, ଅଛି ୧୬ ପ୍ଲଟ୍

ସମ୍ବଲପୁର,୨୫।୧୨(ନି.ପ୍ର.): ବରିଷ୍ଠ ରାଜସ୍ୱ ସହାୟକ ବାସୁଦେବ ଭୋଇ ଗିରଫ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ କରିଛି ଭିଜିଲାନ୍ସ। ଗତକାଲି ରେଡ୍ ବେଳେ ବାବୁଙ୍କ ୧୬ଟି ପ୍ଲଟ୍ ଠାବ କରିଥିଲା ଭିଜିଲାନ୍ସ। ଗୋଟିଏ ସମେତ ୧୬ଟି ମୂଲ୍ୟବାନ ପ୍ଲଟ୍ ଠାବ କରାଯାଇଛି। ସେହିପରି ୧୧.୫୬ ଲକ୍ଷ ଟଙ୍କାର ବ୍ୟାଙ୍କ ଓ ବୀମା ଜମା, ୧୧ ଲକ୍ଷ ଟଙ୍କାର ଗୋଟିଏ ଚାରି ଚକିଆ ଏବଂ ୪ଟି ଦୁଇ ଚକିଆ ଯାନ ମଧ୍ୟ ଠାବ କରାଯାଇଛି। ପାଖାପାଖି ୬.୦୭ ଲକ୍ଷ ଟଙ୍କାର ଘରଉପକରଣ ମଧ୍ୟ ରହିଛି। ସମ୍ବଲପୁରର ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତିଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଓଡ଼ିଶା ଭିଜିଲାନ୍ସର ୨ ଜଣ ଡିଏସପି ୮ ଜଣ ଇନ୍ସପେକ୍ଟର ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ବରଗଡ଼ ଏବଂ ସମ୍ବଲପୁର ଜିଲ୍ଲାର ୪ଟି ସ୍ଥାନରେ ଏକକାଳୀନ ରେଡ୍ କରିଥିଲେ।



ବରଗଡ଼ ଓ ସମ୍ବଲପୁରରେ କୋଠାଘର ସହ ଗୋଟିଏ କାର୍ ଠାବ କରିଥିଲା ଭିଜିଲାନ୍ସ। ସୂଚନା ଅନୁଯାୟୀ ଗତକାଲି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସମ୍ବଲପୁର ସେଟେଲମେଣ୍ଟ (ବନ୍ଦୋବସ୍ତ) ଅଫିସରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ ରାଜସ୍ୱ ସହାୟକ ବାସୁଦେବ ଭୋଇଙ୍କ ଘରେ ଭିଜିଲାନ୍ସ ଚଢ଼ଉ କରିଥିଲା।

ରେଡ୍ ସମୟରେ ବରଗଡରେ ୪୦୦୦ ବର୍ଗଫୁଟର ଏକ ଦୁଇମହଲା କୋଠା, ସମ୍ବଲପୁରର ଚାରଭାଟିରେ ୧୭୦୦ ବର୍ଗଫୁଟର ଗୋଟିଏ କୋଠା, ବରଗଡ ସହରରେ ୧୨, ସମ୍ବଲପୁର ସହରରେ ୩ଟି ଏବଂ ସମ୍ବଲପୁର ଉପକଣ୍ଠରେ

ବାସୁଦେବ ଭୋଇ ୧୯୮୯ ମସିହା ସେପ୍ଟେମ୍ବର ୧୨ ତାରିଖରେ ଭବାନୀପାଟଣାର ସେଟେଲମେଣ୍ଟ ଅଫିସରେ ଜୁନିଅର କ୍ଲର୍କ ଭାବରେ ମାସିକ ୭୮୭ ପ୍ରାରମ୍ଭିକ ଦରମା ସହିତ ସରକାରୀ ଚାକିରିରେ ଯୋଗ ଦେଇଥିଲେ। ତେବେ ୧୯୯୯ ମସିହା ମଇ ୧ ତାରିଖରେ ସିନିୟର କ୍ଲର୍କ(ସିନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ)ଭାବେ ପଦୋନ୍ନତି ପାଇ ସମ୍ବଲପୁର ମେଜର ବନ୍ଦୋବସ୍ତ କାର୍ଯ୍ୟାଳୟରେ କାର୍ଯ୍ୟ କରିଆସୁଥିଲେ।

# ଦେଶର ୫ ସବୁଠୁ ପ୍ରଦୂଷିତ ସହରରେ ଓଡ଼ିଶାର ତିନି

ଭୁବନେଶ୍ୱର୨୫।୧୨(ନି.ପ୍ର): ଓଡ଼ିଶାର ବାୟୁ ପ୍ରଦୂଷଣ ଏବେ ଚିନ୍ତାଜନକ ସ୍ଥିତିରେ ପହଞ୍ଚିଛି। ପ୍ରଦୂଷଣ ମାମଲାରେ ଓଡ଼ିଶାର କିଛି ସହର ଏବେ ଦେଶର ରାଜଧାନୀ ଦିଲ୍ଲୀକୁ ମଧ୍ୟ ପଛରେ ପକାଇ ଦେଇଛନ୍ତି । ଆଜି ପୂର୍ବାହ୍ନ ୧୧ଟା ସୁଦ୍ଧା ମିଳିଥିବା ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ରିପୋର୍ଟ ଅନୁଯାୟୀ, ଦେଶର ୫ଟି ସବୁଠାରୁ ପ୍ରଦୂଷିତ ସହର ମଧ୍ୟରେ ଓଡ଼ିଶାର ୩ଟି ସହର ସ୍ଥାନ ପାଇଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟଜନକ ତଥ୍ୟ ହେଉଛି, ୩୩୬ ଏକ୍ୟୁଆଇ ସହ ଓଡ଼ିଶାର ବାଲେଶ୍ୱର ଆଜି ଦେଶର ସବୁଠାରୁ ଅଧିକ ପ୍ରଦୂଷିତ ସହର ଭାବେ ପରିଗଣିତ ହୋଇଛି । ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି ଶିଳ୍ପ ସହର ତାଳଚେର, ଯେଉଁଠାରେ ଏକ୍ୟୁଆଇ ୩୨୪ ରହିଛି । ସେହିପରି ୩୦୪ ଏକ୍ୟୁଆଇ ସହ ବାରିପଦା ସହର ଦେଶର ପଞ୍ଚମ ପ୍ରଦୂଷିତ ସହର ଭାବେ ଚିହ୍ନଟ ହୋଇଛି। ଏହି ତିନୋଟି ସହରରେ ବାୟୁର ମାନ ଅତି ଖରାପ ସ୍ତରରେ ରହିଛି, ଯାହା ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପାଇଁ ଗୁରୁତର ବିପଦ ସୃଷ୍ଟି କରିପାରେ।

ଅନ୍ୟପକ୍ଷରେ, ଯେଉଁ ଦିଲ୍ଲୀ ପ୍ରଦୂଷଣ ପାଇଁ ସବୁବେଳେ ସାରା ଦେଶରେ ଚର୍ଚ୍ଚାରେ ଥାଏ, ସେଠାରେ ଆଜି ଏକ୍ୟୁଆଇ ମାତ୍ର ୨୧୮ ରେକର୍ଡ କରାଯାଇଛି। ଅର୍ଥାତ ଦିଲ୍ଲୀ ତୁଳନାରେ ଓଡ଼ିଶାର ଏହି ସହରଗୁଡ଼ିକର ବାୟୁ ଅଧିକ ବିଷାକ୍ତ ହୋଇପଡ଼ିଛି । ଦେଶର ଅନ୍ୟ ଦୁଇ ପ୍ରଦୂଷିତ ସହର ମଧ୍ୟରେ ପଶ୍ଚିମବଙ୍ଗର ହଳଦିଆ (୩୧୯ ଏକ୍ୟୁଆଇ) ଏବଂ ପଞ୍ଜାବର ରୂପନଗର (୩୧୧ଏକ୍ୟୁଆଇ) ରହିଛନ୍ତି ।

ଏହା କୌଣସି ଗୋଟିଏ ଦିନର ଘଟଣା ନୁହେଁ। ଗତକାଲି ମଧ୍ୟ ଦେଶର ୫ ପ୍ରଦୂଷିତ ସହର ମଧ୍ୟରେ ଓଡ଼ିଶାର ଅନୁଗୁଳ ଓ ତାଳଚେର ରହିଥିଲା । ଗତକାଲି ତାଳଚେରର ଏକ୍ୟୁଆଇ ୩୩୬ ଥିବା ବେଳେ ଅନୁଗୁଳର ୩୦୩ ଥିଲା । କ୍ରମାଗତ ଭାବେ ବଢୁଥିବା ଏହି ପ୍ରଦୂଷଣ ଏବେ ପରିବେଶବିତ ଏବଂ ରାଜ୍ୟ ସରକାରଙ୍କ ପାଇଁ ଏକ ବଡ଼ ଚିନ୍ତାର ବିଷୟ ପାଲଟିଛି। ଯଦି ସମୟ ଥାଉ ଥାଉ ଏଥିପ୍ରତି ପଦକ୍ଷେପ ନିଆନଯାଏ, ତେବେ ଆଗାମୀ ଦିନରେ ସ୍ଥିତି ଅଧିକ ଭୟଙ୍କର ହୋଇପାରେ।



# ସମୁଦ୍ରରେ ଭାସି ଆସିଲା ମହାପ୍ରଭୁଙ୍କ ବିଗ୍ରହ

ପୁରୀ,୨୫।୧୨(ନି.ପ୍ର): ପୁଣି ମହାପ୍ରଭୁଙ୍କୁ ଅପମାନ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ସମୁଦ୍ରରେ ଭାସିବାର ଦୃଶ୍ୟ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି । ଯାହା କୋଟିକୋଟି ଜଗନ୍ନାଥ ପ୍ରେମୀଙ୍କ ଭାବାବେଗକୁ ଆଘାତ ପହଞ୍ଚାଇଛି । ତେବେ ଏହା କେଉଁ ସ୍ଥାନର ଘଟଣା ତାହା ବର୍ତ୍ତମାନ ସୁଦ୍ଧା ପୁରା ସ୍ପଷ୍ଟ ହୋଇପାରିନଥିବା ବେଳେ ଭିଡିଓକୁ ଦେଖିଲେ ଏହା ପୁରୀ ବେଳାଭୂମିର ଦୃଶ୍ୟ ବୋଲି ଅନୁମାନ କରାଯାଉଛି ।

ତେବେ କିଏ ଓ କାହିଁକି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମୂର୍ତ୍ତି ସମୁଦ୍ରରେ ଭସେଇଛି ସେନେଇ କିଛି ସ୍ପଷ୍ଟ ସୂଚନା ନଥିବା ବେଳେ ଏ ଦୃଶ୍ୟ ସମସ୍ତଙ୍କୁ ବ୍ୟଥିତ କରିଛି । ସମୁଦରରେ ମହାପ୍ରଭୁଙ୍କ ମୂର୍ତ୍ତି ଭାସୁଥିବାର ଦେଖି କିଛି ପର୍ଯ୍ୟଟକ ମୂର୍ତ୍ତିକୁ ପାଣି ଭିତରୁ ଆଣୁଥିବା ବେଳେ ଆଉ କିଛି ପର୍ଯ୍ୟଟକମାନେ ସେଲଫି ନେଉଛନ୍ତି। ବେଳାଭୂମିରୁ ମହାପ୍ରଭୁଙ୍କ ମୂର୍ତ୍ତିକୁ ଉଦ୍ଧାର ସମୟରେ ସେଲଫି ନବା ଦୃଶ୍ୟକୁ ସମସ୍ତଙ୍କ ଭାବାବେଗକୁ ଆଘାତ ପହଞ୍ଚିଛି।

# ସାନ୍ତାଳୀ ଭାଷାରେ ସମ୍ବିଧାନ ଲୋକାର୍ପଣ କଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ,୨୫।୧୨: ସାନ୍ତାଳୀ ଭାଷାରେ ଭାରତର ସମ୍ବିଧାନ ଲୋକାର୍ପଣ କରିଛନ୍ତି ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ । ଆଜି ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ସାନ୍ତାଳୀ ଭାଷାରେ ଭାରତର ସମ୍ବିଧାନ ଲୋକାର୍ପଣ କରିଛନ୍ତି ।



ଏହି ଅବସରରେ ରାଷ୍ଟ୍ରପତି କହିଥିଲେ ଯେ ଏହା ସମସ୍ତ ସାନ୍ତାଳୀ ଲୋକଙ୍କ ପାଇଁ ଗର୍ବ ଏବଂ ଆନନ୍ଦର ବିଷୟ । ଭାରତର ସମ୍ବିଧାନ ଏବେ ସାନ୍ତାଳୀ ଭାଷାରେ ଉପଲବ୍ଧ । ଏହି ସମ୍ବିଧାନ ଓଲ୍ ଚିକି ଲିପିରେ ଲେଖାଯାଇଛି । ଏହା ସାନ୍ତାଳୀ ସାମ୍ପ୍ରଦାୟ ଲୋକଙ୍କୁ ନିଜ ଭାଷାରେ ସମ୍ବିଧାନ ପଢ଼ିବା ଏବଂ ବୁଝିବା ପାଇଁ ସକ୍ଷମ କରିବ ବୋଲି ରାଷ୍ଟ୍ରପତି କହିଥିଲେ । ରାଷ୍ଟ୍ରପତି ଆହୁରି କହିଥିଲେ ଯେ ଏହି ବର୍ଷ, ଆମେ ଓଲ୍ ଚିକି ଲିପିର ଶତବାର୍ଷିକୀ ପାଳନ କରୁଛୁ । ଏହି ଅବସରରେ ସେ କେନ୍ଦ୍ର ଆଇନ ଏବଂ ନ୍ୟାୟ ମନ୍ତ୍ରୀଙ୍କୁ ଏଥିପାଇଁ ପ୍ରଶଂସା କରିଥିଲେ । ଏହି ଅବସରରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍ ଓ କେନ୍ଦ୍ର ଆଇନ ଏବଂ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଉପସ୍ଥିତ ଥିଲେ।

୯୨ତମ ସଂଶୋଧନ ଆଇନ, ୨୦୦୩ ମାଧ୍ୟମରେ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ଅନ୍ତର୍ଭୁକ୍ତ ହୋଇଥିବା ସାନ୍ତାଳୀ ଭାଷା ଭାରତର ସବୁଠାରୁ ପ୍ରାଚୀନ ଜୀବନ୍ତ ଭାଷା ମଧ୍ୟରୁ ଗୋଟିଏ । ଝାଡ଼ଖଣ୍ଡ,ଓଡ଼ିଶା,ପଶ୍ଚିମବଙ୍ଗ ଏବଂ ବିହାରରେ ବହୁ ସଂଖ୍ୟକ ଆଦିବାସୀଙ୍କ ସାନ୍ତାଳୀ ଭାଷା ବ୍ୟବହାର କରନ୍ତି ।






# ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଜୟନ୍ତୀ

କେନ୍ଦୁଝର, ୨୫।୧୨:(ମନ୍ଥନ)ଜନନାୟକ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଜୟନ୍ତୀ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ କେନ୍ଦୁଝର ଜିଲ୍ଲାସ୍ତରୀୟ ସୁଶାସନ ଦିବସ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ମିଳନୀ ସାହିତ୍ୟ ସଂସଦର ସଭାପତି ଦେବାଶିଷ ଚକ୍ରବର୍ତ୍ତୀ, ସମ୍ପାଦକ ଚିତ୍ତରଞ୍ଜନ ମିଶ୍ର, କାବ୍ୟାଞ୍ଜଳୀ କାର୍ଯ୍ୟକାରୀ ସମିତିର ଉପଦେଷ୍ଟା ରାଧାକାନ୍ତ ମହାନ୍ତ,ଅଶ୍ୱିନୀ ପଟ୍ଟନାୟକ, ଅବାହକ ଭାବଗ୍ରାହୀ ମହାନ୍ତ ଯୋଗ ଦେଇଥିଲେ । ପ୍ରାରମ୍ଭରେ ମା' ତାରିଣୀ ଓ ପ୍ରଭୁ ବଳଦେବଜୀଉଙ୍କ ସମେତ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହିତ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ସ୍ୱାଗତ ଅଭିଭାଷଣ ପ୍ରଦାନ ପୂର୍ବକ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ସୁଶାସନ ଦିବସର ମହତ୍ୱ ବଖାଣିବା ସହିତ, ଶାସନ ଓ ସୁଶାସନ ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଉଦବୋଧନ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ମହାଲିକ ଲୋକଙ୍କ ପାଇଁ କାମ



କରିବାକୁ ପ୍ରଶାସନ ସର୍ବଦା ତତ୍ପର ଥିବା କହିବା ସହ ଜିଲ୍ଲାରେ ସୁଶାସନର ସମସ୍ତ ଭିତ୍ତିଭୂମିକୁ ସଶକ୍ତ କରାଯାଉଛି ଏବଂ ଏହାର ପ୍ରତିଫଳନ ଜନସାଧାରଣଙ୍କ ନିକଟରେ ପହଁଚୁଛି ବୋଲି କହିଥିଲେ । ନିଜ ଅଭିଭାଷଣରେ ପାଟଣା ବିଧାୟକ ନାଏକ ଅଟଳ ଜୀଙ୍କୁ ପ୍ରକୃତ ଅର୍ଥରେ ଜନନାୟକ ବୋଲି ଅଭିହିତ କରିଥିଲେ । ଭାରତୀୟ ଇତିହାସରେ ସୁଶାସନର ଦୃଢ଼ ପ୍ରବର୍ତ୍ତକ ଭାବରେ ଅଟଳ ବିହାରୀ ବାଜପେୟୀଙ୍କ ନାଁ ସର୍ବଦା ସ୍ମରଣ କରାଯିବ ବୋଲି କହିବା ସହ କେବଳ ଜଣେ ଉଦାରବାଦୀ ରାଜନୀତିଜ୍ଞ ନୁହେଁ ଜଣେ କବି, ସମାଜସେବୀ, ଲେଖକ, ପତ୍ରକାର ଭାବରେ ସମସ୍ତେ ତାଙ୍କୁ ମନେ ରଖିବେ ବୋଲି କହିଥିଲେ । ତାଙ୍କ ନୀତି ଆଦର୍ଶକୁ ପାଥେୟ କରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସବକା ସାଥ ସବକା ବିଶ୍ୱାସ ସବକା ପ୍ରୟାସରେ ବିଶ୍ୱାସ ରଖି ସମାଜର ଓ ଜନସାଧାରଣଙ୍କ ଉନ୍ନତି ଲାଗି ଅବିଶ୍ରାନ୍ତ କାମ କରୁଥିବା କହିଥିଲେ । ସକାଳେ ଏକ ବିଶାଳ ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରିଥିଲା, ଏଥିରେ ସାମିଲ ଥିବା ବିଧାୟକ ପାଟଣା ଅଖିଳ ଚନ୍ଦ୍ର ନାଏକ, ଛାତ୍ରଛାତ୍ରୀ, ଜନସାଧାରଣ ସହରରେ ଥିବା ସମସ୍ତ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ କାବ୍ୟାଞ୍ଜଳି ସମିତିର ମିଳିତ ସହଯୋଗରେ ସହସ୍ରାଧିକ କବି ମାନଙ୍କୁ ନେଇ ସ୍ୱର୍ଗତ ଅଟଳ ଜୀ, ସୁଶାସନ ଏବଂ ଜାତୀୟତାବୋଧ ପ୍ରସଙ୍ଗରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏହାକୁ କାବ୍ୟାଞ୍ଜଳି କାର୍ଯ୍ୟକାରୀ ସମିତି ପକ୍ଷରୁ ରାଧାକାନ୍ତ ମହାନ୍ତ, ଭାବଗ୍ରାହୀ ମହାନ୍ତ ପରିଚାଳନା କରିଥିଲେ । କବି ଓ କବୟିତ୍ରୀ ମାନଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ସଭା ପରିଚାଳନା କରିଥିଲେ, କେନ୍ଦୁଝର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋର୍ତିମୟୀ ନାଏକ ଓ ସମସ୍ତ କର୍ମଚାରୀ ମାନେ ସହଯୋଗ କରିଥିଲେ ।

## ପଟ୍ଟନାଇକିଆ ଡେଲାଙ୍ଗ ଖୋର୍ଦ୍ଧା ରାସ୍ତାରେ ହମ୍ପ ପାଇଁ ଦୁର୍ଘଟଣା ବଢ଼ୁଛି

ଡେଲାଙ୍ଗ, ୨୫।୧୨:(ମନ୍ଥନ) ପଟ୍ଟନାଇକିଆ। ଡେଲାଙ୍ଗ ଖୋର୍ଦ୍ଧା ରୋଡର ଡେଲାଙ୍ଗ ଠାରୁ ତିରୁମଳ ବ୍ରିଜ ପର୍ଯ୍ୟନ୍ତ ରାସ୍ତାରେ ସବୁ ବଜାର ଛକ ମାନଙ୍କରେ ହମ୍ପ ପାଇଁ ଏହି ଅଂଚଳରେ ଦୁର୍ଘଟଣା ସଂଖ୍ୟା ବଢ଼ୁଥିବା ଅଭିଯୋଗ ହୋଇଛି । ଏହି ରାସ୍ତା ପୂର୍ତ୍ତ ବିଭାଗ ଅଧିନରେ ଯାଉଥିବା ବେଳେ ସବୁ ଛକ ବଜାରରେ ହମ୍ପ ସଂଖ୍ୟା ବଢିଥିବା ବେଳେ ହମ୍ପ ଉପରେ କୌଣସି ସରକାରୀ ସୂଚନା ନାହିଁ । ଯାହା ଫଳରେ ଗାଡି ଗୁଡିକ ହମ୍ପ ଥିବା ଜାଣି ନପାରି ପ୍ରତ୍ୟକଦିନ ଦୁର୍ଘଟଣାର ଶିକାର ହେଉଛନ୍ତି । ଏହି ଦୁର୍ଘଟଣାରେ କେତେକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଗୁରୁତର ଆହତ ହୋଇ ମୃତ୍ୟୁ ସହିତ ସଂଗ୍ରାମ ଜାରି ରଖିଛନ୍ତି । ଯଦି ଏହି ରାସ୍ତା ଉପରେ ଥିବା ହମ୍ପ ଗୁଡିକ ଉପରେ ସୂଚନା ଚିହ୍ନ ଦିଆଯାଏୟ ବଡଧରଣ ଆନ୍ଦୋଳନ କୁ କେହି ଏଡାଇ ଦେଇପାରିବେ ନାହିଁ ବୋଲି ଜଣାପଡିଛି । ତୁରନ୍ତ ପୂର୍ତ୍ତ ବିଭାଗ ପକ୍ଷରୁ ହମ୍ପ ଗୁଡିକ ଉପରେ ମାର୍କିଂ ଚିହ୍ନ ଦେଇ ଦୁର୍ଘଟଣାରୁ ଜନସାଧାରଣ ଙ୍କୁ ସୁରକ୍ଷା ଯୋଗାଇଦେବାକୁ ସାଧାରଣରେ ଦାବୀ ହୋଇଛି ।

# ଦମ୍ପତିଙ୍କୁ ପିସ୍ତଲ ଦେଖାଇ ଅଳଙ୍କାର ଲୁଟ ଘଟଣାରେ ୩ ଡକାୟତ ଗିରଫ

ବୁଗୁଡ଼ା, ୨୫।୧୨:(ମନ୍ଥନ) ଗତ ମଙ୍ଗଳବାର ସକାଳ ପ୍ରାୟ ୦୯.୫୦ ସମୟରେ ଓଡଗାଁର ମନୋଜ କୁମାର ପାତ୍ର ତାଙ୍କ ସ୍ତ୍ରୀ ସୋନାଲି ପାତ୍ର ଏବଂ ପୁଅ ସ୍ୱସ୍ତିକ ପାତ୍ର ସହିତ ତାଙ୍କ ଶ୍ୱଶୁର ଘର ଗୋଲାପାଲି ଗ୍ରାମକୁ ଯାଇ ମୋଟର ସାଇକେଲ ଯୋଗେ ଗ୍ରାମକୁ ଫେରୁଥିବା ସମୟରେ ତିନି ଦୁର୍ବୃତ୍ତ ବାଇକ ଯୋଗେ ସେମାନଙ୍କୁ ପିଛା କରି ଗହଙ୍ଗୁ ରୋଡର ବାଲିପଦର ପେଟ୍ରୋଲ ପମ୍ପ ନିକଟରେ ମନୋଜଙ୍କ ସ୍ତ୍ରୀଙ୍କୁ ପିସ୍ତଲ ଦେଖାଇ ବେକରୁ ୧୦ ଗ୍ରାମ ଓଜନର ସୁନା ମଙ୍ଗଳସୂତ୍ର ଏବଂ ୧.୫ ଗ୍ରାମ ଓଜନର ସୁନା ହାର ଝାମ୍ପି ନେଇଥିଲେ । ଏ ସମୟରେ ଭାରସାମ୍ୟ ହରାଇ ମନୋଜଙ୍କ ବାଇକ କଂକ୍ରିଟ୍ ରାସ୍ତାରେ ପଡିଯାଇଥିବା ଫଳରେ ତାଙ୍କ ସ୍ତ୍ରୀଙ୍କ ହାତ ଭାଙ୍ଗି ଯିବା ସହ ଆଣ୍ଠୁ, ଗୋଡ, ପିଠି ଏବଂ ଶରୀରର ଅନ୍ୟାନ୍ୟ ଅଂଶରେ ଆଘାତ ଲାଗିଥିଲା । ତାଙ୍କ ପୁଅର ମଧ ମୁହଁ, ମୁଣ୍ଡ ଏବଂ ପାଦରେ ଆଘାତ ଲାଗିଥିଲାୟ ପଛରେ ବସିଥିବା ଅପରାଧୀମାନଙ୍କ ମଧ୍ୟରୁ ଜଣେ ସେମାନଙ୍କୁ ଟାର୍ଗେଟ କରି ପିସ୍ତଲ ଦେଖାଇଥିଲା ବେଳେ ସିଟ୍ ମଝିରେ ବସିଥିବା ଅନ୍ୟ ଜଣେ ମଙ୍ଗଳସୂତ୍ର ଏବଂ ହାର ଛଡ଼ାଇ ନେଲେ । ଅପରାଧ ଘଟାଇବା ପରେ ସେମାନେ ତାଙ୍କର ମୋଟର ସାଇକେଲରେ ଦ୍ରୁତ ଗତିରେ ପଳାଇଗଲେ । ଘଟଣାଟି ଦେଖିଥିବା ଜଣେ ଗ୍ୟାରେଜ ମେକାନିକ୍ ସ୍ଥାନୀୟ ପୋଲିସକୁ ଫୋନ୍ କରିଥିଲେ । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ଆଜି ଅଭିଯୁକ୍ତ ପ୍ରକାଶ ମାଲିଙ୍କୁ ଗିରଫ କରିବା ସହ ସହଯୋଗୀ ଅଭିଯୁକ୍ତ ରାଜା ପାତ୍ର (୧୯) ଏବଂ ରୁଦ୍ର ନାୟକ (୧୯)କୁ ଗିରଫ କରିବା ସହ ଅଭିଯୁକ୍ତ ପ୍ରକାଶର ବୟାନ ଅନୁଯାୟୀ, ଚୋରି ହୋଇଥିବା ସୁନା ହାର ଏବଂ ଭଙ୍ଗା ମଙ୍ଗଳସୂତ୍ର ଉଦ୍ଧାର କରିଥିଲେ । ସେମାନଙ୍କୁ ୧୫ ଦିନ ପାଇଁ ମଧ୍ୟବର୍ତ୍ତୀକାଳୀନ ନ୍ୟାୟିକ ହାଜତରେ ରଖିବା ପାଇଁ ପ୍ରାର୍ଥନା କରାଯାଇ ଥିବା ବୁଗୁଡ଼ା ଥାନା ଅଧିକାରୀ ସୀତାଂଶୁ ଶେଖର ମାନ୍ଧାତା ସୂଚନା ଦେଇଛନ୍ତି ।

## କନିକା ବ୍ଲକ ଅଞ୍ଚଳରେ ସରକାରଙ୍କ ମଦଦୋକାନ ଖୋଲିବାକୁ ବିରୋଧ

କେନ୍ଦ୍ରାପଡ଼ା, ୨୨୫।୧୨:(ମନ୍ଥନ)ଜିଲ୍ଲାର ଆଳି ଓ ରାଜକନିକା ବ୍ଲକ ଅଞ୍ଚଳରେ ସରକାର ପନ୍ଦରଟି ନୂଆ ମଦ ଦୋକାନ ଖୋଲିବାକୁ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଆଜି ଏହା ବିରୋଧରେ ଆପତ୍ତି ଅଭିଯୋଗ ଦାଖଲର ଶେଷ ତାରିଖ ଥିବା ବେଳେ ନିଶା ନିବାରଣ ଅଭିଯାନ ପକ୍ଷରୁ ପ୍ରତିବାଦ ଦରଖାସ୍ତ ଦାଖଲ କରାଯାଇଛି। ସଂଗଠନର ଜିଲ୍ଲା ସମ୍ପାଦକ ଆଦିକନ୍ଦ ରାଉଳଙ୍କ ନେତୃତ୍ୱରେ ଜିଲ୍ଲା ଉପସଭାପତି ଭାଗୀରଥି ଜେନା, ଆଳି ବ୍ଲକ ସଭାପତି ଲକ୍ଷ୍ମୀଧର ଦୀକ୍ଷିତ, ସମ୍ପାଦକ ଗୋବିନ୍ଦ ନନ୍ଦ, ସହ ସମ୍ପାଦକ ସୋହାନା ବେଗମ୍, ଅମରେନ୍ଦ୍ର ଦାସ, ଧନେଶ୍ୱର ରାଉତ ପ୍ରମୁଖଙ୍କ ଦ୍ୱାରା ଜିଲ୍ଲାପାଳଙ୍କୁ ଦିଆଯାଇଥିବା ଏହି ଅଭିଯୋଗପତ୍ରର ନକଲ ବିଭାଗୀୟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ଅବକାରୀ କମିଶନର ଓ ଅବକାରୀ ଅଧୀକ୍ଷକଙ୍କ ନିକଟକୁ ପଠାଯାଇଥିବା ବେଳେ ଏଥିରେ ସରକାରଙ୍କୁ ତାଙ୍କର ନିର୍ବାଚନ କାଳୀନ ପ୍ରତିଶ୍ରୁତିକୁ ସ୍ମରଣ କରାଇ ଦିଆଯାଇ ସରକାର ରାଜସ୍ୱ ବୃଦ୍ଧି ପାଇଁ ଆପଣାଉଥିବା ଏପରି ଜନବିରୋଧୀ କାର୍ଯ୍ୟକ୍ରମରୁ ବିରତ ରହିବାକୁ ଅନୁରୋଧ କରାଯାଇଛି। ଜିଲ୍ଲାପାଳଙ୍କ ସହ ଆଲୋଚନା କାଳରେ ଏହି ଘଟଣାକୁ ନେଇ ଆଳି କନିକା ଅଞ୍ଚଳରେ ଏବେ ସୃଷ୍ଟି ହୋଇଥିବା ଜନ ଅସନ୍ତୋଷ ସମ୍ପର୍କରେ ସୂଚାଇ ଦିଆଯାଇଥିଲା।

# ମଠଖାଇ ମହୋତ୍ସବ ଅବସରରେ ତହଁକ୍ ପକ୍ଷରୁ କୋଶଲି କବିତା ଆସର

୨୫।୧୨:(ମନ୍ଥନ)ସ୍ଥାନୀୟ ଗାନ୍ଧୀ ପାଠାଗାର ଠାରେ ମଠଖାଇ ମହୋତ୍ସବ ଅବସରରେ ତହଁକ୍ ପକ୍ଷରୁ କୋଶଲୀ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ବିଧାୟକ ନରସିଂହ ମିଶ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ନରସିଂହ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଚିତ୍ତରଞ୍ଜନ ଦାଶ ଏବଂ ବୀରେନ୍ଦ୍ର ବନଛୋର ଯୋଗଦେଇଥିଲେ । ଜିତେନ୍ଦ୍ରୀୟ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବାବେଳେ, ତହଁକ୍ ମୁଖ୍ୟ



ସମ୍ପାଦକ ଅର୍ଜୁନ କୁମାର ସାହୁ ସଭା ସଂଯୋଜନା କରିଥିଲେ । ଭୂମିକାର ବରିଷ୍ଠ ସଦସ୍ୟ ଶିରିଷ ହୋତା କବି ମାନଙ୍କୁ ଉତ୍ସାହିତ କରିଥିଲେ । କବି ଆନନ୍ଦ ଚନ୍ଦ୍ର ସାହୁ, ମଧୁସୂଦନ ଦାସ, ସୁଶାନ୍ତ ବାଗ, ନେପାଳ ବାଗ୍, ଗୟାଧର ପଟେଲ, ନିରୁପମା ମିଶ୍ର, ଗୋପାଳ ମେହେର, ଗୋପୀନାଥ ଦଣ୍ଡସେନା, କବିତା ମିଶ୍ର,ଡକ୍ଟର ଧର୍ମେନ୍ଦ୍ର ପ୍ରଧାନ, ମିଳନ ପଣ୍ଡା, ନିକିତା ସା, ଶୁଭସ୍ମିତା ମାହାଣା, ଦିଲ୍ଲିପ ପୁରୋହିତ,ତପସ୍ୱିନୀ ପଶାୟତ, ନିର୍ମାଲ୍ୟ ସ୍ୱାଇଁ, ପୁସ୍ତମ କୁଅାଡ଼ି, ସୁନୀତା ତ୍ରିପାଠୀ, ଅଭିଜିତ ଫରିକାର, ହରିଶଙ୍କର ପୁରୋହିତ, ଆର୍ତ୍ତତ୍ରାଣ ପାଢ଼ି କବିତା ପଠନ କରିଥିଲେ । ତହଁକ ସମ୍ପାଦକ ରାଜେଶ ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ପିପିଲିରୁ ୬୩ଗ୍ରାମ ବ୍ରାଉନସୁଗାର ଜବତ ଜଣେ ଗିରଫ

ପିପିଲି, ୨୫।୧୨:(ମନ୍ଥନ) ପିପିଲି ଅବକାରୀ ବିଭାଗ ପକ୍ଷରୁ ପିପିଲି ପୌରାଞ୍ଚଳର ବିଭିନ୍ନ ସ୍ଥାନ ରେ ଚଢାଉ କରି ଜଣକକୁ ଦେବୀଗଳି ଧନେଶ୍ୱର ମନ୍ଦିର ନିକଟରୁ ଗିରଫ କରିଛନ୍ତି । ତାଠାରୁ ୬୩ଗ୍ରାମ ବ୍ରାଉନସୁଗାର ଜବତ କରିଛନ୍ତି । ଗିରଫ ଅଭିଯୁକ୍ତ ହେଲେ ବଣିଆସାହି ର ସୁରେଶ ନାୟକ । ଏନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି । ଗିରଫ ଅଭିଯୁକ୍ତକୁ ଏନଡିପିଏସ ଆକ୍ଟରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ନେଇ ପିପିଲି ଅବକାରୀ ବିଭାଗ ଏଏସଆଇ ଶୁଭସ୍ମିତା ସାହୁ ସୂଚନା ଦେଇଛନ୍ତି ।

# ନୟାଗଡ଼ ଜିଲ୍ଲା ସଦର ମହକୁମାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ନିରବପ୍ରତିବାଦ

ନୟାଗଡ଼, ୨୫।୧୨:(ମନ୍ଥନ)ଅପରାହ୍ନ ୪ ଘଟିକା ସମୟେ ଜୟ ନୟାଗଡ଼ ଫାଉଣ୍ଡେସନ ତରଫରୁ ନୟାଗଡ଼ ଟ୍ରାଫିକ ଛକ ଭାଗବତ ବେହେରାଙ୍କ ପ୍ରତିମୂର୍ତ୍ତି ନିକଟରେ ନୟାଗଡ଼ ସଦର ମହକୁମାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିକୁ ନେଇ ମୁହଁରେ ଧଳା କପଡା ଗୁଡ଼ାଇ ପ୍ଲାକାର୍ଡ ଧରି 'ନିରବ(ମୌନ) ପ୍ରତିବାଦ' କରାଯାଇଅଛି । ନୟାଗଡ଼ ଜିଲ୍ଲାର ଜନସାଧାରଣ ଉତ୍ତମ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ଥିବାବେଳେ ନୟାଗଡ଼ ସଦର ମହକୁମାରେ ମେଡିକାଲ କଲେଜ ଘୋଷଣା ଦିନକୁ ଦିନ ଗଡିଯାଉଥିବା ବେଳେ ଜିଲ୍ଲା ମହୋତ୍ସବ ଏକ ଭେଳିକି ନୁହେଁ କି ବୋଲି ଫାଉଣ୍ଡେସନର ପ୍ରତିଷ୍ଠାତା ଶେଖ ଅବଦୁଲ ଆହାଦ ପ୍ରଶ୍ନ କରିଛନ୍ତି । ସେହିଭଳି ଫାଉଣ୍ଡେସନର ଅନ୍ୟତମ ପ୍ରମୁଖ ସଦସ୍ୟ ଆଇନଜୀବି ମନୋଜ କୁମାର ସାହୁଙ୍କୁ ଇଟାମାଟି ଥାନାରେ ଏ



ପ୍ରତିବାଦ ପୂର୍ବରୁ ରଖିବା ନିହାତି ଅଯୁକ୍ତିଯୁକ୍ତ । ଆଜିର ପ୍ରତିବାଦ କାର୍ଯ୍ୟକ୍ରମକୁ ଜିଲ୍ଲା ମହୋତ୍ସବ କାରଣ ହେତୁ ଗହଳି ନକରିବାର ପୂର୍ବରୁ ନିର୍ଦ୍ଦେଶ ରହିଥିବା ବେଳେ ସଂଗଠନ ତରଫରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅନୁମତି ମଗାଯାଇଥିଲା କିନ୍ତୁ ସନ୍ଧ୍ୟା ୫.୨୦ ସମୟରେ ପ୍ରତିବାଦସ୍ଥଳରେ ଟାଉନ ଥାନାଧିକାରୀ ପହଞ୍ଚି 'ମୌନ ପ୍ରତିବାଦ' କାର୍ଯ୍ୟକ୍ରମକୁ ବନ୍ଦ କରେଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ସଂଗଠନର ସଂଯୋଜକ ଅମ୍ଲାନ ଅଂଶୁମାନ ସାହୁ, ପ୍ରକୃତିବନ୍ଧୁ ଶ୍ରୀଧର ପ୍ରଧାନ, ଛାତ୍ର ସଂଗଠକ ଜୀବନ ଜ୍ୟୋତିପ୍ରକାଶ ରାଉତ, ଓଁ ପ୍ରସାଦ ପ୍ରଧାନ, ଅବଦୁଲ ଆଜିମ ଖାନ, ସଂଗଠନର ସୋସିଆଲ ମିଡ଼ିଆ। ସଂଯୋଜକ ଅରବିନ୍ଦ ପାଢ଼ୀ, ରାକେଶ କୁମାର ସିଠ, ମଲ୍ଲିକ ମହମ୍ମଦ ମୁବାସିର, ଅନୁରାଗ ସ୍ୱାଇଁ, ଲକେଶ କୁମାର ବେହେରା, ସୁନୀଲ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ । ଆଗାମୀ ଦିନରେ ଜୟ ନୟାଗଡ଼ ଫାଉଣ୍ଡେସନ ତରଫରୁ ପ୍ରତ୍ୟେକ ବ୍ଲକରେ ନୟାଗଡ଼ ସଦର ମହକୁମାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ନେଇ 'ମଶାଲ ଶୋଭାଯାତ୍ରା' ଆସନ୍ତା ଜାନୁଆରୀ ୩ ତାରିଖରୁ ଆରମ୍ଭ କରାଯିବ ।

# ଜାତୀୟ ଉପଭୋକ୍ତା ଦିବସ ପାଳିତ

ଜଗତସିଂହପୁର, ୨୫।୧୨:(ମନ୍ଥନ) ରିଖି ଜିଲ୍ଲା ସ୍ତରୀୟ ଜାତୀୟ ଉପଭୋକ୍ତା ଦିବସ-୨୦୨୫ ଜିଲ୍ଲା ପ୍ରଶାସନ, ଜଗତସିଂହପୁର (ବୈଧମାପ ବିଜ୍ଞାନ) ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ବିଭାଗ, ଉପଭୋକ୍ତା ସୁରକ୍ଷା ଅଭିଯାନ ଓଡିଶା ଓ ସ୍ୱାମୀ ବିବେକାନନ୍ଦ ସ୍ମାରକି ସ୍ୱୟଂ ଶାସିତ ମହାବିଦ୍ୟାଳୟର ମିଳିତ ସହଯୋଗରେ ସ୍ୱାମୀ ବିବେକାନନ୍ଦ ସ୍ମାରକି ସ୍ୱୟଂ ଶାସିତ ମହାବିଦ୍ୟାଳୟ ଠାରେ ପାଳିତ ହୋଇଯାଇଛି । ଉକ୍ତ ସଭାରେ ଅଭିଯାନର ସମ୍ପାଦକ ଗୋବିନ୍ଦ ଓଝା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଖାଉଟି ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ଜ୍ୟୋତିଶଙ୍କର ରାୟ ବୈଦ୍ୟୁତିକ ମାଧମରେ ପ୍ରଭାବଶାଳୀତ୍ୱରିତ ନ୍ୟାୟ କିପରି ଉପଭୋକ୍ତାମାନେ ପାଇପାରିବେ ସେ ସମ୍ପର୍କରେ ଉଦାହରଣ ଦେଇ ବୁଝାଇଥିଲେ । ମୁଖ୍ୟ ବକ୍ତା ଭାବରେ ଜିଲ୍ଲା ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗର ସଭାପତି ଶ୍ରୀଯୁକ୍ତ ପ୍ରଭାତ କୁମାର ପାଢୀ ଉପସ୍ଥିତ ଛାତ୍ର / ଛାତ୍ରୀ ମାନେ ତଥା ଖାଉଟିମାନେ ଠକେଇରେ ପଡିଲେ କିଭଳି ଇ-ଫାଇଲିଂ କରି ତ୍ୱରିତ ନ୍ୟାୟ ପାଇ ପାରିବେ ସେ ସମ୍ପର୍କରେ ଅବଗତ କରାଇଥିଲେ । ସମ୍ମାନିତ ଅତିଥି ଭାବରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀମତୀ ପ୍ରତିଚୀ ତନୟା ମହାନ୍ତି ଖାଉଟି ସଚେତନ ହେଲେ ସୁରକ୍ଷିତ ରହିବେ ବୋଲି ମତବ୍ୟକ୍ତ କରିଥିଲେ । ମହାବିଦ୍ୟାଳୟର ଅଧକ୍ଷା ଡଃ ସୁଜାତା ଓଡା ଖାଉଟି କିପରି ରାଜା ତାହା ପ୍ରାଞ୍ଜଳ ଭାବେ ଉଦାହରଣ ଦେଇ ଥିବାବେଳେ ଜିଲ୍ଲା ଉପଭୋକ୍ତା ସୁରକ୍ଷା ପରିଷଦର ସଦସ୍ୟା ଶ୍ରୀମତୀ ବିଜୟଲକ୍ଷ୍ମୀ ମହାପାତ୍ର ଖାଉଟିମାନେ ବିଭ୍ରାନ୍ତିକର ବିଜ୍ଞାପନର ଭ୍ରମରେ ନ ପଡି ସଠିକତା ବାଛିବାର ଆବଶ୍ୟକତା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ । ଅନ୍ୟତମ ସମ୍ମାନତୀତ ଅତିଥି ଜିଲ୍ଲା ବୈଧମାପ ବିଜ୍ଞାନ ଅଧିକାରୀ (ଯୁଗ୍ମ ନିୟନ୍ତ୍ରକ) ଶ୍ରୀଯୁକ୍ତ ଗୌରାଙ୍ଗ ଚନ୍ଦ୍ର ଜେନା ଓଜନରେ ଠକେଇ ଓ ପ୍ୟାକେଟରେ ଥିବା ସୂଚଙ୍କଙ୍କୁ ସ୍ୱତନ୍ତ୍ର ଭାବେ କାର୍ଯ୍ୟରେ ଦେଖାଇଥିଲେ ।

# ବାଂଲାଦେଶରେ ହିନ୍ଦୁ ଶ୍ରମିକଙ୍କୁ ନିର୍ଯ୍ୟାତନା ଓ ହତ୍ୟା ପ୍ରତିବାଦରେ ବିକ୍ଷୋଭ

କେନ୍ଦ୍ରାପଡ଼ା,୨୫।୧୨:(ମନ୍ଥନ) ଡିସେମ୍ବର ୧୮ ତାରିଖରେ ବାଂଲାଦେଶରେ ଶ୍ରମିକ ଭାବେ କାମ କରୁଥିବା ଦିପୁଚନ୍ଦ୍ର ଦାସଙ୍କୁ ବିଧର୍ମୀ କଟ୍ଟର ପନ୍ଥି ସଂଖ୍ୟାଲଘୁଙ୍କ ଦ୍ୱାରା ନିର୍ମମ ମାଡ଼ ମାରି ଗଛରେ ବାନ୍ଧି ଜୀବନ୍ତ ଅବସ୍ଥାରେ ନିଆଁ ଲଗାଇ ହତ୍ୟା କରାଯାଇଥିଲା। ଏଥିସହିତ ସେହି ହତ୍ୟାକୁ ଗଣ ପର୍ବ ଭଳି ପାଳନ କରାଯାଇ ଥିଲା। ସେହି ଘଟଣାର ପ୍ରତିବାଦରେ ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳ ପକ୍ଷରୁ ଆଜି ଅପରାହ୍ନରେ ନୂଆ ବସ୍ଷ୍ଟାଣ୍ଡରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ବାଂଲାଦେଶର ହିନ୍ଦୁ ହତ୍ୟାକାରୀ ପ୍ରଧାନ ମନ୍ତ୍ରୀ ମହମ୍ମଦ ୟୁନସ ଓ ବାଂଲାଦେଶ ଅସ୍ଥିରତାର ମୁଖ୍ୟ ଖଳନାୟକ୍ ଆସିବ ମୁନିରର କୁଶପୁତଳିକା ଦାହ କରାଯାଇଥିଲା। ଉକ୍ତ ଘଟଣାକୁ ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳ ତୀବ୍ର ନିନ୍ଦା କରିବା ସହ ସରକାର ଙ୍କ ନିକଟରେ ୩ ଟି ଦାବି ରଖିଛି। ସେହି ଦାବି ଗୁଡିକ ହେଉଛି ବାଂଲାଦେଶୀ ହିନ୍ଦୁ ମାନଙ୍କ ସୁରକ୍ଷା ନିମନ୍ତେ ଉକ୍ତ ଘଟଣା କ୍ରମ ଉପରେ ଭାରତ ସରକାର ସିଧା ସଳଖ ହସ୍ତକ୍ଷେପ କରନ୍ତୁ ଏବଂ ଉକ୍ତ ଘଟଣାର ଅଭିଯୁକ୍ତ ମାନଙ୍କୁ ଚିହ୍ନଟ କରାଯାଇ ବିଶ୍ୱ ସମୁଦାୟ ସାମ୍ନାରେ ଫାଶୀ ଖୁଣ୍ଟରେ ଚଢ଼ାଯାଉ। ଆମ ଦେଶ ଓ ରାଜ୍ୟରେ ରହୁଥିବା ରୋହିଙ୍ଗିଆ ବାଂଲାଦେଶୀ ମାନଙ୍କୁ ଗଳା ଧକ୍କା ଦେଇ ବିଦା କରାଯାଉ। ଭାରତ ସରକାର ବାଂଲାଦେଶୀ ଅତ୍ୟାଚାରୀତ ହିନ୍ଦୁମାନଙ୍କୁ ସସମ୍ମାନେ ଭାରତକୁ ଆଣି ସ୍ଥାୟୀ ବାସିନ୍ଦାର ସିକୃତି ଦିଅନ୍ତୁ। ଆଜିର ବିକ୍ଷୋଭ ପ୍ରଦର୍ଶନ ରେ ବିଶ୍ୱହିନ୍ଦୁ ପରିଷଦ ପୂର୍ବ ପ୍ରାନ୍ତ ସଂଗଠନ ମନ୍ତ୍ରୀ ଶରତ କୁମାର ପ୍ରଧାନ ଯୋଗ ଦେଇ ବିକ୍ଷୋଭ ବିଷୟରେ ସମ୍ପୂର୍ଣ ତଥ୍ୟ ରଖିବା ସହ ଘଟଣାକୁ ତୀବ୍ର ନିନ୍ଦା କରିବା ସହ ହିନ୍ଦୁମାନଙ୍କୁ ଏକତା ହୋଇ ରହିବା ପାଇଁ କହିଥିଲେ। ବିଭାଗ ସମ୍ପାଦକ ବିରେନ୍ଦ୍ର ସାମଲ, ଜିଲ୍ଲା ସଭାପତି ଅଦୈତ ସ୍ୱାଇଁ, ଜିଲ୍ଲା ସମ୍ପାଦକ ଚିତ୍ତ ରଂଜନ ଖୁଣ୍ଟିଆ, ସହ ସମ୍ପାଦକ ସନ୍ତୋଷ ସାହୁ, ବଜରଙ୍ଗ ଦଳ କେନ୍ଦ୍ରାପଡ଼ା ଜିଲ୍ଲା ସଂଯୋଜକ ଶୁଭ୍ରାଂଶୁ ଶେଖର ରାଉତ, ଦୁର୍ଗା ବାହିନୀ ସଂଯୋଜିକା ଆଶାଲତା ମଲ୍ଲିକ, ବଜରଙ୍ଗ ଦଳ କେନ୍ଦ୍ରାପଡ଼ା ଜିଲ୍ଲା ସହ ସଂଯୋଜକ ଯସପାଲ୍ ସୁତାର, ନୀଳକଣ୍ଠ ସ୍ୱାଇଁ, ଉପ ସଭାପତି ପ୍ରଦୀପ କିଶୋର ନାୟକଙ୍କ ସମେତ ବହୁ ସଂଖ୍ୟକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## 'ଓଡ଼ିଆ ଖାଦ୍ୟ ମହୋତ୍ସବ-୨୦୨୫ର ଦ୍ୱିତୀୟ ଦିବସ

ଭୁବନେଶ୍ୱର, ୨୫।୧୨:(ମନ୍ଥନ) ଓଡ଼ିଆ ଖାଦ୍ୟ ଆମର ସଂସ୍କୃତିକୁ ରୁଦ୍ଧିମନ୍ତ କରିଥିଲା, ମାତ୍ର ବିଭିନ୍ନ ପରିସ୍ଥିତିରେ ଓଡ଼ିଆ ସଂସ୍କୃତିର ଅବକ୍ଷୟ ହେବା ସହିତ ଓଡ଼ିଆ ଖାଦ୍ୟର ମହତ୍ୱ କମିବାରେ ଲାଗିଛି । ବାସ୍ତବରେ ଓଡ଼ିଶାର ଖାଦ୍ୟ ଉଭୟ ଆର୍ଥିକ ଅଭିବୃଦ୍ଧି ସହିତ ସାମାଜିକ ସମରସତା ବୋଲି ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ଉତ୍ସବରେ ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି ଯେ, ଓଡ଼ିଆ ଖାଦ୍ୟମହୋତ୍ସବ ରାଜ୍ୟରେ ପ୍ରଥମ ଓ ଏକ ସଫଳ ପ୍ରୟାସସମ୍ମାନନୀୟ ଅତିଥି ଗଣ କହିଛନ୍ତି ଯେ, ଓଡ଼ିଆ ଖାଦ୍ୟ ସଂସ୍କୃତିର ତୁଳନା କରାଯାଇପାରିବ ନାହିଁ। ଜଗନ୍ନାଥ ସଂସ୍କୃତି ସହିତ ଓଡ଼ିଶାର ମହାନ ଖାଦ୍ୟ ପରମ୍ପରା ସହିତ ଜଡ଼ିତ। ମାତ୍ର ପାଶ୍ଚାତ୍ୟର ସଭ୍ୟତା ପ୍ରଭାବରେ ଆମେ ଆମର ଖାଦ୍ୟ ପରମ୍ପରା ପ୍ରତି ଆମର ବିଶ୍ୱାସ ରହୁନାହିଁ। ଅପରପକ୍ଷରେ ଓଡ଼ିଆ ଖାଦ୍ୟ ସ୍ୱାସ୍ଥ୍ୟ ସହିତ ସମ୍ପର୍କ ରହିଛି । କିନ୍ତୁ ଆମେ ପାଶ୍ଚାତ୍ୟ ପ୍ୟାକେଟ୍ ଖାଦ୍ୟ କ୍ଷଣିକ ଆନନ୍ଦ ଅନୁଭବ କରୁଛି ସିନା ପ୍ରକାନ୍ତରେ ରୋଗକୁ ଆମନ୍ତ୍ରଣ କରୁଛି । ଏହାର ପରିବର୍ତନ ହେବା ଏକାନ୍ତ ପ୍ରୟୋଜନ ଅଟେ । ଆଦିବାସୀ ପରମ୍ପରାରେ ଖାଦ୍ୟ ସଂସ୍କୃତି ସମୃଦ୍ଧ ଅଟେ । ଅନ୍ୟତମ ସମ୍ମାନିତ ଅତିଥି ଭାବରେ ପିପିଲିର ବିଧାୟକ ଶ୍ରୀ ଆଶ୍ରିତ ପଟ୍ଟନାୟକ ବାସ୍ତବରେ ଉତ୍ସବ ପାଇଁ ଉଦ୍ଦିଷ୍ଟ ହେବା ଉଚିତ ନୁହେଁ। ବିଶ୍ୱ ଓଡ଼ିଆ ପରିବାର ଯେଉଁ ମହାନ ପ୍ରୟାସ କରିଛି, ଅନୁମେୟ ହେଉଛି ଯେ, ଓଡ଼ିଆ ଖାଦ୍ୟର ପ୍ରଚାର ଓ ପ୍ରସାର ଦିଗରେ ଏହା ସହାୟକ ହେବ।ଉତ୍ସବରେ ଓଡ଼ିଶାର ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଉପ-ସଭାପତି ଶ୍ରୀ ବୈଜୟନ୍ତ ପଣ୍ଡା, ପିପିଲି ବିଧାୟକ ଶ୍ରୀ ଆଶ୍ରିତ ପଟ୍ଟନାୟକ, ପୂର୍ବତନ ବିଧାୟିକା ଶ୍ରୀମତୀ କୁସୁମ ଟେଟେ,ଓଡ଼ିଶା ଶିଶୁଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ଶ୍ରୀମତୀ ବବିତା ପାତ୍ର,ଓଡ଼ିଶା ଶିଶୁଅଧିକାର ସୁରକ୍ଷା ଆୟୋଗର ସଭ୍ୟା ଶ୍ରୀମତୀ କସ୍ତୁରୀ ମିଶ ଯୋଗ ଦେଇଥିଲେ।

# ସିଙ୍ଗାପୁରରେ ଚାକିରି ଦେବା ନାଁରେ ଶତାଧିକ ଯୁବକଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗ, ଅଭିଯୁକ୍ତ ଗିରଫ

କୁକୁଡାଖଣ୍ଡି, ୨୫।୧୨:(ମନ୍ଥନ) ସିଙ୍ଗାପୁରରେ ଚାକିରି ଦେବାକୁ କହି ଗଞ୍ଜାମ ଜିଲା ସମେତ ଆଖପାଖ ଅଞ୍ଚଳର ୫୦୦ରୁ ଅଧିକ ବେକାର ଯୁବକଙ୍କ ଠାରୁ ୧ କୋଟି ଟଙ୍କାରୁ ଅଧିକ ଟଙ୍କା ଠକି ନେବା ଅଭିଯୋଗରେ ସଦର ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତ ଜଣକ ହେଲେ ବ୍ରହ୍ମପୁର ହିଲପାଟଣା ୩ୟ ଲାଇନର ସୁବ୍ରତ କୁମାର ପାଳ(୪୫) । ଅଭିଯୁକ୍ତ ସୁବ୍ରତ ନାଁରେ ବ୍ରହ୍ମପୁର ଟାଉନ ଥାନା, ଟିକାବାଲି ଥାନା ଏବଂ ଆନ୍ଧ୍ରପ୍ରଦେଶ ବିଜୟନଗର ଗ୍ରାମୀଣ ଥାନାରେ ଠକେଇ ମାମଲା ରହିଥିବା ପୁଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି । ପୁଲିସ ଅଭିଯୁକ୍ତ ସୁବ୍ରତ ନିକଟରୁ ଫ୍ଲାଇଟ ଟିକଟର ଫଟୋକପି, କମ୍ପ୍ୟୁଟର ପ୍ରସ୍ତୁତ ସିଙ୍ଗାପୁରର କାର୍ଯ୍ୟାଦେଶ, ସ୍ୱାସ୍ଥ୍ୟ ଯାଞ୍ଚ ରିପୋର୍ଟ, ନିଯୁକ୍ତିପତ୍ର, ୨ଟି ମୋବାଇଲ ଜବତ କରିଛି । ସୂଚନାଥାଉକି, ୨୦୧୯ରେ ଗୋପାଳପୁର ଥାନା ଅନ୍ତର୍ଗତ ଟାଟା କଲୋନୀର ବି. ଗିରିଧାରୀ ରାଓ ଚାକିରି ସନ୍ଧାନରେ ରହିଥିଲେ । ବ୍ରହ୍ମପୁର ନିକଟ ଭାବିନିପୁର ଠାରେ ଅଭିଯୁକ୍ତ ସୁବ୍ରତ ପାଳ ଓ ବଳରାମ ମହାରଣା ଏକ ଜବ୍ ଟ୍ରାକ୍ କନ୍ସଲଟାନ୍ସି ଖୋଲି ବେକାର ଯୁବକ ଯୁବତୀଙ୍କୁ ସିଙ୍ଗାପୁର ଭଳି ଦେଶରେ ବିଭିନ୍ନ ପ୍ରକାର କାମ ତଥା ଚାକିରି



ଦେଉଥିବା ଗିରିଧାରୀ ଜାଣିବାକୁ ପାଇଥିଲେ । ସେହିକ୍ରମରେ ସେ ସୁବ୍ରତଙ୍କ ଉକ୍ତ କାର୍ଯ୍ୟାକାଳୟକୁ ଯାଇ ସିଙ୍ଗାପୁରରେ କାମ କରିବା ବିଷୟରେ ବୁଝାସୁଝା କରିଥିଲେ । ସିଙ୍ଗାପୁରରେ ଚାକିରି କରିବାକୁ ହେଲେ ତାଲିମ, ପାସପୋର୍ଟ, ଭିସା, ଫ୍ଲାଇଟ ଟିକଟ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ୩୦ ରୁ ୪୦ ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି କୁହାଯାଇଥିଲା । ସେହିକ୍ରମରେ ସୁବ୍ରତ ପ୍ରାଥମିକ ପର୍ଯ୍ୟାୟରେ ୩୦ ହଜାର ଟଙ୍କା ଦେଇ ସୁବ୍ରତଙ୍କ ସଂସ୍ଥାରେ ସିଙ୍ଗାପୁର ଯାଇ ଚାକିରି କରିବାକୁ ତାଲିମ ନେଇଥିଲେ । ସେହି ସମୟରେ ବ୍ରହ୍ମପୁର ସମେତ ଆଖପାଖ ଜିଲାର ପାଖାପାଖି ୫୦୦ ଜଣ ବେକାର ଯୁବକ ସୁବ୍ରତଙ୍କ ଏହି ସଂସ୍ଥାରେ ତାଲିମ ନେଇ ସିଙ୍ଗାପୁର ଯିବାକୁ ଅପେକ୍ଷାରତ ଥିଲେ । ଅଭିଯୁକ୍ତ ସୁବ୍ରତ ତାଲିମ ପରେ ପର୍ଯ୍ୟାୟକ୍ରମରେ ସିଙ୍ଗାପୁର ପଠାଇବେ ବୋଲି ସମସ୍ତ ଯୁବକଙ୍କୁ କହୁଥିଲେ । ଏହି ଯୁବକଙ୍କ ଠାରୁ ୩୦ ହଜାର ଲେଖାଏଁ ଆଦାୟ କରି ସେ ତାମିଲ ଦେଇଥିଲେ । ଏପରିକି ଅନେକ ଜଣଙ୍କ ଠାରୁ ଫ୍ଲାଇଟ ଟିକଟ ବାବଦକୁ ୭୦୦୦ ଏବଂ ସ୍ୱାସ୍ଥ୍ୟଯାଞ୍ଚ ପାଇଁ ପୁଣି ୩ ହଜାର ଆଦାୟ କରିଥିଲେ । ହେଲେ ଯେଉଁ ଦିନ ପ୍ରଥମ ପର୍ଯ୍ୟାୟ ଯୁବକମାନେ ସିଙ୍ଗାପୁର ଯିବାକୁ ଚେନ୍ନାଇରେ ପହଞ୍ଚିଥିଲେ ସେହିଦିନ ସୁବ୍ରତ ନିଜ ମୋବାଇଲ ବନ୍ଦ କରି ଦେଇଥିଲେ । ଫଳରେ ଏହି ଯୁବକମାନେ ନିଜ ନିଜ ଅଞ୍ଚଳକୁ ଫେରବିକୁ ବାଧ୍ୟ ହୋଇଥିଲେ । ସୁବ୍ରତ ଓ ତାଙ୍କ ସଂସ୍ଥା ଦ୍ୱାରା ଠକେଇର ଶିକାର ହୋଇଥିବା ଯୁବକମାନେ ଭାବିନିପୁର ସ୍ଥିତ ଉକ୍ତ କାର୍ଯ୍ୟାଳୟକୁ ଯାଇ ଦେଖିବା ବେଳେ ସେଠାରେ କାର୍ଯ୍ୟାଳୟ ନଥିଲା ଓ ସୁବ୍ରତ ମଧ ସ୍ଥାନୀୟ ଅଞ୍ଚଳରୁ ଫେରାର ଥିବା ଯୁବକମାନେ ଜାଣିବାକୁ ପାଇଥିଲେ । ଏହାପରେ ଗିରିଧାରୀ ସଦର ଥାନାକୁ ଯାଇ ଅଭିଯୋଗ କରିଥିଲେ । ଅଭିଯୋଗ ପ୍ରକାରେ ପୁଲିସ ଏକ ମାମଲା ୧୪୧/୧୯ ରୁଜୁ କରି ତଦନ୍ତ ଚଳାଇଥିଲା । ମାମଲା ରୁଜୁ ହେବା ପରଠାରୁ ପୁଲିସ ନଜରରୁ ଫେରାର ଥିବା ଅଭିଯୁକ୍ତ ସୁବ୍ରତ ବ୍ରହ୍ମପୁର ହିଲପାଟଣାରେ ରହୁଥିବା ଜଣାପଡିବା ପରେ ପୁଲିସ ସେଠାରୁ ତାଙ୍କୁ କାବୁ କରିଥିଲା । ସିଙ୍ଗାପୁରରେ ଚାକିରି ନାଁରେ ଅଭିଯୁକ୍ତ ସୁବ୍ରତ ଓ ତାଙ୍କ ସହଯୋଗୀ ଦେଢ କୋଟିରୁ ଅଧିକ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା । ଆଜି ସୁବ୍ରତଙ୍କୁ ଗିରଫ ପରେ ଅଦାଲତ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନ ସୂଚନା ଦେଇଛନ୍ତି ।

## ଯୁବ ନେତା ସନ୍ତୋଷଙ୍କ ଜନ୍ମ ଦିନରେ ଆୟାପ୍ପା ସ୍ୱାମୀ ପୂଜା ଏବଂ ଭଜନ କାର୍ଯ୍ୟକ୍ରମ

ବ୍ରହ୍ମପୁର, ୨୫।୧୨:(ମନ୍ଥନ) ସ୍ଥାନୀୟ ନୂତନ ବସ୍ ଷ୍ଟାଣ୍ଡ ରୋଡ୍ ନିକଟସ୍ଥ ଅଶୋକ ନଗର ଷଷ୍ଠ ଲାଇନ ଠାରେ ବୁଧୁବାର ସାହି ନିବାସୀ ପାତ୍ର ପରିବାର ପକ୍ଷରୁ ଆୟାପ୍ପା ସ୍ୱାମୀ ପୂଜା ଏବଂ ଭଜନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଯୁବ ନେତା ଶ୍ରୀ ଏ ସନ୍ତୋଷ ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପବିତ୍ର କାର୍ଯ୍ୟକ୍ରମ ଗତ ୧୪ ବର୍ଷ ଧରି ଅନୁଷ୍ଠିତ ହେଉଥିବା ହେଉଥିବା ବେଳେ, ଚଳିତ ବର୍ଷ ମଧ ଅତି ଆଡ଼ମ୍ବର ସହକାରେ ପାଳନ କରାଯାଇଛି । ସୂଚନା ଅନୁସାରେ ପ୍ରାତଃ ସମୟରେ ଗୁରୁ ଶ୍ରୀନିବାସ ସ୍ୱାମୀଙ୍କ ପୌରହିତ୍ୟରେ ଆୟାପ୍ପାଙ୍କ ନିତିକାନ୍ତି ଅର୍ଥାତ୍ ସ୍ୱାଗତ ପୂଜାର୍ଚ୍ଚନା, ସ୍ଥାପନା, ଆବାହନ ପୂଜା ହୋଇଥିବା ବେଳେ, ଅପରାହ୍ନ ସମୟରେ ଭିକ୍ଷା ବିଧି ଠାରୁ ଆରମ୍ଭ ହୋଇ ସନ୍ଧ୍ୟା ସମୟରେ ଆୟାପ୍ପାଙ୍କ ମହାଭିଶେକ, ଚନ୍ଦନ, ସିନ୍ଦୂର, ହଳଦୀ, ଏବଂ କୁମ୍ କୁମ୍ ଦ୍ୱାରା ପୂଜା କରାଯାଇ ମହାସ୍ନାନ ହୋଇଥିଲା । ପରେ ସନ୍ଧ୍ୟା ସମୟରେ ୧୮ ପାହାଚ ଆଳତି ହୋଇ ଭବ୍ୟ ଭଜନ ଜଣାଣ କାର୍ଯ୍ୟକ୍ରମ ରହିଥିଲା ଏଥିରେ ଶହ ଶହ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ମାନେ ଉପସ୍ଥିତ ଥିଲେ । ସେହିପରି ରାତ୍ର ସମୟରେ ମହା ଭୋଜନ ହୋଇ ୫୨୪ଜଣ ଭୁକ୍ତାଙ୍କ ସମେତ ପ୍ରାୟ ହଜାର ହଜାର ସଂଖ୍ୟାରେ ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ଯୁବ ନେତା ଶ୍ରୀ ପାତ୍ର କହିଛନ୍ତି । ତେବେ ତାଙ୍କ ଜନ୍ମ ଦିନ ଥିବା ହେତୁ ଏହି କାର୍ଯ୍ୟକ୍ରମରେ ଆୟୋଜିତ ହେଉଥିବା ସହ ସେ ଏହିଭଳି ଏକ ପବିତ୍ର କାର୍ଯ୍ୟ କରୁଥିବା କହି ଯୁବ ସମାଜକୁ ଏକ ଉତ୍ତମ ବାର୍ତ୍ତା ପ୍ରଦାନ କରିଛନ୍ତି । ସେ ଜଣେ ଯୁବ ନେତା ରୂପେ ବେଶ୍ ପରିଚିତ ଥିବା ନେଇ ତାଙ୍କ ସମର୍ଥକଙ୍କ ସହ ସମସ୍ତ ଯୁବ ସମାଜକୁ ବାର୍ତ୍ତା ଦେଇଛନ୍ତି ଯେ, ଆଜିର ଯୁବକ ମାନେ ମଦ୍ୟପାନ କରି ଦୃତ ଗତିରେ ଗାଡି ମଟର ଚଳାଚଳ କରୁଛନ୍ତି । ଯାହା ଫଳରେ ସେମାନଙ୍କର ଓ ତାଙ୍କ ଦ୍ୱାରା ଅନ୍ୟ ମାନଙ୍କର ମଧ ଅକାଳ ମୃତ୍ୟୁ ଘଟୁଛି, ଏଣୁ ସମସ୍ତେ ତାହା ନକରି ନିଜର ଓ ଅନ୍ୟ ମାନଙ୍କ ମୃତ୍ୟୁର କାରଣ ନହୋଇ ସମସ୍ତଙ୍କ ଜୀବ ଦାନର ସହାୟକ ହୁଅନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି । ଉକ୍ତ କାର୍ଯ୍ୟକ୍ରମକୁ ସନ୍ତୁ ଆନ୍ନା ସୋସିଆଲ ୱରକର୍ଶର ସଦସ୍ୟ ମାନଙ୍କ ମିଳିତ ସହଯୋଗରେ ଏ ଜୟରାମ ପାତ୍ର, ଏ ଶିବରାମ ପାତ୍ର, କିରଣ କୁମାର ସାହୁ, ବିକ୍ରମ ଜେନା, ଶିବ ପାଢ଼ି, ଅମୃତ ରାଜ, ରୋଶନ, ରୋହିତ, ରାହୁଲ, କାଳିଆ, ରାଜୁ ପାତ୍ର, ଶ୍ରୀକାନ୍ତ ଶେଖର ସାମଲ, ଆଦିତ୍ୟ ପଟ୍ଟନାୟକ, ରାଜା, ଅଭିଷେକ ପାତ୍ରଙ୍କ ସମେତ ଅନ୍ୟ ବହୁ ସମର୍ଥକ ମାନେ ଉପସ୍ଥିତ ରହି ପରିଚାଳନରେ ସହଯୋଗ କରିଥିଲେ ।



## ରାଜ୍ୟସ୍ତରୀୟ ଯୁବଉତ୍ସବ ପାଇଁ କେନ୍ଦ୍ରାପଡାରୁ ୩୧ ପ୍ରତିଯୋଗୀଙ୍କ ଭୁବନେଶ୍ୱର ଯାତ୍ରା

କେନ୍ଦ୍ରାପଡ଼ା,୨୫।୧୨:(ମନ୍ଥନ)ଜିଲ୍ଲାସ୍ତରୀଯୁବ ମହୋତ୍ସବରେ ବିଭିନ୍ନ ବର୍ଗରେ କୃତିତ୍ୱ ଅର୍ଜନ କରିଥିବା ଶ୍ରେଷ୍ଠ ପ୍ରତିଯୋଗୀମାନେ ରାଜ୍ୟସ୍ତରରେ ଆୟୋଜିତ ହେବାକୁ ଥିବା ଯୁବ ମହୋତ୍ସବରେ ଯୋଗଦେବା ପାଇଁ ମଙ୍ଗଳବାର ଭୁବନେଶ୍ୱର ଯାତ୍ରା କରିଛନ୍ତି । ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏଠାରୁ ୩୧ ଜଣ ପ୍ରତିଯୋଗୀ ଭୁବନେଶ୍ୱରକୁ ଏକ ସ୍ୱତନ୍ତ୍ର ବସ ଯୋଗେ ଯାଇଛନ୍ତି । ଆଜି ସକାଳେ ଜିଲ୍ଲାପାଳ ରଘୁରାମ ଆର. ଆୟର ପ୍ରତିଯୋଗୀ ମାନଙ୍କୁ ଯାତ୍ରା ପୂର୍ବରୁ ଉତ୍ସାହିତ କରିବା ସହିତ ଶୁଭେଚ୍ଛା ଅଭିନନ୍ଦନ ଜଣାଇଛନ୍ତି । ଜିଲ୍ଲାପାଳ ଶ୍ରୀ ଆୟର ପତକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ । ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ୨୪ ଡିସେମ୍ବରରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

## ଶାନ୍ତିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତିନି ଦିନ ବ୍ୟାପୀ ପ୍ଲାଟିନମ୍ ଜୁବିଲି ଉତ୍ସବ - ୨୦୨୬କୁ ସଫଳ କରିବା ପାଇଁ ସାମ୍ବାଦିକ ସମ୍ମିଳନୀ

ଜଳେଶ୍ୱର,୨୫।୧୨:(ମନ୍ଥନ) ଜଳେଶ୍ବର ସହରରେ ଅବସ୍ଥିତ ଶାନ୍ତିଆ । ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ଲାଟିନମ ଜୁବିଲି ଉତ୍ସବ - ୨୦୨୬ ଆସନ୍ତା ଜାନୁୟାରୀ ୧୬ ତାରିଖ ଠାରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବାରୁ ଏହାକୁ ସଫଳ କରିବା ପାଇଁ କମିଟି ପକ୍ଷରୁ ବିଦ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଭାପତି ଶିତାଂଶୁ ସେନାପତି ନିବେଦନ କରିଛନ୍ତି । ତିନି ଦିନ ବ୍ୟାପୀ ଏହି ପ୍ଲାଟିନମ ଜୁବିଲୀ ଉତ୍ସବରେ ବିଭିନ୍ନ ରାଜନୈତିକ ଦଳର ରାଜନେତା,କବି,ସାହିତ୍ୟିକ, ଚଳଚିତ୍ର ଅଭିନେତା, ଅଭିନେତ୍ରୀ ଓ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସଭାପତି ସୂଚନା ଦେଇଥିଲେ ।୧୯୪୭ ମସିହାରେ ଏହି ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା ଓ ଏହି ବିଦ୍ୟାଳୟକୁ ପୂର୍ବତନ ମୁଖ୍ୟ ମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଉଦଘାଟନ କରିଥିଲେ । କମିଟି ପକ୍ଷରୁ ସ୍ମରଣିକା ପ୍ରକାଶିତ ହେବା ସଙ୍ଗେ ସଙ୍ଗେ ଜାନୁୟାରୀ ୧ ତାରିଖରୁ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସାମ୍ବାଦିକ ମାନଙ୍କୁ ସଭାପତି ସୂଚନା ଦେଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ପ୍ରଧାନ ଶିକ୍ଷକ ଆଦ୍ୟା ଚରଣ ବେହେରା,କାର୍ଯ୍ୟକାରୀ ସଭାପତି ଚିତ୍ତରଞ୍ଜନ ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଜୟନ୍ତୀ କରଣ,ଡ. ଲଳିତ ରଞ୍ଜନ ସେନାପତି,ଦିଲ୍ଲୀପ ସେଠୀ, ନଗେନ୍ଦ୍ର କର, କାଉନସିଲର କବିତା ଧଳ ଓ ଚନ୍ଦନ ଦାସ,କାର୍ତ୍ତିକ ଚନ୍ଦ୍ର ଗିରି,ଦେବଯାନୀ ଅଣ୍ଡିଆ,ଜଗନ୍ନାଥ ପରିଡ଼ା, ସଞ୍ଜୟ ଦାସ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ ।ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ବିଭୂତି ବ୍ରହ୍ମ, ଚୈତନ୍ୟ ଜେନା,ନିତ୍ୟାନନ୍ଦ ଦାସ,ନଗେନ୍ଦ୍ର ଚୌଧୁରୀ ଙ୍କ ସମେତ ବହୁ ପୁରାତନ ଛାତ୍ର, ଛାତ୍ରୀ ,ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ଗ୍ରାମବାସୀମାନେ ଉପସ୍ଥିତ ଥିଲେ ।

## ଘରୋଇ ମେଡିକାଲରେ ସରକାରୀ ଡାକ୍ତର ରୋଗୀଙ୍କୁ ମାରୁଥିବା ଅଭିଯୋଗ

ଯାଜପୁର,୨୫।୧୨:(ମନ୍ଥନ)ପୁତ୍ର ସନ୍ତାନ ଜନ୍ମ ପରେ ଚାଲିଗଲା ମା ର ଜୀବନ। ଭୁଲ ଇଂଜେକସନ ଯୋଗୁ ପ୍ରସୂତି ମହିଳାଙ୍କ ମୃତ୍ୟୁ ଅଭିଯୋଗ। ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ଏକ ଘରୋଇ ନର୍ସିଂହୋମରେ ଦେଖିବାକୁ ମିଳିଛି ଏଭଳି ଅଭାବନୀୟ ଘଟଣା। ଘଟଣାସ୍ଥଳରେ ଉତେଜନା। ଯାଜପୁର ଥାନାରେ ଲିଖିତ ଅଭିଯୋଗ କଲେ ମୃତକଙ୍କ ପରିବାର।ଅଭିଯୋଗ ମୁତାବକ ଗତକାଲି ରାତିରେ ବରୀ ରନ୍‌ଗିରି ଅଂଚଳର ସସ୍ମିତା ଜେନା ନାମକ ଗର୍ଭବତୀ ମହିଳାଙ୍କର ଅପରେସନ ବେଡ଼ରେ ମୃତ୍ୟୁ ହୋଇଛି । ଅସ୍ତ୍ରୋପ୍ରଚାର ପରେ ଶିଶୁ ପୁତ୍ର ଜନ୍ମ ହେଲେ ମଧ୍ୟ ମା ମୃତ୍ୟୁକୁ ନେଇ ଉତେଜନା । ପ୍ରସୂତି ମହିଳା ମୃତ୍ୟୁକୁ ନେଇ ଏହି ଘରୋଇ ନର୍ସିଂହୋମରେ ଉତେଜନା ପ୍ରକାଶ ପାଇଥିଲା। ଭୁଲ ଇଂଜେକସନ ଓ ତ୍ରୁଟିପୂର୍ଣ୍ଣ ଚିକିତ୍ସା ପାଇଁ ମହିଳାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ। ଉତେଜନା ଯୋଗୁ ଚିକିତ୍ସାଳୟ ମାଲିକ ବାହାର ଗୁଣ୍ଡା ଲଗାଇ ଠେଲାପେଲା ଓ ଧକ୍କା ମାରି ବାହାର କରିଦେବା ଅଭିଯୋଗ କରିଛନ୍ତି ପରିବାର ଲୋକେ। ଗୁଣ୍ଡା ମାନେ କିଏ ତାଙ୍କ ଫଟୋ ସିସି ଫୁଟେଜରୁ ପୋଲିସ ଚିହ୍ନଟ କରୁବୋଲି ଦାବି କରିଛନ୍ତି। ଅନ୍ୟପଟେ ଘରୋଇ ନର୍ସିଂହୋମରେ ସରକାରୀ ଡାକ୍ତରଙ୍କୁ ଘେରି ରହିଛନ୍ତି ସମ୍ପର୍କୀୟ। ଘଟଣା ସ୍ଥଳରେ ଯାଜପୁର ଟାଉନ ପୁଲିସ ଉପସ୍ଥିତ ରହି ଘଟଣା ଉପରେ ନଜର ରଖିଛି ।

## ବୁଗୁଡ଼ାରେ ଗୀତା ମହାଯଜ୍ଞ ଅନୁଷ୍ଠିତ

ବୁଗୁଡ଼ା,୨୫।୧୨:(ମନ୍ଥନ) ସ୍ଥାନୀୟ ସୂର୍ଯ୍ୟନଗରସ୍ଥିତ ଗୀତା ଆଶ୍ରମ ପରିସରରେ ଚର୍ତୁବିଂଶ ଗୀତା ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ମହାଯଜ୍ଞ ଉପଲକ୍ଷେ ଘୃତଯଜ୍ଞ, ଗୀତାପାରାୟଣ, ଅନ୍ନଯଜ୍ଞ ଓ ଜ୍ଞାନଯଜ୍ଞ ଆଦି କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା । ଗୀତା ସତସଙ୍ଗ, ବୁଗୁଡ଼ା ତରଫରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରବକ୍ତା ଭାବେ ସ୍ୱାମୀ ଜଗଦୀଶାନନ୍ଦ ସରସ୍ୱତୀ ଯୋଗ ଦେଇ ଆଲୋଚ୍ୟ ବିଷୟ କର୍ମଯୋଗ ପଞ୍ଚଦଶ ଅଧ୍ୟାୟ ପୁରୁଷୋତ୍ତମ ଯୋଗ ବିଷୟରେ ପ୍ରବଚନ ପ୍ରଦାନ କରିଥିଲେ । ଏଥି ସହ ସାମୁହିକ ଗୀତା ପାରାୟଣ ମଧ୍ୟ କରାଯାଇଥିଲା । ଉକ୍ତ ଜ୍ଞାନଯଜ୍ଞାମୃତରେ ଗୀତାପ୍ରେମୀ ଭକ୍ତବୃନ୍ଦ ଯୋଗ ଦେଇ ଆତ୍ମ କଲ୍ୟାଣ ଲାଭ କରିଥିଲେ ।

### କେନ୍ଦୁଝର ଜିଲ୍ଲା ପରିଷଦର ନବମ ଅଧିବେଶନ

## ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଓ ଜନହିତକର ଯୋଜନାର ସମୀକ୍ଷା

କେନ୍ଦୁଝର, ୨୫।୧୨:(ମନ୍ଥନ) କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ରେ ଆଜି ଷଷ୍ଠ ଜିଲ୍ଲା ପରିଷଦର ନବମ ଅଧିବେଶନ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ସାଗରିକା ସାହୁ ଅଧକ୍ଷତା କରିଥିବା ବେଳେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଘଷିପୁରା ବିଧାୟକ ଶ୍ରୀ ବଦ୍ରିନାରାୟଣ ପାତ୍ର, ଚମ୍ପୁଆ। ବିଧାୟକ ଶ୍ରୀ ସନାତନ ମହାକୁଡ଼, ପାଟଣା ବିଧାୟକ ଶ୍ରୀ ଅଖିଳ ଚନ୍ଦ୍ର ନାଏକ, ଆନନ୍ଦପୁର ବିଧାୟକ ଶ୍ରୀ ଅଭିମନ୍ୟୁ ସେଠୀ, ଜିଲ୍ଲା ପରିଷଦର ଉପାଧକ୍ଷ ଶ୍ରୀ ସୋମନାଥ ଦାସ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶ୍ରୀ ଅନୁବ୍ରତ ବେହେରା ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ କୁମାର ନାଗାଭୂଷଣ ଉପସ୍ଥିତ ରହି ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ପୂର୍ବ ବୈଠକର ବିବରଣୀ ଉପରେ ଆଲୋକପାତ କରାଯାଇ ସଭା ଆରମ୍ଭ କରାଯାଇଥିବା ବେଳେ ପରେ ପରେ ଖଣି ଅଧିକାରୀ ଜିଲ୍ଲାର ଖଣି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ପରେ ପରେ ବୈଠକରେ ବିଭିନ୍ନ ଗୁରୁପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇ ସେଗୁଡିକ ଅନୁମୋଦନ କରାଯାଇଥିଲା । ପରିବେଶ ସୁରକ୍ଷା ପାଇଁ ମନରେଗା ଯୋଜନାରେ ବୃକ୍ଷରୋପଣ ଲକ୍ଷ୍ୟ ରଖାଯାଇଛି । ବୈତରଣୀ ନଦୀ କୂଳରେ ୧୦୦୦ ଘରା ଏବଂ ସହରୀ ନବୀକରଣ ଯୋଜନାରେ ୭୦୦୦ ବୃକ୍ଷରୋପଣ କରାଯାଇଛି । ଏଥିସହ ଜିଲ୍ଲାର ୪ଟି ପ୍ରମୁଖ ନଦୀର ଜଳ ଗୁଣବତ୍ତା ନିୟମିତ ପରୀକ୍ଷଣ କରାଯାଉଛି ।ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଚଳିତ ଆର୍ଥିକ ବର୍ଷରେ ୩୨.୦୧ କୋଟି ଟଙ୍କାର ଅନୁଦାନ ବିନିଯୋଗ କରାଯାଇଛି । ଘଟଗାଁ ଅଞ୍ଚଳରେ ୫ଟି ପ୍ରକଳ୍ପ ପାଇଁ ୧୦.୩୭ କୋଟି ଟଙ୍କାର ପ୍ରଶାସନିକ ଅନୁମୋଦନ ମିଳିଛି । ବାଂଶପାଳ ଓ ଅନ୍ୟ ୭ଟି ବ୍ଲକରେ ଜନଜାତିଙ୍କ ଜୀବନଧାରଣର ମାନ ବୃଦ୍ଧି ପାଇଁ ପିଏମ୍-ଜନମନ ଓ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଭଳି ଯୋଜନା କାର୍ଯ୍ୟକାରୀ ହେଉଛି । ସ୍ୱାସ୍ଥ୍ୟ କ୍ଷେତ୍ରରେ ମାତୃ ମୃତ୍ୟୁହାର ରୋକିବା ପାଇଁ ଅପହଞ୍ଚ ଅଞ୍ଚଳରେ 'ବାଇକ ଆମ୍ବୁଲାନ୍ସ' ସେବାକୁ ଗୁରୁତ୍ୱ ଦିଆଯାଇଛି । ଜିଲ୍ଲାର ୧୧ଟି ଘରୋଇ ଚିକିତ୍ସାଳୟ ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି ।ଶିକ୍ଷା କ୍ଷେତ୍ରରେ ୧୩ଟି ବ୍ଲକରେ ୧୩ଟି ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଥିବା ବେଳେ ୨୬୩୭ଟି ବିଦ୍ୟାଳୟର ୨,୧୫,୪୪୬ ଜଣ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ସୁବିଧା ଯୋଗାଇ ଦିଆଯାଉଛି । ୫ଟି ନୂତନ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ'କୁ ମଧ୍ୟ ମଞ୍ଜୁରୀ ପ୍ରଦାନ କରାଯାଇଛି । ପରିଶେଷରେ ଜିଲ୍ଲାର ପ୍ରଗତି ପାଇଁ ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।

## ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ପଦଯାତ୍ରା

ଭୁବନେଶ୍ୱର,୨୫।୧୨:(ମନ୍ଥନ) ପଡ଼ୋଶୀ ବାଂଲାଦେଶରେ ହିନ୍ଦୁ ସମୁଦାୟ ଉପରେ ଚାଲିଥିବା ନିରନ୍ତର ହିଂସା, ନିର୍ଯ୍ୟାତନା ଓ ମାନବାଧିକାର ଉଲ୍ଲଂଘନ ବିରୋଧରେ ବିଶ୍ୱ ହିନ୍ଦୁ ପରିଷଦ, ଭୁବନେଶ୍ୱର ଜିଲ୍ଲା ପକ୍ଷରୁ ଆଜି ଏକ ବିଶାଳ ପଦଯାତ୍ରା ଆୟୋଜିତ ହୋଇଯାଇଛି । ଏହି ପଦଯାତ୍ରାରେ ଶତାଧିକ କାର୍ଯ୍ୟକର୍ତ୍ତା ଓ ସମର୍ଥକଙ୍କ ସମେତ ବଜରଙ୍ଗ ଦଳ, ଦୁର୍ଗାବାହିନୀ, ରାଷ୍ଟ୍ରୀୟ ହିନ୍ଦୁ ସଙ୍ଗଠନ, ହିନ୍ଦୁ ଏକତା ମଞ୍ଚ ଆଦି ଅନେକ ହିନ୍ଦୁ ସଂଗଠନର କାର୍ଯ୍ୟକର୍ତ୍ତା ଯୋଗଦେଇ ଥିଲେ । ବାଂଲାଦେଶରେ ନିର୍ଯାତିତ ହିନ୍ଦୁମାନଙ୍କ ପ୍ରତି ସମବେଦନା ପ୍ରକାଶ କରି ଭାରତ ସରକାର ଏ ଦିଗରେ ଦୃଷ୍ଟି ଦେଇ ବାଂଲାଦେଶର ହିନ୍ଦୁମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଦାବି କରିଥିଲେ ।

## ଦିବଂଗତ ସୁସାହିତ୍ୟିକା କସ୍ତୁରି ବାରିକଙ୍କ ପ୍ରଥମ ବାର୍ଷିକୀ ଶ୍ରାଦ୍ଧ ସଭା

୨୫।୧୨:(ମନ୍ଥନ) ପ୍ରଫେସର ବାସୁଦେବ ବାରିକଙ୍କ ଧର୍ମପତ୍ନୀ ସୁସାହିତ୍ୟିକା ଓ ଆଧ୍ୟାତ୍ମିକବାଦୀ କସ୍ତୁରି ମଞ୍ଜରୀ ବାରିକଙ୍କ ପ୍ରଥମ ବାର୍ଷିକୀ ଶ୍ରାଦ୍ଧ ସମାରୋହ ଅବସରରେ ଏକ ସ୍ମୃତି ସଭା କଲ୍ୟାଣ ମଣ୍ଡପ ପରିସରରେ ବିଶିଷ୍ଟ ସାହିତ୍ୟିକ ଓ ପୂର୍ବତନ ଅଧକ୍ଷ ପବିତ୍ର ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । କସ୍ତୁରୀ ମଞ୍ଜରୀ ମା'ଙ୍କ ପରି ସ୍ୱଚ୍ଛ, ସରଳ, ଭଦ୍ର, ନମ୍ର ଓ ଶାନ୍ତ ସ୍ୱଭାବର ନାରୀଟି ଆଜିକାଲି ସମାଜରେ ପାଇବା ସହଜ ନୁହେଁ । ଉପସ୍ଥିତ ଥିବା ସମସ୍ତ ଅତିଥି ଓ ବକ୍ତାମାନେ ଏହି କଥା ଉକ୍ତ ସଭାରେ ପ୍ରକାଶ କରିଥିଲେ । ଏହି ସଭାରେ ପ୍ରଫେସର ଝରଣା ପଟ୍ଟନାୟକ, ଡ଼. ବ୍ରଜମୋହନ ମିଶ୍ର, ଡ଼. ଗୋଲକ ବିହାରୀ ସାହୁ, ପ୍ରବଚକ ସଂଗ୍ରାମ ଆଚାର୍ଯ୍ୟ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିବା ବେଳେ ଅନ୍ୟତମ ପ୍ରଫେସର ଶୈଳେନ୍ଦ୍ର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଯୁବ ଆଇନଜୀବୀ ମନୋରଞ୍ଜନ ଦାସ ମଞ୍ଚ ଆହ୍ୱାନ କରିଥିଲେ ଓ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପରେ ବେଦ ପାଠ କରିଥିଲେ ଘନଶ୍ୟାମ ଲେଙ୍କା । ଅତିଥି ପରିଚୟ ସଂଯୁକ୍ତା ବଳ, ସ୍ୱାଗତ ଭାଷଣ ହରମୋହନ କୁଅଁର, ସଂପାଦକୀୟ ବକ୍ତବ୍ୟ ଶାନ୍ତନୁ କୁମାର ରାଉତ ଦେଇଥିବା ବେଳେ ସ୍ମରଣୀକା ବାବଦରେ ମୁଖ୍ୟ ସଂପାଦକ କୈଳାସ ଚନ୍ଦ୍ର ପଣ୍ଡା ଓ ଗୌତମ ମହାରଣା ବକ୍ତବ୍ୟ ପ୍ରଦାନ କରିଥିଲେ । ମାନପତ୍ର ପାଠ କରିଥିଲେ ବୈଲୋଚନ ବେହୁରିଆ । ଏତଦ୍‌ଭିନ୍ନ ଗୟାଧର ପଣ୍ଡା, ଅଜୟ ନାୟକ, ସୋନପୁରରୁ ଆସିଥିବା କସ୍ତୁରୀ ମଞ୍ଜରୀଙ୍କ ଭାଇ ମଦନ ମୋହନ ଦାନୀ, ଚୈତାଳୀ ଖିଲାର, ପ୍ରଫେସର ସୁଚିତ୍ରା ପାଣିଗ୍ରାହୀ ପ୍ରଭୃତି ଅନ୍ୟମାନେ ସେମାନଙ୍କ ବକ୍ତବ୍ୟ ରଖିଥିଲେ । ଶେଷରେ ରୂପକ ବିହାରୀ ରାଏ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ପ୍ରକାର ସହଯୋଗ କରିଥିଲେ ବିଶିଷ୍ଟ ପ୍ରଫେସର ବାସୁଦେବ ବାରିକ ଏବଂ ତାଙ୍କ ପରିବାରର ସମସ୍ତ ସଦସ୍ୟ-ସଦସ୍ୟାମାନେ ।

## ସରସ୍ୱତୀ ଶିଶୁ ମନ୍ଦିର ପଞ୍ଚବିଂଶତମ ବାର୍ଷିକ ସମାବର୍ତ୍ତନ ସମାରୋହ

ଫୁଲନଖରା, ୨୫।୧୨:(ମନ୍ଥନ)୪୨ ମୌଜା ଥାନା ଅନ୍ତର୍ଗତ ବେଣ୍ଟକାର ସ୍ଥିତ ସରସ୍ତୀ ଶିଶୁ ମନ୍ଦିରର ପଞ୍ଚବିଂଶତମ ବାର୍ଷିକ ସମାବର୍ତ୍ତନ ସମାରୋହ ମହକ-୨୦୨୫ ଉଦଘାଟିତ ହୋଇଯାଇଛି । ପରିଚାଳନା ଟ୍ରଷ୍ଟି ମନୋରଞ୍ଜନ ଶତପଥୀଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ମୁଖ୍ୟବକ୍ତା ଭାବେ ଓଡ଼ିଶାର ଅଗ୍ରଣୀ ନ୍ୟୁଜ ଚ୍ୟାନେଲ ଫୋକସ ପ୍ଲସର ପ୍ରତିଷ୍ଠାତା ତଥା ମୁଖ୍ୟ ସମ୍ପାଦକ ଡାଃ ସୁଧାଂଶୁ ଶେଖର ରାଉତ, ସମ୍ମାନିତ ଅତିଥି ଭାବେ ଅଖିଳ ଭାରତୀୟ ଯୁବ ଯାଦବ ମହାସଭାର ସଭାପତି ଇଂ ପ୍ରଦୀପ କୁମାର ବେହେରା, ଦୈନିକ ଲୋକପ୍ରିୟ ଖବର୍ କାଗଜ ନିର୍ଭୟ ସୂଚନାର ପ୍ରତିଷ୍ଠାତା ତଥା ମୁଖ୍ୟ ସମ୍ପାଦକ ଶ୍ରୀଯୁକ୍ତ ସତ୍ୟବ୍ରତ ପାତ୍ର ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ସରସ୍ୱତୀ ଶିଶୁ ମନ୍ଦିରର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବେ ବୋଲି ବିଧାୟକ ଶ୍ରୀଯୁକ୍ତ ସେଠୀ ଘୋଷଣା କରିଥିବା ବେଳେ ସୁସଂସ୍କାରିତ ଶିଶୁ ହେଉଛି ସମାଜର ସର୍ବଶ୍ରେଷ୍ଠ ସମ୍ପତ୍ତି ବୋଲି ମୁଖ୍ୟ ବକ୍ତା ଶ୍ରୀଯୁକ୍ତ ରାଉତ ମନ୍ତବ୍ୟ ଦେଇଛନ୍ତି । ସମସ୍ତ ଅଞ୍ଚଳରେ ଏବେ ଗୁରୁକୁଳ ଖୋଲିବାର ସମୟ ଆସିଛି ଓ ସଂସ୍କାରିତ ଶିକ୍ଷାର ଦୀପ୍ତି ସରସ୍ୱତୀ ଶିଶୁ ମନ୍ଦିରବୋଲି ଶ୍ରୀଯୁକ୍ତ ବେହେରା ମତ ପୋଷଣ କରିଛନ୍ତି । ବାର୍ଷିକ କ୍ରୀଡାରେ ଓ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ସମାଜସେବୀ ପ୍ରକାଶ ଚନ୍ଦ୍ର ଭୋଳଙ୍କୁ ମହକ-୨୦୨୫ ସମ୍ମାନରେ ସମ୍ମାନିତ କରାଯାଇଛି ।

## ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ପାଳନ

ବ୍ରହ୍ମପୁର,୨୫ା୧୨(ମନ୍ଥନ): ସ୍ଥାନୀୟ ରାମଲିଙ୍ଗ ପ୍ରମୋଦ ଉଦ୍ୟାନ ପରିସରରେ ଥିବା ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ଗୁରୁବାର ମାନ୍ୟବର ସାଂସଦ ଡ଼ା ପ୍ରଦୀପ କୁମାର ପାଣିଗ୍ରାହୀ, ମାନ୍ୟବର ବିଧାୟକ କେ ଅନିଲ କୁମାରଙ୍କ ନେତୃତ୍ୱରେ ଶତାଧିକ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତାଗଣ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ମୃତି ଚାରଣ କରିଥିଲେ ଯ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମ ଶତବାର୍ଷିକୀ ଅବସରରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାବପୂର୍ଣ୍ଣ ବାର୍ତ୍ତାନୁସାରେ ଡିସେମ୍ବର ୨୫ ତାରିଖ ହେଉଛି ଭାରତୀୟ ରାଜନୀତି ଏବଂ ଭାରତୀୟ ଲୋକଙ୍କ ପାଇଁ ସୁଶାସନର ଅଟଳ ଦିବସ ଯ ଆଜି ସମଗ୍ର ଦେଶ ଭାରତରତ୍ନ ଅଟଳ ଜୀଙ୍କୁ ଆଦର୍ଶ ବିଭୂତି ରୂପରେ ସ୍ମରଣ କରୁଛି, ଯିଏ ନିଜର ସୌଜନ୍ୟ, ସରଳତା ଏବଂ ସହଦୟତା ସହିତ କୋଟି କୋଟି ଭାରତୀୟଙ୍କ ହୃଦୟରେ ସ୍ଥାନ ପାଇଥିଲେଯ ସେହି ମହାନୁଭବଙ୍କ ଜନ୍ମ ଜୟନ୍ତୀ ଅବସରରେ ଦଳର ଶତାଧିକ କାର୍ଯ୍ୟକର୍ତ୍ତା ମାନଙ୍କ ମିଳିତରେ ଏକ ସ୍ମୃତି ଚାରଣ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଛିଯ

## ୧୫ତମ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ଯାଜପୁର,୨୫।୧୨:(ମନ୍ଥନ) ୧୫ତମ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା ପୁସ୍ତକ ମହୋତ୍ସବ କମିଟିର ସଭାପତି ସନ୍ତୋଷ କୁମାର ନନ୍ଦଙ୍କର ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ପ୍ରଦୀପ ପ୍ରଜ୍ଜ୍ୱଳନ କରିବା ସହିତ ମା'ବିରଜାଙ୍କ ଫଟୋରେ ମାଲ୍ୟାର୍ପଣ କରି ଉତ୍ସବର ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ ସ୍ତୋତ୍ରପାଠ କରିଥିଲେ। କୋଷାଧକ୍ଷ ସୁବାସ ଚନ୍ଦ୍ର ମହାପାତ୍ର ଅତିଥିମାନଙ୍କୁ ମଂଚକୁ ସ୍ୱାଗତ କରିଥିବା ବେଳେ ସଂଗଠନ ସଂପାଦକ ହୃଷିକେଶ ପତି ପରିଚୟ ପ୍ରଦାନ କରିଥିଲେ। ପୁସ୍ତକ ମହୋତ୍ସବ କମିଟିର ସଂପାଦକ ଡ଼. କାହ୍ନୁ ଚରଣ ମିଶ୍ର ପୁସ୍ତକ ମହୋତ୍ସବ ଆରମ୍ଭ ଠାରୁ ଆଜି ପର୍ଯ୍ୟନ୍ତ ସମସ୍ତ ବିଷୟର ବିଷଦ୍ ବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଘାଟକ ଅତରିକ୍ତ ଜିଲ୍ଲାପାଳ ଯୁଧିଷ୍ଠରି ନାୟକ ମହୋତ୍ସବ ଭାଷା ସାହିତ୍ୟ ଓ ସଂସ୍କୃତିର ଏକ ଅପୁରନ୍ତ ସମାହାର; ବିକଶିତ ଜୀବନର ପ୍ରତ୍ୟେକଟି ଇସ୍ତାହାର ପୁସ୍ତକ ସହ ଜଡ଼ିତ




ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟ ସଭା ସାଂସଦ ସୁଲତା ଦେଓ ଯୋଗଦେଇ ପୁସ୍ତକର ଅଦୃଶ୍ୟ ଶକ୍ତି ମାନବକୁ ମାନବୋତର ଅବସ୍ଥାରେ ପହଂଚାଇବା ସଙ୍ଗେ ସଙ୍ଗେ ଗୋଟିଏ ଦେଶ ଓ ଜାତିର ବିବର୍ତନ ବାଦରେ ନୂତନ ଇତିହାସ ଲେଖିଥାଏ ବୋଲି ଉଲ୍ଲେଖ କରିଥିଲେ। ମୁଖ୍ୟବକ୍ତା ଭାବେ ଯାଜପୁରର ମାନ୍ୟବର ବିଧାୟିକା ସୁଜାତା ସାହୁ ଯୋଗଦେଇ ଡିଜିଲାଇଜେସନ ମାଧ୍ୟମରେ ଆମେ ଯେତେ ତଥ୍ୟ ଉପଲବ୍ଧ କରୁଛୁ ତାହା ପରେମଧ ବହୁ ତଥ୍ୟ ପୁସ୍ତକ ମାଧ୍ୟମରେ ଆମକୁ ମିଳିପାରୁଛି। ସେଥି ନିମନ୍ତେ ପୁସ୍ତକର ବହୁଳ ଆବଶ୍ୟକତା ଅଛି ବୋଲି ସେ ପ୍ରକାଶ କରିଥିଲେ। ସମ୍ମାନୀତ ଅତିଥିଭାବେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଉପାଧକ୍ଷ ରାଜୀବ ମହାନ୍ତି ଯୋଗଦେଇ ଜୀବନକୁ ସରସ ସୁନ୍ଦର ଓ କର୍ମଠ କରିବାକୁ ହେଲେ ବହିହିଁ ସବୁଠାରୁ ଭଲ ସହଚର ବନ୍ଧୁ ହିସାବରେ ସହଯୋଗ ଦେଇଥାଏ ବୋଲି ପ୍ରକାଶ କରିଥିଲେ। ଅପରାହ୍ନ ଅଧିଶେନରେ ଯାଜପୁର ଇନ୍‌ଟାକ୍ ଚାପ୍ଟର ତରଫରୁ ଅବସରପ୍ରାପ୍ତ ଅଧକ୍ଷ ବଳରାମ ମହାନ୍ତି, ପ୍ରାକ୍ତନ ଅଧକ୍ଷ ବିନୋଦ ଚନ୍ଦ୍ର ନାୟକ, ପ୍ରଫେସର ଉଦୟ ନାରାୟଣ ପରିଡ଼ା, ପ୍ରାକ୍ତନ ଅଧକ୍ଷ ଅନିଲ୍ କୁମାର ମହାନ୍ତି, ଆବସର ପ୍ରାପ୍ତ ଅଧକ୍ଷ ଅଶୋକ କୁମାର ଦାଶ, ପ୍ରାକ୍ତନ ଅଧକ୍ଷ ଡ. କ୍ଷୀରୋଦ ଚନ୍ଦ୍ର ବେହେରା, ଡ଼. ଦାମୋଦର ବେହେରା, ପ୍ର. ପ୍ରସନ୍ନ କୁମାର ରାଉତ, ଡ଼. ଦୁଷ୍ମନ୍ତ ନାୟକ, ଅଧକ୍ଷ ମହେଶ୍ୱର ପାଢ଼ୀ ପ୍ରମୁଖ ଐତିହ୍ୟ ସଂସ୍କୃତି ଓ ପରଂପରାରେ ଯାଜପୁର ଶୀର୍ଷକ ଆଲୋଚନା ଚକ୍ରରେ ଆଲୋଚନା କରିଥିଲେ। ଡିଏବି ଡ୍ୟାନ୍ସ ଗ୍ରୁପ ତରଫରୁ ଶ୍ରୀୟା ରାଣୀ ପାଢ଼ୀ ସ୍ୱାଗତ ନୃତ୍ୟ କରିଥିଲେ। ବଲାଙ୍ଗୀର ଢ଼ୋଲ ମହୁରୀ ବାଦ୍ୟ ତରଫରୁ ନୀଳାଞ୍ଚଳ ନନ୍ଦଙ୍କର ନେତୃତ୍ୱରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଭୁବନେଶ୍ୱରର କଳାକାର ସଂସ୍ଥା ତରଫରୁ ବାଦ୍ୟ ବିଚିତ୍ରା ପରିବେଷଣ କରିଥିଲେ। ଗଣ ମାଧ୍ୟମର ସଂଯୋଜକ ଆଦିତ୍ୟ ନାରାୟଣ ମହାନ୍ତି ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ତୋଷ କୁମାର ମିଶ୍ର, ଅଧିକାରୀ ନବକିଶୋର ଦାସ, ଡକ୍ଟର ହରିଶ୍ଚନ୍ଦ୍ର ପଣ୍ଡା, ଦୁର୍ଯ୍ୟୋଧନ ବେହେରା, ସଂଗ୍ରାମ ସାହାଣୀ, ସଂଗ୍ରାମ ଜେନା ପ୍ରମୁଖ ସହଯୋଗ କରିଥିଲେ। ଉପସଭାପତି ବିଭୂତି ଭୂଷଣ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପ୍ରଫେସର ବଟକୃଷ୍ଣ ମହାପାତ୍ର, ଅଧ୍ୟାପକ କୁଳମଣି ଜେନା, ଶିକ୍ଷାବିତ୍ ରଣଜିତ କର ପ୍ରମୁଖ ବହି ମଣିଷର ଜୀବନକୁ ଅନ୍ଧକାରର ଅତଳ ଗର୍ଭରୁ ଆଲୋକର ଉଜ୍ଜ୍ୱଳ ବର୍ତ୍ତିକା ଆଡକୁ ନେଇ ସମାଜରେ ପ୍ରତିଷ୍ଠିତ କରିଥାଏ ବୋଲି ପ୍ରକାଶ କରିଥିଲେ।

### କରଞ୍ଜି ଠୁ ଦହିମ୍ବାଛ ରାସ୍ତା ନିର୍ମାଣରେ ଦୁର୍ନୀତି

## ଅର୍ଥ ପଇଠ ପରେବି ତଥ୍ୟ ମିଳିଲାନି,ପୂର୍ତ୍ତ ଡିଭିଜନ ସମ୍ମୁଖରେ ଧାରଣାରେ ବସିଲେ ଆବେଦନକାରୀ

କେନ୍ଦ୍ରାପଡ଼ା,୨୫।୧୨:(ମନ୍ଥନ)ଅର୍ଥ ପଇଠ ପରେବି ସୂଚନା ଅଧିକାର ନିୟମରେ ତଥ୍ୟ ନମିଳିବାରୁ ଆବେଦନକାରୀ ମଙ୍ଗଳବାର କେନ୍ଦ୍ରାପଡା ୨ନମ୍ବର ପୂର୍ତ୍ତ ଡିଭିଜନ ଅଧୀକ୍ଷଣଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ତାଙ୍କୁ ସମର୍ଥନ ଜଣାଇ ବହୁ ସୂଚନା ଅଧିକାର ଅଭିଯାନର କର୍ମୀ ଓ ସାଧାରଣ ଜନତା ଧାରଣାରେ ସାମିଲ ହୋଇଥିବା ଦେଖାଯାଇଛି। କେନ୍ଦ୍ରାପଡା ଜିଲ୍ଲାର ଆଳି ବ୍ଲକ ଅନ୍ତର୍ଗତ ମହୁ ଗ୍ରାମର ଅଭିଯୋଗକାରୀ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି ଯେ କେନ୍ଦ୍ରାପଡା ଜିଲ୍ଲାର ପୂର୍ତ୍ତ ଡିଭିଜନ -୨ କାର୍ଯ୍ୟାଳୟ ପକ୍ଷରୁ ମହାକାଳପଡ଼ା ପୂର୍ତ୍ତ ସବଡିଭିଜନ ଅଧିନସ୍ତ କରଞ୍ଜି ଠାରୁ ଦହିମାଛ ଭାୟା ଗୋଖାପଡ଼ା ରାସ୍ତା ଉନ୍ନତି କରଣ ନିମନ୍ତେ ୬୬୭.୭୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ପ୍ରାୟ ଦୁଇ କିଲୋମିଟର ବିଶିଷ୍ଟ ରାସ୍ତାର ଉନ୍ନତି କରଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି କରାଯାଇ ନିମ୍ନମାନର କାର୍ଯ୍ୟ କରାଯାଇଛି। ଉନ୍ନତି କରଣ କାର୍ଯ୍ୟ ଆଳରେ ଏହି ରାସ୍ତା କାର୍ଯ୍ୟ ଅତି ନିମ୍ନମାନର କରାଯାଇ ଅର୍ଥକୁ ହରିଲୁଟ କରାଯାଇଛି। ତେଣୁ ଏହାର ସତ୍ୟାସତ୍ୟ ଜାଣିବା ନିମନ୍ତେ କେନ୍ଦ୍ରାପଡା ପୂର୍ତ୍ତ ଡିଭିଜନ-୨ କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀଙ୍କୁ ସୂଚନା ଅଧିକାର ଆଇନ ଅନୁଯାୟୀ ଗତ ୧୩।୮।୨୦୨୫ ରିଖ ସୂଚନା ନିମନ୍ତେ ଆବେଦନ କରିଥିଲେ ସୂଚନା ଅଧିକାର କର୍ମୀ ଦୁଷ୍ମନ୍ତ। ଏଥିସହିତ ଜନ ସୂଚନା ଅଧିକାରୀଙ୍କ ପତ୍ର ଅନୁଯାୟି ଆବେଦନକାରୀ ସୂଚନା ପ୍ରାପ୍ତି ବାବଦକୁ ପାଞ୍ଚ



ଶହ ଆଠ ଟଙ୍କା ଦାଖଲ କରିସାରିଥିଲେବି ସମ୍ପୂର୍ଣ୍ଣ ତଥ୍ୟ ତାଙ୍କୁ ପ୍ରଦାନ କରାନଯାଇ ଅଧାପନ୍ତରିଆ ଓ ଅସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇଛି। ଏହା ସୂଚନା ଅଧିକାର ଆଇନର ଉଲଂଘନ କରୁଥିବା ଆବେଦନକାରୀ ଦୁଷ୍ମନ୍ତ ଅଭିଯୋଗ କରିଛନ୍ତି। ତେଣୁ ଆବେଦନକାରୀ ସମ୍ପୂର୍ଣ୍ଣ ସୂଚନା ପ୍ରାପ୍ତି ନିମନ୍ତେ ଆଇନ ଅନୁଯାୟୀ ପୂର୍ତ୍ତ ଡିଭିଜନ-୨ କାର୍ଯ୍ୟାଳୟର ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ନିକଟରେ ଗତ ୭।୧୦।୨୦୨୫ ରିଖରେ ପ୍ରଥମ ଅପିଲ କରିଥିଲେ। କିନ୍ତୁ ଅଦ୍ୟାବଧି ଏକ ମାସ ପୁରଣ ପରେବି ତାଙ୍କ ଅପିଲ ଦରଖାସ୍ତର ଶୁଣାଣି କରାଯାଇ ନାହିଁ କିମ୍ବା ତାଙ୍କୁ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇ ନାହିଁ। ଫଳରେ ସେ ସମ୍ପୂର୍ଣ୍ଣ ତଥ୍ୟ ପ୍ରାପ୍ତିରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ଜନସୂଚନା ଅଧିକାରୀଙ୍କ ତଥ୍ୟ ପ୍ରଦାନରେ ବିଳମ୍ବ ଏବଂ ପ୍ରଥମ ଅପିଲ କର୍ତ୍ତୃପକ୍ଷ ଆବେଦନକୁ ଶୁଣାଣି ନକରିବା ଘଟଣା ଉକ୍ତ କାର୍ଯ୍ୟରେ ହୋଇଥିବା ଦୁର୍ନୀତିକୁ ଚପାଇ ରଖିବା ପାଇଁ ଏକ ପ୍ରୟାସ ବୋଲି ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ବୋଲି ଆବେଦନକାରୀ କହିଛନ୍ତି। ପୂର୍ବରୁ ଦୁଷ୍ମନ୍ତ ଏସମ୍ପର୍କରେ ଲିଖିତ ଭାବରେ ପୂର୍ତ୍ତ ଡିଭିଜନ ନଂ-୨ର ଅଧୀକ୍ଷଣଯନ୍ତ୍ରୀଙ୍କୁ ଜଣାଇ ଆଜି ଧାରଣାରେ ବସିଥିଲେ। ଅଧୀକ୍ଷଣଯନ୍ତ୍ରୀ ଆବେଦନକାରୀ ଦୁଷ୍ମନ୍ତଙ୍କୁ କାର୍ଯ୍ୟାଳୟକୁ ଡକାଇ ଆଲୋଚନା କରିବା ସହ ଏକସପ୍ତାହ ମଧ୍ୟରେ ସମସ୍ତ ତଥ୍ୟ ପ୍ରଦାନ କରାଯିବ ବୋଲି ପ୍ରତିଶୃତି ଦେଇଛନ୍ତି। କିନ୍ତୁ ଆଗାମୀ ପନ୍ଦର ଦିନ ମଧ୍ୟରେ ତାଙ୍କ ଆବେଦନ ମୁତାବକ ସମସ୍ତ ତଥ୍ୟ ପ୍ରଦାନ ସହିତ ଉକ୍ତ ରାସ୍ତା ଉନ୍ନତି କରଣ କାର୍ଯ୍ୟରେ ହୋଇଥିବା ଦୁର୍ନୀତି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଦୁଷ୍ମନ୍ତ ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଲିଖିତ ଭାବେ ଅଧୀକ୍ଷଣଯନ୍ତ୍ରୀଙ୍କୁ ଜଣାଇଦେଇଛନ୍ତି। ଏହି ଧାରଣାକୁ ସମର୍ଥନ କରି ସୂଚନା ଅଧିକାର ଅଭିଯାନର ଜିଲା ଆବାହକ ପ୍ରତାପ ମହାନ୍ତି, ମାନସ ଆଚାର୍ଯ୍ୟ, ପବିତ୍ର କୁମାର ପାଣି, ରମାକାନ୍ତ ମାହାଳି, ଜନକର ଜେନା, ସମ୍ପଦ ରାଉତ, କେଶବ ଜେନା, ସୁମନ୍ତ ସାହୁ, ରମାକାନ୍ତ ମାଝି, ସୁମନ୍ତ ସେଠୀଙ୍କ ସମେତ ବହୁ ସାମାଜିକ କର୍ମୀ, ସୂଚନା ଅଧିକାର କର୍ମୀ ଓ ବିଭିନ୍ନ ସଂଗଠନର ସଦସ୍ୟମାନେ ସାମିଲ ହୋଇଥିଲେ।

## ସୋସିଆଲ ମିଡ଼ିଆ ପ୍ରଭାବରେ ଅଲୋଡା ହୋଇଛି ଗ୍ରୀଟିଙ୍ଗ କାର୍ଡ

ବୁଗୁଡ଼ା,୨୫।୧୨:(ମନ୍ଥନ)ସମ୍ପ୍ରତି ସୋସିଆଲମିଡିଆର ପ୍ରଭାବରେ ଗ୍ରୀଟିଙ୍ଗ୍ କାର୍ଡ ଅଲୋଡା ହୋଇପଡିଛି । ଏଇ କେତେ ବର୍ଷ ଆଗରୁ ଗ୍ରାମୀଣ ଓ ସହରୀପିଲାଙ୍କ ମଧ୍ୟରେ ଗ୍ରୀଟିଙ୍ଗକୁ ନେଇ ପ୍ରବଳ ଉତ୍ସାହଦେଖିବାକୁ ମିଳୁଥିଲା । ଶୀତ ଛୁଟି ହେବା ପୂର୍ବରୁ ନିଜନିଜର ବନ୍ଧୁବାନ୍ଧବଙ୍କ ମଧ୍ୟରେ ଗ୍ରୀଟିଙ୍ଗ ଦିଆନିଆ ଆରମ୍ଭ ହୋଇଯାଉଥିଲା । ଦେବାଦେବୀ, ଖେଳାଳୀସିନେତାରକା, କାର୍ଟୁନ୍ ଆଦିର ଫଟୋ ଥିବା ଗ୍ରୀଟିଙ୍ଗପ୍ରେରଣ କରାଯାଉଥିଲା । ଗ୍ରୀଟିଙ୍ଗ ଆଦାନ ପ୍ରଦାନରେନିଜର ପ୍ରିୟଜନଙ୍କ ମଧ୍ୟରେ ରହିଥିବା ଆବେଗକୁପ୍ରକାଶ କରୁଥିଲା । ନୂତନ ବର୍ଷକୁ ସ୍ୱାଗତ କରିବା ପାଇଁଶୁଭେଚ୍ଛା ଜଣାଇବାର ନିଆରା ମାଧ୍ୟମ ଥିଲା ଏହିଗ୍ରୀଟିଙ୍ଗ କାର୍ଡ । ଏବେ ତାହା ଆଉ ଦେଖିବାକୁ ମିଳୁନି ।ତାହାର ସ୍ଥାନ ନେଇଛି ସାମାଜିକ ଗଣମାଧ୍ୟମ । ଅଧିକାଂଶଙ୍କ ପାଖରେ ମୋବାଇଲ୍ ରହିଥିବା ବେଳେହ୍ୱାଟ୍ସଆପ୍, ଫେସବୁକ୍, ଇନଷ୍ଟାଗ୍ରାମ୍ , ଟ୍ୱିଟର୍ ଆଦିଜରିଆରେ ଏବେ ସେମାନେ ଶୁଭେଚ୍ଛା ଜଣାଉଥିବାରୁଗ୍ରୀଟିଙ୍ଗ କାର୍ଡ ଅଲୋଡା ହୋଇ ପଡିଛି । ଆଜିର ଯୁବପିଢିଙ୍କ କ୍ଷେତ୍ରରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଚାହିଦାବହୁ ଗୁଣରେ ବୃଦ୍ଧି ପାଇଥିବା ବେଳେ ହାତରେ ଥିବାସ୍ମାର୍ଟଫୋନର ଭରପୁର ଫାଇଦା ଉଠାଉଛନ୍ତି ।ଏବେ ସେମାନେ ନୂଆଁ ଢାଞ୍ଚାରେ ନିଜକୁ ଖାପ ଖୁଆଇଆଗକୁ ବଢି ଚାଲିଥିବା ବେଳେ ହାତ ଲେଖା ଗ୍ରୀଟିଙ୍ଗପ୍ରେରଣ ପରମ୍ପରା ପ୍ରାୟ ଲୋପ ପାଇବାକୁ ବସିଲାଣି । ପୂର୍ବେ ନୂଆଁ ବର୍ଷର ଏକ ମାସ ଆଗରୁ ବୁଗୁଡ଼ା ସହରରବିଭିନ୍ନ ସ୍କୁଲରେ ଗ୍ରୀଟିଙ୍ଗ ପସରା ଦେଖିବାକୁ ମିଳୁଥିଲାବେଳେ ଚଳିତ ବର୍ଷ ଗୋଟିଏ ହେଲେ ବି ଦୋକାନରେନୂଆଁ ଗ୍ରୀଟିଙ୍ଗ ନଥିବା ଦେଖିବାକୁ ମିଳୁଛି । ପୁରୁଣାତେଜହୀନ ଗ୍ରୀଟିଙ୍ଗ କେଉଁଠି ଟଙ୍ଗା ହୋଇଥିଲେ ବିଲୋକେ ସେଥି ପ୍ରତି ନଜର ପକାଉ ନାହାନ୍ତି । ଆଗ ଭଳି ଏବେ ଗ୍ରୀଟିଙ୍ଗ୍ କାର୍ଡ ବିକ୍ରି ହେଉ ନ ଥିବାରୁ ବେପାରୀମାନେ ଆଉ ଗ୍ରୀଟିଙ୍ଗ୍ କାର୍ଡ ଆଣି ନ ଥିବା କହିଛନ୍ତି । ତେବେ ଏହା ଏବେ ବିଲୁପ୍ତ ପରମ୍ପରା ପରିଣତ ହେବାକୁ ଯାଉଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଜନସ୍ୱାର୍ଥ ନା ନିଜସ୍ୱାର୍ଥ : ସମାଲୋଚନା ପରେ ପୁନର୍ବିଚାର

### ଦୁର୍ଗେଶ ନନ୍ଦନ ମହାପାତ୍ର

ବର୍ତ୍ତମାନ ସମୟରେ ଜାତୀୟ ଓ ରାଜ୍ୟସ୍ତରରେ ବେରୋଜଗାରୀ ଏକ ବଡ଼ ମୁଦ୍ଦା ପାଲଟିଛି । ଶିକ୍ଷାଗତ ଯୋଗ୍ୟତା ଅଛି କିନ୍ତୁ ନିଯୁକ୍ତି ନାହିଁ, ଯେତିକି ନିଯୁକ୍ତି ବାହାରୁଛି ଯୁବପିଢ଼ିଙ୍କ ସଂଖ୍ୟାକୁ ଦେଖିଲେ ସେସବୁ ପର୍ଯ୍ୟାପ୍ତ ହେଉନାହିଁ । ଏ ତ ଗଲା ସରକାରୀ ନିଯୁକ୍ତି କଥା, ଅନ୍ୟପଟେ ଘରୋଇ ସ୍ତରର ନିଯୁକ୍ତି କଥା ତ ନ କହିବା ଭଲ । ବିଶେଷଭାବେ ରାଜ୍ୟରେ ଏଯାବତ ଘରୋଇ କମ୍ପାନୀମାନଙ୍କ ପାଇଁ ଭିତ୍ତିଭୂମିର ପର୍ଯ୍ୟାପ୍ତ ବାଟ ଫିଟିନାହିଁ ସେଥିରେ ପୁଣି କାଁ ଭାଁ ଯାହା ବି ଯେତିକି ଘରୋଇ କମ୍ପାନୀମାଧ୍ୟମରେ ଚାକିରୀର ବାଟ ଫିଟୁଛି ତାହା ବି ଉଲ୍ଲେଖ ନ କରିବା ଭଲ । ଅବଶ୍ୟ ନିଯୁକ୍ତି ସୃଷ୍ଟି ନେଇ ବ୍ୟବସ୍ଥା ଉପରେ ସବୁ ଦୋଷ ଦେଲେ ହେବନି, ଏହା ମଧ୍ୟ ପରିଲକ୍ଷିତ ହେଉଛି ଯେ କାର୍ଯ୍ୟକ୍ଷେତ୍ରରେ ନିଯୁକ୍ତି ସୃଷ୍ଟି ହେଉଛି ସତ କିନ୍ତୁ ବିଭିନ୍ନ ପ୍ରକାରର ଉଚ୍ଚଶିକ୍ଷାର ଡିଗ୍ରୀ ଯୁବପିଢ଼ିଙ୍କ ପାଖରେ ଥାଇ ମଧ୍ୟ ଦକ୍ଷତା ବା ସ୍କିଲ୍ ର ଅଭାବରୁ ମଧ୍ୟ ସେମାନେ ଚାକିରୀ ପାଇବାରୁ ବଞ୍ଚିତ ହେଉଛନ୍ତି । ତେବେ ନିଯୁକ୍ତି ପ୍ରସଙ୍ଗ ଉଲ୍ଲେଖ କରିବାର ମୁଖ୍ୟ ପ୍ରସଙ୍ଗ ହିଁ ହେଉଛି ଆଜିର ବିଷୟ । କଥା ଉଠୁଛି ଯେଉଁଠି ମଧ୍ୟବିତ୍ତ ଓ ନିମ୍ନମଧ୍ୟବିତ୍ତ ପରିବାରରେ ଆର୍ଥିକ ସମସ୍ୟା ବିକଟ ରୂପରେ ଅଛି, ଯେଉଁଠି ଠିକ ସେ ସରକାରୀ ଚାକିରୀର ପଦବୀ ବାହାରିପାରୁଛି ନା ଘରୋଇ ଚାକିରୀ ବି ଠିକ ସେ ମିଳିପାରୁଛି ଓ ଅନ୍ୟପଟେ ବିଭିନ୍ନ ପ୍ରକାରର ଦରଦାମ ବୃଦ୍ଧି ବଡ଼ ସମସ୍ୟା ହୋଇ ଠିଆହୋଇଛି ଏଭଳି ଏକ ବିଷମ ପରିସ୍ଥିତିରେ ବିଧାୟକମାନେ ନିଜର ଦରମା ବହୁଗୁଣରେ ବଢ଼େଇବା ସତରେ କେତେ ଯୁକ୍ତିଯୁକ୍ତ...!!!! ସାଧାରଣଭାଷାରେ କହିବାକୁ ଗଲେ ଯେଉଁଲୋକମାନେ ଭୋଟ ଦେଇ ବିଧାୟକଙ୍କୁ ବିଧାନସଭା ପଠାଇଲେ ସେହି ଲୋକମାନଙ୍କ ମୌଳିକ ସମସ୍ୟା ସମାଧାନର ଚିନ୍ତା ନ କରି, ସେ ସମ୍ବନ୍ଧୀୟ ଆଇନ ପ୍ରଣୟନ ଦିଗରେ କାର୍ଯ୍ୟ ନ କରି ନିଜ ସ୍ୱାର୍ଥରକ୍ଷାରେ ବିଲ ପାସ କରିବା କେତେ ଯୁକ୍ତିଯୁକ୍ତ ସେ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।

ସୂଚନାଯୋଗ୍ୟ ଓଡ଼ିଶା ବିଧାନସଭାର ସଦସ୍ୟ, ବାଚସ୍ପତି, ଉପ ବାଚସ୍ପତି, ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କ ଦରମା ଓ ଭତ୍ତା ବହୁଗୁଣା ବୃଦ୍ଧିକୁ ନେଇ ସବୁଆଡ଼ ଆଲୋଚନା ହେଉଛି । ସଦସ୍ୟମାନେ ଏହା ଯଥାର୍ଥ ବୋଲି ଦାବି କରୁଥିବା ବେଳେ ସାଧାରଣରେ ଏହାକୁ ନେଇ ଭିନ୍ନ ମତ ପ୍ରକାଶ ପାଇଛି। ସୋସିଆଲ ମିଡ଼ିଆରେ ଏହାକୁ ନେଇ ଆଲୋଚନା ବେଶ୍ ଜୋର ଧରିଛି। ବିଧାନସଭାର ଶୀତ ଅଧିବେଶନ ବନ୍ଦ ହେବା ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଧାୟକ ଓ ଅନ୍ୟମାନଙ୍କ ଦରମା/ଭତ୍ତା ଏବଂ ପୂର୍ବତନ ବିଧାୟକମାନଙ୍କ ପେନସନ/ଭତ୍ତା ବୃଦ୍ଧି ନେଇ ବିଧେୟକ ଗୃହରେ ଉପସ୍ଥାପନ କରାଯାଇଥିଲା। ଦଳମତ ନିର୍ବିଶେଷରେ ସବୁ ବିଧାୟକ ଏହାକୁ ସମର୍ଥନ ଜଣାଇଥିଲେ। ତେବେ ଏହାକୁ ନେଇ ସାଧାରଣରେ ଆରମ୍ଭ ହୋଇଛି ଚର୍ଚ୍ଚା ଓ ଆଲୋଚନା। ଓଡ଼ିଶା ବିଧାନସଭାର ସଦସ୍ୟ ଓ ଅନ୍ୟମାନଙ୍କ ଦରମା/ଭତ୍ତା ଏବେ ଦେଶର ଅନ୍ୟ ରାଜ୍ୟ ତୁଳନାରେ ସର୍ବାଧିକ ହୋଇଛି।

ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, କର୍ଣ୍ଣାଟକ ଭଳି ରାଜ୍ୟର ବିଧାୟକଙ୍କୁ ପଛରେ ପକାଇଛି ଓଡ଼ିଶା। ଓଡ଼ିଶା ପଛକୁ ଝାଡ଼ଖଣ୍ଡର ବିଧାୟକ ଦ୍ୱିତୀୟ ସର୍ବାଧିକ ଦରମା ପାଉଛନ୍ତି। ଝାଡ଼ଖଣ୍ଡର ବିଧାୟକଙ୍କୁ ମାସିକ ୨ ଲକ୍ଷ ୯୦ ହଜାର ଟଙ୍କା ଦରମା ମିଳୁଥିବା ବେଳେ ମହାରାଷ୍ଟ୍ର ଓ ତେଲଙ୍ଗାନାର ବିଧାନସଭାର ସଦସ୍ୟମାନଙ୍କୁ ଅଢେଇ ଲକ୍ଷ, ଉତ୍ତର ପ୍ରଦେଶର ବିଧାୟକଙ୍କୁ ୨ ଲକ୍ଷ ୯୬ ହଜାର ଟଙ୍କା ଦରମା ମିଳୁଛି। ଓଡ଼ିଶାର ବିଧାୟକଙ୍କୁ ଦରମା ଓ ଭତ୍ତା ବାବଦରେ ୩ ଲକ୍ଷ ୪୫ ହଜାର ଟଙ୍କା ମିଳିବ। କେରଳ ବିଧାନସଭାର ସଦସ୍ୟଙ୍କୁ ଦ୍ୱିତୀୟ ସର୍ବନିମ୍ନ ଦରମା ଓ ଭତ୍ତା ମାସିକ ୭୦ ହଜାର ଟଙ୍କା ମିଳୁଥିବାବେଳେ ସବୁଠାରୁ କମ୍ ତ୍ରିପୁରା ବିଧାୟକଙ୍କ ଦରମା ମାସିକ ମାତ୍ର ୫୦ହଜାର ରହିଛି। ସେହିପରି ଦିଲ୍ଲୀର ବିଧାୟକମାନଙ୍କୁ ୧ ଲକ୍ଷ ୨୫ ହଜାର ଟଙ୍କା ଦିଆଯାଉଛି। ପ୍ରାୟ ୮ ବର୍ଷ ଧରି ଓଡ଼ିଶା ବିଧାନସଭାରେ ବିଧାୟକ ଓ ପୂର୍ବତନ ବିଧାୟକଙ୍କ ଦରମା/ଭତ୍ତା ବୃଦ୍ଧି ପାଇଁ ଦାବି ହୋଇଆସୁଥିଲା। ଏହାକୁ ନେଇ ଓଡ଼ିଶା ବିଧାନସଭାର ସଦସ୍ୟମାନେ ଯୁକ୍ତି ରଖିଛନ୍ତି ଯେ ବର୍ଦ୍ଧିତ ଦରଦାମ ପରିପ୍ରେକ୍ଷୀରେ ସ୍ୱଳ୍ପ ଦରମାରେ ଚଳିବା ବହୁତ କଷ୍ଟକର ହେଉଥିଲା। ନିର୍ବାଚନମଣ୍ଡଳୀର ଲୋକଙ୍କ କଥା ବି ବୁଝିବାକୁ ପଡୁଛି। ତେଣୁ ଦରମା ଓ ଭତ୍ତା ବୃଦ୍ଧି ଜରୁରୀ ଥିଲା ବୋଲି ସେମାନେ କହିଛନ୍ତି।

ବିଧାୟକ ଓ ପୂର୍ବତନ ବିଧାୟକଙ୍କ ଦରମା ଓ ପେନସନ ବୃଦ୍ଧିର ପୁନର୍ବିଚାର କରିବାକୁ ଦାବି କରିଛି ବିରୋଧୀଦଳ ବିଜେଡି । ବିରୋଧୀଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବର୍ଦ୍ଧିତ ଦରମା ନନେଇ ଗରିବଙ୍କ କଲ୍ୟାଣ ପାଇଁ ଲଗାଇବାକୁ କହିଥିଲେ । ଏହାପରେ ଉଭୟ ବିରୋଧୀ ଓ ଶାସକ ଦଳରୁ ଦରମା ବୃଦ୍ଧିକୁ ନେଇ ପ୍ରତିକ୍ରିୟା ଆସିବାରେ ଲାଗିଥିଲା ।

ବଡକଥା ହେଲା ରାଜ୍ୟରେ ବିଲକୁ ନେଇ ତୀବ୍ର ଅସନ୍ତୋଷ ପରେ ବିଜେପି ବିଧାୟକମାନଙ୍କ ବଡ ନିଷ୍ପତ୍ତି ନେଇଛନ୍ତି। ବିଧାନସଭାରେ ସର୍ବସମ୍ମତ କ୍ରମେ ପାରିତ ହୋଇଥିବା ଏମ.ଏଲ.ଏଙ୍କ ଦରମା ଏବଂ ପେନସନ ବୃଦ୍ଧି ନିଷ୍ପତ୍ତିକୁ ପୁନଃବିଚାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସେମାନେ ଲିଖିତ ଦାବି ଉପସ୍ଥାପନ କରିଛନ୍ତି। ଲୋକମତକୁ ସମ୍ମାନ ଦେଇ ବିଜେପି ବିଧାୟକ ଦଳ ବୈଠକରେ ଏହି ନିଷ୍ପତ୍ତି ହୋଇଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି। ତେବେ ପରିଶେଷରେ ଏତିକି କୁହାଯାଇପାରେ ଯେ ବିଧାୟକମାନେ ହେଉଛନ୍ତି ନିର୍ବାଚିତ ଲୋକ ପ୍ରତିନିଧି । ତେଣୁକରି ସବୁବେଳେ ନିଜ ସ୍ୱାର୍ଥଠାରୁ ଅଧିକ ଜନସ୍ୱାର୍ଥ ହିଁ ତାଙ୍କ ପାଇଁ ସର୍ବୋପରି ରହିବା ଉଚିତ । ଯେଉଁଠି ରାଜ୍ୟବାସୀ ବିଭିନ୍ନ ପ୍ରକାରର ମୌଳିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେଇଠି ସେସବୁ ଉପରେ ପ୍ରାଥମିକତା ନ ଦେଇ କ୍ଷମତା ବ୍ୟବହାର କରି ନିଜ ସ୍ୱାର୍ଥକୁ ଯଦି ଏହି ଲୋକ ପ୍ରତିନିଧିମାନେ ପ୍ରାଥମିକତା ଦେବେ ତାହାଲେ ନିଶ୍ଚିତ ଏହା ସ୍ୱର ଉତ୍ତୋଳନ ଏବଂ ସମାଲୋଚନାର ବାଟ ଫିଟାଇବ ଏଥିରେ ଅତ୍ୟୁକ୍ତି ନାହିଁ ।

ସାମ୍ବାଦିକ ଓ ଉପସ୍ଥାପକ
ଭୁବନେଶ୍ୱର

# ବିପଦରେ ହାତୀ

ଆସାମରେ ଘଟିଥିବା ହାତୀ-ଟ୍ରେନ୍ ଧକ୍କା ଏକ ବଡ଼ ଘଟଣା। ଗୋଟିଏ ଧକ୍କାରେ ୮ଟି ହାତୀଙ୍କ ମୃତ୍ୟୁ ହୋଇଛି। ଆସାମରେ ଏହା ଏପର୍ଯ୍ୟନ୍ତ ରେକର୍ଡ ହୋଇଥିବା ସବୁଠାରୁ ଘାତକ ଟ୍ରେନ୍-ହାତୀ ଧକ୍କା। ସଂସଦରେ ଶେୟାର କରାଯାଇଥିବା ସରକାରୀ ତଥ୍ୟ ଦର୍ଶାଉଛି, ୨୦୨୧-୨୨ ଏବଂ ୨୦୨୩-୨୪ ମଧ୍ୟରେ ଟ୍ରେନ୍ ଧକ୍କାରେ ୪୭ ହାତୀଙ୍କ ମୃତ୍ୟୁ ହୋଇଛି। ୨୦୨୧-୨୨: ୧୫ ହାତୀଙ୍କ ମୃତ୍ୟୁ ହୋଇଥିଲା, ୨୦୨୨-୨୩: ୧୫ଟି ହାତୀ ଓ ୨୦୨୩-୨୪ରେ ୧୭ଟି ମୃତ୍ୟୁ ହୋଇଥିଲା । ଗତ ୩ ବର୍ଷ ମଧ୍ୟରେ ଏହା ଏକ ଉପର ଆଡ଼କୁ ଯାଉଥିବା ଧାରା ନିଶ୍ଚିତ କରେ।ଭାରତରେ ପ୍ରକଳ୍ପ-ହାତୀ ୧୯୯୦-୯୧ରେ ଆରମ୍ଭ ହୋଇଥିଲା। ରେଳ ଦୁର୍ଘଟଣା ଯୋଗୁ କେବଳ ୨୦୦୯ ପରଠାରୁ ନିର୍ଭରଯୋଗ୍ୟ ତଥ୍ୟ ମିଳିପାରୁଛି । ଏହା ପୂର୍ବରୁ ଅର୍ଥାତ୍ ୧୯୯୦-୨୦୦୮ ମସିହା ମଧ୍ୟରେ ଏଭଳି ଦୁର୍ଘଟଣା ବିରଳ ହୋଇଥିଲେ ସୁଦ୍ଧା ବୃଦ୍ଧିପାଉଥିବା ଜଣାଯାଏ । ୨୦୦୯-୧୦ରୁ ୨୦୨୪ ମଧ୍ୟରେ ଟ୍ରେନ ଧକ୍କାରେ୧୮୬ ହାତୀଙ୍କ ମୃତ୍ୟୁ ହୋଇଛି। ଏହି ସମୟ ମଧ୍ୟରେ ବାର୍ଷିକ ନିରନ୍ତର ମୃତ୍ୟୁ ସାଧାରଣତଃ ପ୍ରତିବର୍ଷ ୧୦-୨୦ ହାତୀ। ୧୯୯୦ ଦଶକର ଶେଷଭାଗରେ ହାତୀ ବାସସ୍ଥାନ ଦେଇ ରେଳଲାଇନ ବିସ୍ତାର ହେବା ସହ ଟ୍ରେନ୍-ହାତୀ ଧକ୍କା ବୃଦ୍ଧିପାଇବା ଆରମ୍ଭ ହୋଇଥିଲା। ଆସାମ, ପଶ୍ଚିମବଙ୍ଗ, ଓଡ଼ିଶା, ତାମିଲନାଡୁ ଏବଂ କେରଳରେ ହଟ୍ସ୍ପଟ୍ ଦେଖାଗଲା।ହାତୀ-ଦୁର୍ଘଟଣା ଦୃଷ୍ଟିକୋଣରୁ ଏକ ମିଳିତ ସରକାରୀ ସର୍ଭେ ଦ୍ୱାରା ଚିହ୍ନଟ ହୋଇଥିବା ୧୪ଟି ରାଜ୍ୟରେ ୭୭ଟି ଉଚ୍ଚ ବିପଦପୂର୍ଣ୍ଣ ରେଳପଥ ଜଣାଯାଏ। ସର୍ବାଧିକ ବିପଦପୂର୍ଣ୍ଣ ରାଜ୍ୟଗୁଡ଼ିକ ମଧ୍ୟରେ ଆସାମ, ପଶ୍ଚିମବଙ୍ଗ, ଓଡ଼ିଶା, କେରଳ, ତାମିଲନାଡୁ ଅନ୍ତର୍ଭୁକ୍ତ।ବର୍ତ୍ତମାନ ସମୟରେ ହାତୀମାନଙ୍କର ପାରମ୍ପରିକ ଚଲାପଥ ବଦଳିବାରେ ଲାଗିଛି। ହାତୀ କରିଡର ପରିବର୍ତ୍ତନ ହେଉଛି, କାରଣ ସେମାନଙ୍କର ବାସସ୍ଥାନ ସଙ୍କୁଚିତ ହେଉଛି, ଖଣ୍ଡଖଣ୍ଡ ହୋଇ ଅଧିକ ବିପଦପୂର୍ଣ୍ଣ ହେଉଛି। ଜଙ୍ଗଲଗୁଡ଼ିକ ଭିତ୍ତିଭୂମି ଏବଂ ମାନବ କାର୍ଯ୍ୟକଳାପକୁ ସ୍ଥାନ ଦେଉଥିବାରୁ ହାତୀମାନେ ସେମାନଙ୍କର ପ୍ରାଚୀନ ପ୍ରବାସୀପଥଗୁଡ଼ିକୁ ପରିବର୍ତ୍ତନ କରିବାକୁ ବାଧ୍ୟ ହେଉଛନ୍ତି, ଯାହା ସେମାନଙ୍କୁ ରାସ୍ତା, ରେଳପଥ ଏବଂ ଜନବସତି ସହ ନିକଟତର କରୁଛି ଏବଂ ଦୁର୍ଘଟଣାର ଆଶଙ୍କା ବୃଦ୍ଧିକରୁଛି।ଓଡ଼ିଶାରେ ଟ୍ରେନ୍-ହାତୀଧକ୍କାକୁ ଏଡ଼ାଇବା ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କ୍ୟାମେରା ସିଷ୍ଟମ କାର୍ଯ୍ୟକାରୀ କରାଯାଇଥିଲା ଏବଂ ୨୦୨୪ ଶେଷଭାଗରେ ବ୍ୟବହାର ହୋଇଥିବା ରିପୋର୍ଟ କରାଯାଇଥିଲା। ବିଶେଷକରି ଡିସେମ୍ବର ୨୦୨୪ରେ ରାଉରକେଲା ବନଖଣ୍ଡରେ ସ୍ଥାପିତ ଏକ ଏଆଇଭିତ୍ତିକ ଥର୍ମାଲ କ୍ୟାମେରା ସିଷ୍ଟମ ରେଳଟ୍ରାକ୍‌ରେ ହାତୀଙ୍କ ଏକ ପଲକୁ ଚିହ୍ନଟ କରିଥିଲା ଏବଂ କର୍ତ୍ତୃପକ୍ଷଙ୍କୁ ସତର୍କ କରିଥିଲା, ଯେଉଁମାନେ ହାତୀଙ୍କୁ ସୁରକ୍ଷିତ ଭାବରେ ପାରକରିବା ପାଇଁ ଏକ ମାଲବାହୀ ଟ୍ରେନ୍ ବିଳମ୍ବ କରିଥିଲେ(ଙ୍ ହାତୀ-ଟ୍ରେନ୍ ଧକ୍କାକୁ ଏଡ଼ାଇବା ପାଇଁ ଓଡ଼ିଶାରେ ବ୍ୟବହୃତ ପ୍ରଯୁକ୍ତିବିଦ୍ୟା ହେଉଛି ଏକ ପ୍ରକାର ସଫଳ ପ୍ରୟାସ। ଏହା ଏଆଇଚାଳିତ କ୍ୟାମେରା ସିଷ୍ଟମ ଯୋଗୁ ସମ୍ଭବ ହେଉଛି। ଏହି ଉନ୍ନତ ଏଆଇ କ୍ୟାମେରାଗୁଡ଼ିକ ହାତୀ ବାସସ୍ଥାନରେ ରେଳଟ୍ରାକ୍ ସହ ସ୍ଥାପିତ ହୋଇଛି। ଏଆଇ କ୍ୟାମେରାଗୁଡ଼ିକ ଟ୍ରାକ୍ ପାଖକୁ ଆସୁଥିବା ହାତୀମାନଙ୍କୁ ଚିହ୍ନଟ କରନ୍ତି ଏବଂ ତୁରନ୍ତ ନିୟନ୍ତ୍ରଣ କକ୍ଷକୁ ସତର୍କ ପଠାନ୍ତି। ଏହି ପ୍ରାରମ୍ଭିକ ସତର୍କତା ରେଳ କର୍ତ୍ତୃପକ୍ଷଙ୍କୁ ସମୟସୀମା ମଧ୍ୟରେ ଟ୍ରେନ୍‌ଗୁଡ଼ିକୁ ଅଟକାଇବା କିମ୍ବା ବିଳମ୍ବ କରିବାକୁ ସୁବିଧା ଦେଇଥାଏ। ଫଳରେ ଟ୍ରେନ ଯୋଗୁ ହାତୀପଲ ସହ ଧକ୍କାକୁ ରୋକାଯାଇଥାଏ।ଏହି ସିଷ୍ଟମରେ ଉଚ୍ଚ ରିଜୋଲ୍ୟୁଶନ ଏଆଇ ଏବଂ ଟାୱାରରେ ଲଗାଯାଇଥିବା ଥର୍ମାଲ କ୍ୟାମେରା ଅନ୍ତର୍ଭୁକ୍ତ, ଯାହା ହାତୀମାନଙ୍କ ଚରିତ୍ର ଏବଂ ସ୍ଥାନ ବିବରଣୀ କଏଦ କରିଥାଏ। ଜଣାଯାଏ, ଏଭଳି ପ୍ରଯୁକ୍ତିବିଦ୍ୟା ଆପଣାଇଥିବା ଯୋଗୁ ରେଳଲାଇନ ଉପରେ ହାତୀ ତଥା ଅନ୍ୟାନ୍ୟ ବନ୍ୟପ୍ରାଣୀ ଏବଂ ଟ୍ରେନ୍ ଉଭୟର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଜଙ୍ଗଲ ଏବଂ ରେଳ ବିଭାଗ ମଧ୍ୟରେ ସମନ୍ୱିତ କାର୍ଯ୍ୟକୁ ସକ୍ଷମ କରାଯାଇପାରୁଛି। ଏହି ପ୍ରଯୁକ୍ତିବିଦ୍ୟା ଓଡ଼ିଶାର ରାଉରକେଲା ବନାଞ୍ଚଳରେ ସଫଳତାର ସହ ନିୟୋଜିତ ହୋଇଛି ଏବଂ ଟ୍ରେନ୍ ସମ୍ବନ୍ଧୀୟ ହାତୀ ମୃତ୍ୟୁ ହ୍ରାସ କରିବା ପାଇଁ ବ୍ୟାପକ ପ୍ରଶମନ ପ୍ରୟାସର ଏକ ଅଂଶ। ମାତ୍ର ହାତୀମୃତ୍ୟୁ ହାର ପାଇଁ ଆହୁରି ଅନେକ କାରଣ ରହିଛି, ବଢୁଛି ଅଥବା ତାହା ଏବେ ନୂତନକରି ଉଭାହେଉଛି। ୨୦୧୯ରୁ୨୦୨୪ ମଧ୍ୟରେ ଓଡ଼ିଶାରେ ଟ୍ରେନ୍ ଦୁର୍ଘଟଣା ଯୋଗୁ ୧୪ହାତୀଙ୍କ ମୃତ୍ୟୁ ରେକର୍ଡ କରାଯାଇଛି। ଆହୁରି ବ୍ୟାପକ ଭାବରେ କହିବାକୁ ଗଲେ ୨୦୧୫-୧୬ରୁ ୨୦୨୩-୨୪ ପର୍ଯ୍ୟନ୍ତ ଓଡ଼ିଶାରେ ଟ୍ରେନ୍ ଧକ୍କା ଯୋଗୁ ୨୬ ହାତୀଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାଗୁଡ଼ିକ ସାଧାରଣତଃ ରାତିରେ କିମ୍ବା କମ୍ ଦୃଶ୍ୟମାନତାରେ ପାରମ୍ପରିକ ହାତୀପଥକୁ ଛେଦନ କରୁଥିବା ସ୍ଥାନରେ ଘଟେ।

# ଋତୁ ପରିବର୍ତ୍ତନର ସମସ୍ୟା

### ଡାକ୍ତର ରାମ ପ୍ରସାଦ ରାୟ

ଋତୁ ପରିବର୍ତ୍ତନ ହେଲେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଯାଏ । ସେସବୁ ସମସ୍ୟା ମଧ୍ୟରୁ ଥଣ୍ଡା, ଜ୍ୱର, କାଶ ଆଦି ସାଧାରଣ । ତେବେ କିଛି କିଛି ଲୋକଙ୍କ କ୍ଷେତ୍ରରେ ବ୍ରଙ୍କିଓଲାଇଟିସ, ଆଲର୍ଜି, ଶ୍ୱାସକଷ୍ଟ, ନିଉମୋନିଆ, ଭାଇରାଲ ଫିଭର ଭଳି ରୋଗ ମଧ୍ୟ ହୋଇଥାଏ । ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ଥିଲେ ଏହି ସବୁ ସମସ୍ୟାଗୁଡ଼ିକ ଖୁବ୍ ଶୀଘ୍ର ଶରୀରକୁ ଆକ୍ରାନ୍ତ କରିଦିଅନ୍ତି ।ବ୍ରଙ୍କିଓଲାଇଟିସ୍ : ବ୍ରଙ୍କିଓଲାଇଟିସ୍ ଏକ ପ୍ରକାରର ଭାଇରାଲ ଡିଜିଜ୍ । ଏହି ସମସ୍ୟାରୁ ଶ୍ୱାସକଷ୍ଟ ଦେଖାଦିଏ । ବିଶେଷକରି ଛୋଟ ପିଲାଙ୍କର ଥରେ ଶ୍ୱାସକଷ୍ଟ ଆରମ୍ଭ ହେଲେ ସେମାନେ ସ୍ୱାଭାବିକ ଭାବେ ନିଃଶ୍ୱାସ ପ୍ରଶ୍ୱାସ ନେଇ ପାରନ୍ତି ନାହିଁ । ଖାଦ୍ୟ ଗିଳିବା ବେଳେ କଷ୍ଟ ହୋଇଥାଏ । ସମସ୍ୟା ଅତି ଗୁରୁତର ହୋଇଗଲେ ଅକ୍ସିଜେନ ଦେବାକୁ ହୋଇଥାଏ । ନଚେତ୍ ନେବୁଲାଇଜେସନ୍ ପ୍ରକ୍ରିୟା ମାଧ୍ୟମରେ ଗଳା ଓ ଛାତିରୁ କଫ ବାହାର କରାଯାଏ ।ଆଲର୍ଜି ଓ ଆସ୍ଥମା : ଯେଉଁମାନଙ୍କର ଆଲର୍ଜି ଓ ଆସ୍ଥମା ଭଳି ସମସ୍ୟା ପ୍ରଥମରୁ ଥାଏ ସେମାନେ ଋତୁ ପରିବର୍ତ୍ତନ ସମୟରେ ଖୁବ୍ କଷ୍ଟ ପାଆନ୍ତି । କିଛି କିଛି ଲୋକଙ୍କର ଏହି ସମୟରେ ଆକ୍ୟୁଟ୍ ଆସ୍ଥମାଟିକ୍ ଆଟାକ୍ ହୋଇଥାଏ । ହଠାତ୍ କାଶୁ କାଶୁ ଶ୍ୱାସକଷ୍ଟ ଆରମ୍ଭ ହୋଇଥାଏ । ଧଇଁସଇଁ ଲାଗେ । ଛାତି ପାଖରେ ସଁ ସଁ ଶବ୍ଦ ହୋଇଥାଏ । ସର୍ଦ୍ଦି ସାଙ୍ଗକୁ କ୍ରମାଗତ ଭାବେ ଛିଙ୍କ ହେବାରେ ଲାଗେ । ସହଜରେ ଶରୀରରୁ ଥଣ୍ଡା ଛାଡ଼େ ନାହିଁ । ପ୍ରାୟ ଏକ ମାସ ପର୍ଯ୍ୟନ୍ତ ଶ୍ୱାସକଷ୍ଟ ଲାଗିରହେ । ପରିବାରରେ ବୟସ୍କମାନଙ୍କର ଏଭଳି ସମସ୍ୟା ଥିଲେ ଛୋଟପିଲାମାନେ ମଧ୍ୟ ଏହି ସମସ୍ୟା ଭୋଗିବାର ଆଶଙ୍କା ଅଛି । ଏହି ସମସ୍ୟା ଥିଲେ ନାଜାଲ ସ୍ପ୍ରେ, ଇନ୍‌ହେଲର୍ ଆଦି ବ୍ୟବହାର କରିବାକୁ ହୋଇଥାଏ । ତେବେ ସବୁଠାରୁ ବଡ଼କଥା ହେଲା ଯେଉଁସବୁ ଜିନିଷରୁ ଆଲର୍ଜି ସୃଷ୍ଟି ହୁଏ, ସେ ସବୁ ଜିନିଷ ଠାରୁ ଦୂରରେ ରହିବା ଭଲ । ଏହି ସମସ୍ୟାର ଚିକିତ୍ସା ସ୍ୱରୂପ ଆଣ୍ଟିବାୟୋଟିକ୍ ଓ ଷ୍ଟେରଏଡ୍ ଦେବାକୁ ହୋଇଥାଏ । ଆସ୍ଥମାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ହେଲା ଇନ୍‌ହେଲର୍ ବ୍ୟବହାର କରିବାକୁ ଡାକ୍ତରମାନେ ପରାମର୍ଶ ଦିଅନ୍ତି । ଷ୍ଟେରଏଡ୍ ଇନ୍‌ହେଲର୍ ଓ ବ୍ରଙ୍କୋଡାଏଲେଟର୍ ଇନ୍‌ହେଲର ।

ନିଉମୋନିଆ : ଭାଇରାଲ ଇନ୍‌ଫେକସନ୍ ଏବଂ ବ୍ୟାକ୍ଟେରିଆ ସଂକ୍ରମଣରୁ ନିଉମୋନିଆ ସଂକ୍ରମଣ ହୁଏ । ନିଉମୋନିଆ ପାଇଁ ମୁଖ୍ୟତଃ ପାରାଇନ୍‌ଫ୍ଲୁଏନ୍‌ଜା ଏବଂ ଆଡ଼ିନୋ ଭାଇରସ୍ ଭଳି ଭୂତାଣୁ ଆଦି ଦାୟୀ । ଏହା ବ୍ୟତୀତ ନିଉମୋକ୍କାସ ବ୍ୟାକ୍ଟେରିଆ କାରଣରୁ ମଧ୍ୟ ନିଉମୋନିଆ ହୋଇଥାଏ । ନିଉମୋନିଆ ହେଲେ ନିଃଶ୍ୱାସ ନେବା ବେଳେ ନାକ ଫୁଲିଉଠେ । ମୁହଁ ଓ ଓଠର ଚାରିପାଖ ନୀଳ ପଡ଼ିଯିବା ସହିତ ଜ୍ୱର ଓ କମ୍ପ ଆସେ । ଛାତିରେ ଯନ୍ତ୍ରଣା ହୁଏ । ଅନେକ ସମୟରେ ଶୁଖିଲା କାଶ ମଧ୍ୟ ହୋଇଥାଏ । ଏହି ରୋଗରେ ନିୟମିତ ରକ୍ତପରୀକ୍ଷା ସାଙ୍ଗକୁ ଛାତିର ଏକ୍ସରେ କରିବା ମଧ୍ୟ ଦରକାର । ଡାକ୍ତରଙ୍କ ପରାମର୍ଶ ଅନୁସାରେ ଯେତେ ଶୀଘ୍ର ସମ୍ଭବ ଆଣ୍ଟିବାୟୋଟିକ୍ ଖାଇବା ଭଲ । ଆବଶ୍ୟକ ସ୍ଥଳେ ବାମ୍ପ ନେବାକୁ ମଧ୍ୟ ଡାକ୍ତର ପରାମର୍ଶ ଦେଇଥାନ୍ତି ।ଭାଇରାଲ୍ ଫିଭର : ଋତୁ ପରିବର୍ତ୍ତନ ସମୟରେ (ଭାଇରାଲ ଫିଭର) ପ୍ରାୟତଃ ଛୋଟ ପିଲାମାନଙ୍କ କ୍ଷେତ୍ରରେ ହୋଇଥାଏ । ଜ୍ୱର ହେବା ସାଙ୍ଗକୁ ମୁଣ୍ଡବିନ୍ଧା, ଛିଙ୍କ, କାଶ ଭଳି ଲକ୍ଷଣ ମଧ୍ୟ ଦେଖାଯାଏ । ଛୋଟ ପିଲାମାନଙ୍କର ହାତଗୋଡ ଘୋଳାବିନ୍ଧା ହେବା ସହିତ ତ୍ୱଚାରେ ର୍‍ୟାଶ୍ ମଧ୍ୟ ସୃଷ୍ଟି ହୋଇଥାଏ । ଖାଇବାକୁ ଇଚ୍ଛା ହୁଏ ନାହିଁ । ଏହା ସହିତ ବାନ୍ତି ମଧ୍ୟ ହୋଇଥାଏ । ଭାଇରାଲ ଫିଭର୍‌ର ଚିକିତ୍ସା ପାଇଁ ପାରାସିଟାମଲ୍ ଜାତୀୟ ଔଷଧ ପ୍ରେସ୍‌କ୍ରାଇବ କରାଯାଇଥାଏ । ୧୦୦ ଡିଗ୍ରୀରୁ ଅଧିକ ତାପମାତ୍ରା ରହିଲେ ପ୍ରତି ଚାରିଘଣ୍ଟାରେ ଥରେ ଔଷଧ ଦେବାକୁ ହୋଇଥାଏ । ଜ୍ୱର ଅଧିକ ବଢ଼ିଲେ ବା ଆଦୌ ନ କମିଲେ ନଖ ଉଷୁମ ପାଣିରେ ଶରୀର ପୋଛିଦେବେ । ଯେତେ ସମ୍ଭବ ଅଧିକ ତରଳ ଖାଦ୍ୟ ଖାଇବାକୁ ଦିଅନ୍ତୁ ।

କ୍ୟାମ୍ପ ଆସିଷ୍ଟାଣ୍ଟ, ସେଣ୍ଟ୍ରାଲ ରେଡ଼କ୍ରସ ବ୍ଲଡ ସେଣ୍ଟର, କଟକ, ଦୂରଭାଷ : ୮୨୬୦୪୦୮୮୩୬

# ମମି ବ୍ରେନ୍

### ପ୍ରଫେସର ଡାକ୍ତର ସମ୍ରାଟ କର

ଆପଣଙ୍କ ସହିତ ଏମିତି କେବେ ହୋଇଛି ନୂଆ କରି ମା' ହେବା ପରେ ଛୋଟ ଛୋଟ କଥା ଭୁଲି ଯାଉଥିବେ। ରୁମକୁ ଦୌଡ଼ି କରି ଯିବେ। ହେଲେ କ'ଣ ପାଇଁ ଆସିଛନ୍ତି ଭୁଲିଯାଇଥିବେ। ନ ହେଲେ ହାତରେ ଗାଡ଼ି ଚାବି କିମ୍ବା ଫୋନ ଧରି ପୁରା ରୁମ ଖୋଜୁଥିବେ। ଯଦି ଆପଣ ଏମିତି ସମସ୍ୟା ଦେଇ ଗତି କରୁଥାନ୍ତି ତା' ହେଲେ ହୁଏତ ଆପଣ ମମି ବ୍ରେନ ସମସ୍ୟା ଭୋଗୁଥାଇ ପାରନ୍ତି। ଏହି ମମି ବ୍ରେନ କ'ଣ ଶୁଣିବାକୁ ଏହି ଶବ୍ଦ ଅଜବ ଲାଗୁଥିଲେ ମଧ୍ୟ ଏହା ଏକ ପ୍ରକାର ମାନସିକ ସମସ୍ୟା। ଯେଉଁଥିରେ ମୁଣ୍ଡ ଠିକ୍ ଭାବେ କାମ କରେ ନାହିଁ ଏବଂ ଧୀରେ ଧୀରେ ଜିନିଷ ସବୁ ଭୁଲି ହୋଇଯାଏ। ମମି ବ୍ରେନ ଲକ୍ଷଣ ଗର୍ଭବତୀ ଏବଂ ନୂଆକରି ମା' ହୋଇଥିବା ମହିଳାମାନଙ୍କ ଠାରେ ଦେଖିବାକୁ ମିଳେ। ଅନେକ ଅନୁସନ୍ଧାନରୁ ଜଣାପଡ଼ିଛି ପିଲା ଜନ୍ମ ହେବାପରେ ମା'ଙ୍କ ଉପରେ ବିଭିନ୍ନ ପ୍ରକାର ମାନସିକ ଚାପ ପଡ଼ିଥାଏ ଏବଂ ବେଳେ ବେଳେ ଏହାର ପ୍ରଭାବ ଅଧିକ ଦିନ ପର୍ଯ୍ୟନ୍ତ ରହିଥାଏ। ବ୍ରିଟିଶ କଲମ୍ବିଆ ୟୁନିଭର୍ସିଟିର ଏକ ରିସର୍ଚ୍ଚରୁ ଜଣାପଡ଼ିଛି ମା' ହେବା ପରେ ମହିଳାଙ୍କର ସ୍ମୃତି ଶକ୍ତି ଉପରେ ସ୍ଥାୟୀ ପ୍ରଭାବ ପଡ଼ିଥାଏ।

ନେଚର ନ୍ୟୁରୋସାଇନ୍ସରେ ପ୍ରକାଶିତ ଏକ ଅଧ୍ୟୟନ କୁହେ, କୌଣସି ମହିଳା ମା' ହେବା ପରେ ମସ୍ତିଷ୍କର ଅନେକାଂଶରେ ଗ୍ରେ ମ୍ୟାଟର ମାତ୍ରା କମିଯାଇଥାଏ। ଏହି ପରିବର୍ତ୍ତନ ପାଖାପାଖି ଦୁଇ ବର୍ଷ ପର୍ଯ୍ୟନ୍ତ ରହିଥାଏ। ମା'ହେବା ପରେ ମହିଳାଙ୍କ ମସ୍ତିଷ୍କରେ ଘଟୁଥିବା ବିଭିନ୍ନ ପରିବର୍ତ୍ତନ ଉପରେ ଅନେକ ଅଧ୍ୟୟନ କରାଯାଇଛି। ଗର୍ଭାବସ୍ଥା ଏବଂ ମା' ହେବା ପରେ ସ୍ମୃତିଶକ୍ତି ହ୍ରାସ ପାଇବା ସାଧାରଣ। ନବଜାତ ପିଲାର ଆବଶ୍ୟକତା ପୂରଣ କରିବା ସହିତ ନିଦର ଅଭାବ ପରି ସମସ୍ୟା ସବୁ ନୂଆ ମା'ଅନୁଭବ କରନ୍ତି। ଏହା ମମି ବ୍ରେନର କାରଣ ହୋଇଥାଏ। ମମି ବ୍ରେନକୁ ନେଇ ସବୁ ମା'ଙ୍କ ଅଭିଜ୍ଞତା ସମାନ ହୋଇନଥାଏ। କିଛି ମହିଳା ପ୍ରସବର କିଛି ଦିନ ପରେ ଏହି ସମସ୍ୟାରୁ ମୁକ୍ତି ପାଇଯାଆନ୍ତି। ଆଉ କିଛି ମହିଳା ବର୍ଷେ କିମ୍ବା ଦୁଇବର୍ଷ ପର୍ଯ୍ୟନ୍ତ ଏହି ସମସ୍ୟାରେ ପୀଡ଼ିତ ଥାଆନ୍ତି। ମମିବ୍ରେନରେ ପୀଡ଼ିତ ମହିଳାଙ୍କ ମସ୍ତିଷ୍କ ଶୂନ୍ୟ ହୋଇଯାଇଥାଏ। ତାଙ୍କୁ କିଛି କିଛି କଥା ମନେ ରଖିବାରେ ସମସ୍ୟା ହୋଇଥାଏ ଏବଂ ତାଙ୍କ ମୁଣ୍ଡକୁ ନୂଆ ଭାବନା ବି ଆସିନଥାଏ। ଅନେକ ସମୟରେ ସେମାନେ ଚିକିତ୍ସକଙ୍କ ସହ ସାକ୍ଷାତ କରିବା ଓ କାହା ସହ ଜରୁରୀ କଥା ହେବାକୁ ମଧ୍ୟ ଭୁଲିଯାଇଥାନ୍ତି।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ଆନନ୍ଦାନୁଭୂତି

### ଇଂ.ସଚ୍ଚିଦାନନ୍ଦ ନନ୍ଦ

ଉପନିଷଦ ଯୁଗର ଦିବ୍ୟଦ୍ରଷ୍ଟା ମହାନ ଋଷିଗଣ ମାନବ ଜୀବନର ଅନ୍ତିମ ଲକ୍ଷ୍ୟ ନିର୍ଦ୍ଧାରଣ କରି କହିଛନ୍ତି ଯେ ତା' ହେଉଛି 'ପରମାନନ୍ଦ ପ୍ରାପ୍ତ କରିବା।' କହିବା କଥା ମଣିଷ ଅସହାୟ ଶିଶୁ ଭାବେ ଜନ୍ମ ନିଏ, କାଳକ୍ରମେ ବଢ଼େ, ରୋଜଗାରକ୍ଷମ ହୁଏ, ପୁନଶ୍ଚ ସନ୍ତାନ ଉତ୍ପାଦନ କରି ବୟସ୍କ ହୋଇ, ରାଗାକ୍ରାନ୍ତ ହୋଇ ମୃତ୍ୟୁବରଣ କରେ। କିନ୍ତୁ ଏଇଥିପାଇଁ ସେ କ'ଣ ସେ ଏଠାକୁ ଆସିଥିଲା ଏ ପ୍ରକାର ଜୀବନରେ କିଛି ସୁଖ, ଶାନ୍ତି ଓ ଆନନ୍ଦ ନାହିଁ ବୋଲି କହିହେବ ନାହିଁ କିନ୍ତୁ ଏହି ସୁଖ, ଶାନ୍ତି ଓ ଆନନ୍ଦ ତୁଳନାରେ ବହୁଗୁଣ ଅଧିକ ଦୁଃଖ, କଷ୍ଟ ଓ ଯନ୍ତ୍ରଣା ଭୋଗିବାକୁ ପଡ଼ିଥାଏ। ଆମ ଜୀବନର ଲକ୍ଷ୍ୟ ସ୍ଥିର କରିଥିବା ଈଶ୍ୱରକୋଟୀ ପୁରୁଷମାନେ ଘୋଷଣା କରିଛନ୍ତି ଯେ ମଣିଷ ଜନ୍ମଲାଭ କରିଛି ପରମାନନ୍ଦ ପ୍ରାପ୍ତି ପାଇଁ, ଶାନ୍ତି ପାଇଁ, ନିତ୍ୟ ତୃପ୍ତି ପାଇଁ। ଦୁଃଖ, ସଂଗ୍ରାମ ଓ ବ୍ୟସ୍ତତା ପାଇଁ ନୁହେଁ। ଶତାବ୍ଦୀ ଶତାବ୍ଦୀ ଧରି ସାଧୁସନ୍ଥ ମାନେ ସଦଗୁରୁ ଓ ଦିବ୍ୟ ପୁରୁଷଗଣ ମନୁଷ୍ୟ ସମାଜକୁ ବାରମ୍ବାର ଆହ୍ୱାନ ଦେଇ ଆସିଛନ୍ତି ଯେ ସେମାନେ ଜୀବନର ଅନ୍ତିମ ଲକ୍ଷ୍ୟକୁ ଭୁଲି ନଯାଇ ତାହା ଲାଭ କରିବାକୁ ଶତତ ଉଦ୍ୟମଶୀଳ ହୁଅନ୍ତୁ ଓ ସେହି ଲକ୍ଷ୍ୟ ହାସଲ କରି ପରମାନନ୍ଦ ପ୍ରାପ୍ତ ହୁଅନ୍ତୁ। ଏ ସଂସାର ଅନିତ୍ୟ ଓ ଦୁଃଖପୂର୍ଣ୍ଣ ବୋଲି ସେମାନେ ମଧ୍ୟ ଜାଣିଥିଲେ। ଏହା ସତ୍ତ୍ୱେ ସେମାନେ ଲକ୍ଷ୍ୟ ହାସଲ କରିବା ପାଇଁ କହିବା କେତେଦୂର ଯୁକ୍ତିଯୁକ୍ତ ଏହାର ଉତ୍ତରରେ ସେମାନେ କହିଛନ୍ତି, ଦୁଃଖ, ଯନ୍ତ୍ରଣା ଓ ଏତାଦୃଶ ବାଧାବିଘ୍ନ ମଧ୍ୟ ଦେଇ ହିଁ ସାଧନା ଚଳାଇ ରଖିବାକୁ ହୁଏ। ଏହା ନଥାଇ କେବଳ ଦୋଳିରେ ଝୁଲି ଝୁଲି, ମଳୟ ପବନରେ ବୁଲି ବୁଲି, କୋଇଲିର କୁହୁ ତାନ ଶୁଣି ଶୁଣି କେହି କ'ଣ ଆନନ୍ଦ ପାଇଲାଣି ଆନନ୍ଦ ପ୍ରାପ୍ତ ହୋଇଥିବା ରାଜା ଜନକ ରାଜା ହୋଇ ମଧ୍ୟ ହଳ ଲଙ୍ଗଳ ଧରି ଜମି ଚାଷ କରୁଥିଲେ। କେବଳ ଫଟୋ ଉଠାଇବା ପାଇଁ ନୁହେଁ, ପ୍ରଚାର ସର୍ବସ୍ୱ ପାଇଁ ନୁହେଁ। ପ୍ରଜାମାନଙ୍କ ସମକ୍ଷରେ ଉଚ୍ଚ ଆଦର୍ଶ ରକ୍ଷା କରିବା ପାଇଁ ଓ ନିଜର ପରମ କର୍ତ୍ତବ୍ୟ ପାଳନ କରିବା ପାଇଁ ଓ ଏହାଦ୍ୱାରା ଲୋକ ଶିକ୍ଷା ପ୍ରଦାନ କରିବା ପାଇଁ। ସେ କାମ କ'ଣ ତାଙ୍କୁ କଷ୍ଟ ଦେଇ ନଥିବ ଏହିସବୁ କଷ୍ଟ ସତ୍ତ୍ୱେ ସେ ଜୀବନର ଲକ୍ଷ୍ୟପଥରୁ ବିଚ୍ୟୁତ ହୋଇ ନଥିଲେ ଯେଉଁଥିପାଇଁ ଚାଷ ଜମିରୁ ପୁରସ୍କାର ସ୍ୱରୂପ ଦେବୀ ସୀତାଙ୍କୁ ପାଇଥିଲେ।

ଭଗବଦ୍ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି – ଆପଣ ଯଦି ନିଜ ଭିତରେ ଭଗବତ ବିଶ୍ୱାସର, ଆତ୍ମ ବିଶ୍ୱାସର, ଆଧ୍ୟାତ୍ମିକ ସାଧନା ଉପରେ ବିଶ୍ୱାସର, ଗୁରୁ ବାକ୍ୟରେ ବିଶ୍ୱାସର, ଶାସ୍ତ୍ର ବାଣୀରେ ବିଶ୍ୱାସର ବିକାଶ କରିବା ପାଇଁ ସଦା ପ୍ରଯତ୍ନଶୀଳ ହୋଇଥିବେ ତେବେ ଯାଇ ନିଜର ଆଧ୍ୟାତ୍ମିକ ଉଦ୍ୟମଶୀଳତା ଫଳବତୀ ହୋଇ ବିକାଶକୁ ତ୍ୱରାନ୍ୱିତ କରିବ। ଆଧ୍ୟାତ୍ମିକ ସାଧନା ପଥରେ ବିଶ୍ୱାସ ହିଁ ସବୁଠାରୁ ବଡ଼ କଥା।

ଭଗବାନଙ୍କ ସହିତ ସଂଯୁକ୍ତ ନ ହୋଇ କେହି କେବେ ଆନନ୍ଦ ଲାଭ କରିନାହାନ୍ତି। ଏହାର ଉପର ସୋପାନଗୁଡ଼ିକୁ ଆରୋହଣ କରିବା ଆହୁରି କଷ୍ଟକର। ସେ ଗୁଡ଼ିକ ହେଉଛି – ନିତ୍ୟାନନ୍ଦ, ସତାନନ୍ଦ, ରସାନନ୍ଦ, ପରମାନନ୍ଦ, ପ୍ରେମାନନ୍ଦ, ସଚ୍ଚିଦାନନ୍ଦ ଓ ବ୍ରହ୍ମାନନ୍ଦ ସ୍ତର। ଥରେ ସେ ଶିଢ଼ିରେ ପାଦ ଦେଲେ ତାହା ସାଧକକୁ ଆପେ ଆପେ ସର୍ବୋଚ୍ଚ ଆନନ୍ଦ ସ୍ତରକୁ ଘେନିଯାଏ। ଯାହା ଶାସ୍ତ୍ରମାନେ ଘୋଷଣା କରିଛନ୍ତି, ଯାହା ଆପ୍ତବାକ୍ୟ କହେ, ଅବତାର ପୁରୁଷମାନେ ଯାହା କହିଛନ୍ତି ମାନବ ମୂଳତଃ ବ୍ରହ୍ମକୁ ନିଜ ଭିତରେ ଧାରଣ କରି ଚାଲିଛି। ତାହା ଉପଲବ୍ଧି କଲେ ଯାଇ ବ୍ରହ୍ମାନନ୍ଦ ସ୍ତରରେ ପହଞ୍ଚିବ। ଆମ୍ଭେମାନେ ମୂଳତଃ ଆତ୍ମା, ଏହି ଉପଲବ୍ଧି ଆସିବା ଦରକାର। ନ ହେଲେ ଆନନ୍ଦ ଅନ୍ୟ କେଉଁଠାରୁ ମିଳି ପାରିବ ନାହିଁ। ଏଥିପାଇଁ ଆତ୍ମା ସହ ସଂଯୋଗ ସ୍ଥାପନ ଦରକାର। ଯେମିତି ରାସ୍ତାରେ ଥିବା ବତୀଖୁଣ୍ଟ ସହ ଆମ ଘରର ବିଦ୍ୟୁତ୍ ବ୍ୟବସ୍ଥା ସଂଯୁକ୍ତ ନହେଲେ ରାସ୍ତା ଖୁଣ୍ଟ ଯେତେ ପାଖରେ ଥିଲେ ବି ଆମ ଘର ଆଲୋକିତ ହୋଇପାରେ ନାହିଁ, ଠିକ୍ ସେହିଭଳି ଶ୍ରେଷ୍ଠ ଆନନ୍ଦର ଉତ୍ସ ଆମ ଅନ୍ତରରେ ବିଦ୍ୟମାନ ଥିଲେ ବି ତାହା ସହ ସଂଯୁକ୍ତ ନହେଲେ ଆନନ୍ଦାନୁଭୂତି ଆମ ପାଇଁ ସୁଦୂରପରାହତ ହୋଇଯିବ। ଗଛର ଚେର ମାଟି ଭିତରକୁ ଯାଇ ସେଠାରୁ ଜଳ ଶୋଷଣ କରି ଉପରେ ଥିବା ପତ୍ରମାନଙ୍କୁ ପଠାଇ ସତେଜ ଓ ସବୁଜ ରଖିଥାଏ। ଆମ ଚେର ମଧ୍ୟ ଆମ ଭିତରେ ଥିବା ଉତ୍ସ ସହ ସଂଯୁକ୍ତ ହେଲେ ଯାଇ ଆମ ଅନ୍ତରିନ୍ଦ୍ରିୟ ଓ ଆତ୍ମା ଚିର ସତେଜ ଓ ସବୁଜ (ଆନନ୍ଦ) ରହିପାରିବ। ଉତ୍ସ ସହ ସଂଯୁକ୍ତ ହେବା ଅର୍ଥ ନାମ ମାଧ୍ୟମରେ ନାମୀ ସହ ସଂଯୁକ୍ତ ହେବା। ନାମ ଓ ନାମୀ ଏକ, ଅଭିନ୍ନ ଓ ସମାନ ଶକ୍ତି ବିଶିଷ୍ଟ। ଭଜନରେ କୁହାଯାଇଛି – 'ଜପ ଧ୍ୟାନ ବିନା ସଂଯୋଗନାହିଁ। ଜପ ଧ୍ୟାନ ହିଁ ମାଧ୍ୟମ।'

ଓଡ଼ିଶାର ପ୍ରାଚୀନ କବିମାନେ ତାଙ୍କ ରଚନାରେ କହିଥିଲେ, 'ହରିନାମେ କି ରସ ଅଛି, ପାନ କଲା ଲୋକ ସନା ଜାଣିଛି।' କି ରସ ଅଛି ଅର୍ଥ ଆନନ୍ଦ ରସ ଅଛି। ରସ ହିଁ ଆନନ୍ଦର ଅନ୍ୟ ନାମ। କେବଳ ନାମରେ ହିଁ ଆନନ୍ଦ ଥାଏ। ଅନ୍ୟ ଜଣେ କବି କହିଲେ – ବନ୍ଧ୍ୟା ନାରୀ ବୀର ପୁତ୍ରର ଜନନୀ ହୋଇଛନ୍ତି। ଦିନେ କେବେ ଏହା ସମ୍ଭବ ହୋଇପାରେ; କିନ୍ତୁ ହରି ନାମ ବିନା ଜଣେ ଆନନ୍ଦ ପାଇଛନ୍ତି ଏହା ଅସମ୍ଭବ। ଠେକୁଆ ମୁଣ୍ଡରେ ଶିଙ୍ଘ ଉଠିଛି, କୌଣସି ସମୟରେ ଏହା ସମ୍ଭବ ହୋଇପାରେ; କିନ୍ତୁ ହରିନାମ ବିନା ଆନନ୍ଦ ଅସମ୍ଭବ। ବରଫ ଖଣ୍ଡଟି ଜଳୁଛି, ଏହା କେବଳ ସମ୍ଭବ ହୋଇପାରେ; କିନ୍ତୁ ହରିନାମ ବିନା ଆନନ୍ଦ ସମ୍ଭବ ନୁହେଁ। ଧଳା ରଙ୍ଗର କୁଆ ଦିନେ କେବେ ଦେଖିବାକୁ ମିଳିପାରେ, କିନ୍ତୁ ହରିନାମ ବିନା ଆନନ୍ଦ କେବେହେଲେ ମିଳିପାରିବ ନାହିଁ।

ଆମ ପ୍ରଭୁ କହିଲେ ଭଜନ ବିନା ସୁଖ ଶାନ୍ତି ନାହିଁ, ହରିନାମ ବିନା ଆନନ୍ଦ ନାହିଁ। ଏ କଥା ସମସ୍ତଙ୍କୁ ଜଣା। ଏହା ଭିତରେ ଗଭୀର ବିଶ୍ୱାସ ସ୍ଥାପନ କରାଯାଉ। ଏହାକୁ ପରମ ସତ୍ୟ ଭାବେ ଗ୍ରହଣ କରାଯାଉ। ଭଗବତ ବାଣୀ ଉପରେ ଆଦୌ ସନ୍ଦେହ କରା ନଯାଉ।

ଭାଗବତ ବାଣୀ 'ଶ୍ରୀକୃଷ୍ଣ ପରମ ମଙ୍ଗଳ, ସକଳ ଆନନ୍ଦର ମୂଳ'। ଏଠାରେ ଶ୍ରୀକୃଷ୍ଣ ଅର୍ଥ ପରଂବ୍ରହ୍ମଙ୍କର ଯେ କୌଣସି ନାମ, ରୂପ ବିଶିଷ୍ଟ ଶକ୍ତି। ତାହା ହିଁ ପରମ ମଙ୍ଗଳ। ତାହା ହିଁ ସକଳ ଆନନ୍ଦର ମୂଳ। କେତେ ସୁନ୍ଦର ଭାବେ ଆନନ୍ଦର ଠିକଣା ବତାଇ ଦିଆଯାଇଛି ଏଠାରେ। ସାଧକ କେବଳ ସେ ଠିକଣାରେ ପହଞ୍ଚିବା ଦରକାର। ଏ ଦିଗରେ ଥିବା ବାଧା ପ୍ରତିବନ୍ଧକ ଆପେ ଆପେ ଶିଥିଳ ହୋଇଯିବ, ଶିକୁଳି ଫିଟିଯିବ ଗୋଟିଏ ସାଧନାରେ। ତାହା ହେଉଛି ନାମ ପ୍ରୀତିରେ ନାମୀଙ୍କୁ ପାଇବାର ବ୍ୟାକୁଳତାରେ। ଭଗବାନ ବାବା ତାଙ୍କ ବାଣୀରେ କହିଛନ୍ତି, ତୁମେ ଆନନ୍ଦ ପାଇବା ପାଇଁ ଯେତିକି ମାତ୍ରାରେ ବ୍ୟାକୁଳ, ମୁଁ ଆନନ୍ଦ ଦେବା ପାଇଁ ସେତିକି ମାତ୍ରାରେ ବ୍ୟାକୁଳ ହୁଏ। ତେଣୁ ଆନନ୍ଦ ପାଇବା, କେତେ ଶୀଘ୍ର ପାଇବା, କେତେ ମାତ୍ରାରେ ପାଇବା ତାହା ନିର୍ଭର କରେ ମନୁଷ୍ୟ ଉପରେ, ତା'ବ୍ୟାକୁଳତାର ମାତ୍ରା ଉପରେ। ଗୀତାରେ ଆଉ ଏକ ବିକଳ୍ପ ଦିଆଯାଇଛି। କୁହାଯାଇଛି – ଜପ, ଧ୍ୟାନ, କର୍ମଫଳ ତ୍ୟାଗ ଯଦି ସମ୍ଭବ ନ ହେଉଛି ତେବେ 'ମଦର୍ଥମ୍ କୁରୁ କର୍ମାଣୀ'। ତାଙ୍କ ପାଇଁ କାମ କରିବା ଅର୍ଥ ତାଙ୍କ ନିର୍ଦ୍ଦେଶ ମାନି କର୍ମମୟ ଜୀବନ ଅତିବାହିତ କରିବା। ସେ ପ୍ରକାର ଜୀବନରେ ଆଉ କିଛି ଭାବିବା, ଭୁଲ ଠିକ ବିଚାର କରିବା, କେଉଁ ସମୟରେ, କେଉଁ ସ୍ଥାନରେ, କେଉଁ ପରିସ୍ଥିତିରେ କ'ଣ କରିବା – ଏ ସବୁ ଚିନ୍ତା କରିବା ଦରକାର ନାହିଁ। ଭଗବାନଙ୍କ ବାଣୀ ପାଳନ କରିବା ହିଁ ସେବା, ତାହା ହିଁ ପରୋପକାର, ତାହା ହିଁ ସର୍ବଶ୍ରେଷ୍ଠ ପୂଜା। ଭଗବାନ ଅଟନ୍ତି କୃପା ପାରାବାର। ଭାଗବତ କୃପା ମିଳେ ତାଙ୍କ ନିର୍ଦ୍ଦେଶରେ ଜୀବନ ବିତାଇବା ଦ୍ୱାରା। ଭଗବତ କୃପା ମିଳିଗଲେ ଆଉ କ'ଣ ପାଇବାକୁ ବାକି ରହେ ଆନନ୍ଦ ପାଇବା ପାଇଁ ଅନ୍ୟ କୌଣସି ଉପାୟ ଖୋଜିବାକୁ ପଡ଼େ କି ଆନନ୍ଦର ମୂଳ ପାଖରେ ଯିଏ ପହଞ୍ଚି ପାରିଛି ସେ ତା'ର ସ୍ୱରୂପ ସନ୍ଧାନ ପାଇବାକୁ ଆଉ ବିଳମ୍ବ ହେବନାହିଁ। ସ୍ୱରୂପ କ'ଣ ପ୍ରତ୍ୟେକଙ୍କର ସ୍ୱରୂପ ହେଉଛି ସଚ୍ଚିଦାନନ୍ଦ, ଅସ୍ତି ଜାତି ପ୍ରିୟମ୍, ସତ୍ୟଂ ଶିବଂ ସୁନ୍ଦରମ୍। ଜଗତଗୁରୁ ଶଙ୍କରାଚାର୍ଯ୍ୟ ତାଙ୍କ ମୋହମୁଦ୍‌ଗର କାବ୍ୟରେ ଲେଖିଲେ – 'ଯସ୍ୟ ବ୍ରହ୍ମଣି ରମତେ ଚିତ୍ତମ୍, ନନ୍ଦତି ନନ୍ଦତି ଏବ'। ଅର୍ଥାତ୍ ମନ ଯଦି ପରଂବ୍ରହ୍ମଙ୍କ ଠାରେ ରମଣ କରୁଥାଏ ତେବେ ସେ ପରମାନନ୍ଦରେ କାଳ କଟାଇବ।

ଭଗବାନ ବାବା କହିଲେ – ଆନନ୍ଦପ୍ରଦ ଭାବନା ତୁଲ୍ୟ ଡାକ୍ତର ଆଉ କେହି ନାହାନ୍ତି, ଯାହା ଶରୀରକୁ ଓ ମନକୁ ଆରୋଗ୍ୟ ପ୍ରଦାନ କରିପାରିବ। ଆନନ୍ଦ ମିଣିଷ ପାଇଁ ଗୋଟିଏ ବିଚିତ୍ର କଥା ନୁହେଁ, ଗୋଟିଏ ବିଦେଶୀ କଥା ନୁହେଁ, ଗୋଟିଏ ଅଦ୍ଭୁତ କଥା ମଧ୍ୟ ନୁହେଁ। ଏହା ଆମର ଅଶ୍ରୁତପୂର୍ବ, ଅଦୃଷ୍ଟପୂର୍ବ ନୁହେଁ। ଏହା ଆମର ସହଜାତ ବିଷୟ। ଏହାକୁ ପାଇବା ଆମର ଜନ୍ମସିଦ୍ଧି ଅଧିକାର। ମଣିଷ ମାତ୍ରେ ହିଁ ସଚ୍ଚିଦାନନ୍ଦ। ଏହି ଦୀର୍ଘବିସ୍ମୃତ ସତ୍ୟକୁ ପୁନର୍ବାର ଫେରିବା ପାଇବା ଗୁରୁତ୍ୱପୂର୍ଣ୍ଣ।

ସଂପାଦକ, 'ଶ୍ରୀ ସତ୍ୟସାଇ ବାଳବିକାଶ', ଅଲିଶା ବଜାର, କଟକ, ଦୂରଭାଷ : ୯୩୩୭୨୪୨୯୫୫



# ମସ୍‌ଜିଦରେ ନମାଜ ପାଠ ସମୟରେ ବଡ଼ ବିସ୍ଫୋରଣ, ୧୦ ମୃତ

**ନୂଆଦିଲ୍ଲୀ, ୨୫।୧୨ (ଏଜେନ୍ସି):** ମସ୍ଜିଦରେ ନମାଜ ପାଠ ସମୟରେ ବଡ଼ ବିସ୍ଫୋରଣ । ଘଟଣାସ୍ଥଳରେ ୧୦ ଜଣଙ୍କ ମୃତ୍ୟୁ ହୋଇଛି । ତେବେ ନାଇଜେରିଆର ମୈଦୁଗୁରିରେ ସନ୍ଧ୍ୟା ପ୍ରାର୍ଥନା ସମୟରେ ଏହି ଘଟଣା ସାମ୍ନାକୁ ଆସିଛି । ବୁଧବାର ସନ୍ଧ୍ୟାରେ ଘଟିଥିବା ଏହି ଘଟଣା ବର୍ଷ ବର୍ଷ ଧରି ବିଦ୍ରୋହଗ୍ରସ୍ତ ଅଞ୍ଚଳରେ ପୁନର୍ବାର ଆତଙ୍କବାଦୀ ହିଂସାର ଆଶଙ୍କା ସୃଷ୍ଟି କରିଛି । ବିସ୍ଫୋରଣ ପାଇଁ ଏପର୍ଯ୍ୟନ୍ତ କୌଣସି ସଶସ୍ତ୍ର ଗୋଷ୍ଠୀ ନିଜକୁ ଦାୟୀ କରିନାହାଁନ୍ତି । ମିଲିସିଆ ନେତା ବାବାକୁରା କୋଲୋ ଏହି ଘଟଣାକୁ ଏକ ସନ୍ଦେହଜନକ ବୋମା ବିସ୍ଫୋରଣ ବୋଲି ବର୍ଣ୍ଣନା କରିଛନ୍ତି । ଅନ୍ୟପଟେ ଅଧିକାରୀମାନେ କହିଛନ୍ତି ଯେ, ଆତଙ୍କବାଦୀମାନେ ପୂର୍ବରୁ ମୈଦୁଗୁରିରେ ମସଜିଦ ଏବଂ ଜନଗହଳିପୂର୍ଣ୍ଣ ସାର୍ବଜନୀନ ସ୍ଥାନଗୁଡ଼ିକୁ ଆତ୍ମଘାତୀ ବୋମା ଏବଂ ବିସ୍ଫୋରକ ଉପକରଣ ବ୍ୟବହାର କରି ଟାର୍ଗେଟ କରିଥିଲେ । ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ, ଗାମ୍ବୋରୁ ମାର୍କେଟ୍ ଅଞ୍ଚଳର ଏକ ଜନଗହଳିପୂର୍ଣ୍ଣ ମସଜିଦ ଭିତରେ ବିସ୍ଫୋରଣ ଘଟିଥିଲା, ଯେଉଁଠାରେ ମୁସଲମାନମାନେ ସନ୍ଧ୍ୟା ପ୍ରାର୍ଥନା ପାଇଁ ଏକତ୍ରିତ ହୋଇଥିଲେ । ହଠାତ ବିସ୍ଫୋରଣ ହେବାରୁ ଆତଙ୍କ ଖେଳିଯାଇଥିଲା । ପ୍ରାରମ୍ଭିକ ରିପୋର୍ଟରୁ ଜଣାପଡିଛି ଯେ, ବିସ୍ଫୋରକ ଉପକରଣଟି ମସଜିଦ ଭିତରେ ରଖାଯାଇଥାଇପାରେ ଏବଂ ପ୍ରାର୍ଥନା ସମୟରେ ବିସ୍ଫୋରଣ କରାଯାଇଥାଇପାରେ । ପ୍ରକାଶ ଥାଉକି, ମୈଦୁଗୁରି ହେଉଛି ବୋର୍ନୋ ରାଜ୍ୟର ରାଜଧାନୀ।ଗତ କିଛି ବର୍ଷ ମଧ୍ୟରେ ମୈଦୁଗୁରିରେ କୌଣସି ବଡ଼ ଆକ୍ରମଣ ହୋଇନାହିଁ । ଏହି ଘଟଣା ବିଶେଷ ଭାବରେ ସ୍ଥାନୀୟ ବାସିନ୍ଦା ଏବଂ ସୁରକ୍ଷା ଏଜେନ୍ସି ପାଇଁ ଚିନ୍ତାଜନକ । ବୋକୋ ହାରାମ ୨୦୦୯ ମସିହାରେ ବୋର୍ନୋ ରାଜ୍ୟରେ ଏକ ଇସଲାମିକ୍ ଖଲିଫାତ ପ୍ରତିଷ୍ଠା କରିବା ଲକ୍ଷ୍ୟରେ ବିଦ୍ରୋହ ଆରମ୍ଭ କରିଥିଲା । ନାଇଜେରିଆ । ୨୦୦୯ ମସିହାରୁ ଜେହାଦୀ ବିଦ୍ରୋହ ସହିତ ସଂଘର୍ଷ କରୁଛି । ଜାତିସଂଘର ଆକଳନ ଅନୁଯାୟୀ, ଦେଶର ଉତ୍ତର-ପୂର୍ବରେ ଏହି ସଂଘର୍ଷରେ ଅତି କମରେ ୪୦,୦୦୦ ଲୋକଙ୍କ ଜୀବନ ଯାଇଛି ଏବଂ ପ୍ରାୟ ୨୦ ଲକ୍ଷ ଲୋକଙ୍କୁ ବାସଚ୍ୟୁତ କରାଯାଇଛି ।

# ଭାରତ ବିନା ମରିଯିବ ବାଂଲାଦେଶ !

**ନୂଆଦିଲ୍ଲୀ, ୨୫।୧୨ (ଏଜେନ୍ସି):** ବାଂଲାଦେଶ ପୁଣି ଥରେ ଚର୍ଚ୍ଚାରେ ଅଛି ଏବଂ ଦେଶରେ ଗତ କିଛି ଦିନ ହେବ ହିଂସା ଜାରି ରହିଛି । ବିଶେଷ କରି ହିନ୍ଦୁମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ସାରା ବିଶ୍ୱରେ ନିନ୍ଦା କରାଯାଉଛି । ଏହି ଜାରି ରହିଥିବା ହଟ୍ଟଗୋଳ ମଧ୍ୟରେ ଭାରତ ବିରୋଧୀ ପ୍ରଦର୍ଶନ ମଧ୍ୟ ଦେଖିବାକୁ ମିଳିଛି । କିନ୍ତୁ ଆପଣ ଜାଣନ୍ତି କି, ବାଂଲାଦେଶରେ ଭାରତ ବିରୋଧୀ ପ୍ରଦର୍ଶନ ହେଉଥିଲେ ମଧ୍ୟ ଏହି ପଡ଼ୋଶୀ ଦେଶ ବହୁ ପରିମାଣରେ ଭାରତ ଉପରେ ନିର୍ଭରଶୀଳ ଏବଂ ଅନେକ ଜରୁରୀ ସାମଗ୍ରୀ ଭାରତରୁ କିଣିଥାଏ । ଯଦି ଏହି ସାମଗ୍ରୀର ରପ୍ତାନି ବନ୍ଦ ହୋଇଯାଏ, ତେବେ ବାଂଲାଦେଶ ଏକ ବଡ଼ ସଙ୍କଟରେ ପଡ଼ିଯିବ ଏବଂ ଦେଶରେ ଦୁର୍ଭିକ୍ଷ ବା ଭୋକଶୋଷର ସ୍ଥିତି ସୃଷ୍ଟି ହୋଇପାରେ । ଆସନ୍ତୁ ଜାଣିବା ସେହି ସାମଗ୍ରୀ ଏବଂ ପ୍ରୋଜେକ୍ଟଗୁଡିକ ବିଷୟରେ, ଯାହା ବିନା ବାଂଲାଦେଶ ଚଳିବା କଷ୍ଟକର । ବାଂଲାଦେଶରେ ହିଂସାର ଆରମ୍ଭ ପ୍ରକୃତରେ ଗତ ୧୧ ଡିସେମ୍ବରରେ ଇନକିଲାବ ମଞ୍ଚର ନେତା ଶରିଫ୍ ଉସମାନ ହାଦିଙ୍କ ହତ୍ୟା ପରେ ଦେଖିବାକୁ ମିଳୁଛି । ଅନ୍ୟପଟେ ଜଣେ ହିନ୍ଦୁ ବ୍ୟକ୍ତିଙ୍କ ହତ୍ୟା ଏହି ଘଟଣାକୁ ଆହୁରି ଉସୁକାଇ ଦେଇଛି । ଏହି ସମୟରେ ଭାରତ ବିରୋଧୀ ପ୍ରଦର୍ଶନ ମଧ୍ୟ ଜୋରସୋରରେ ଚାଲିଛି । ତେବେ



ମହମ୍ମଦ ୟୁନୁସ ସରକାରଙ୍କ ଅଧିକାରୀମାନେ ଏହି କଥା ଭଲ ଭାବରେ ବୁଝନ୍ତି ଯେ, ଭାରତ ସହିତ ଶତ୍ରୁତା ଦେଶ ପାଇଁ କେତେ ମହଙ୍ଗା ପଡ଼ିପାରେ । ଏହି କାରଣରୁ ଭାରତ ସହିତ ସମ୍ପର୍କରେ ତିକ୍ତତା ଆସିଥିଲେ ମଧ୍ୟ ସେଠାକାର ଅନ୍ତରୀଣ ସରକାର ସମାଧାନର ସଂକେତ ଦେଉଛନ୍ତି । ୟୁନୁସ ପ୍ରଶାସନରେ ଆର୍ଥିକ ପରାମର୍ଶଦାତା ସାଲେହୁଦ୍ଦିନ ଅହମ୍ମଦ ମଙ୍ଗଳବାର ଦିନ କହିଛନ୍ତି ଯେ, ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଗଠିତ ଅନ୍ତରୀଣ ସରକାରର ଭାରତ ଭଳି ଏକ ବଡ଼ ପଡ଼ୋଶୀ ଦେଶ ସହିତ ସମ୍ପର୍କ ଖରାପ କରିବାର କୌଣସି ଉଦ୍ଦେଶ୍ୟ ନାହିଁ । ବାଂଲାଦେଶ ପାଇଁ ଭାରତ ସହିତ ସମ୍ପର୍କ ରଖିବା ଜରୁରୀ, କାରଣ ଏହି ପଡ଼ୋଶୀ ଦେଶ ବହୁ ପରିମାଣରେ ଭାରତରୁ ଆସୁଥିବା ସାମଗ୍ରୀ ଉପରେ ନିର୍ଭର କରେ । ଏହି ସାମଗ୍ରୀଗୁଡ଼ିକର ରପ୍ତାନି ବନ୍ଦ ହେବା ଦେଶରେ ଦୁର୍ଭିକ୍ଷର କାରଣ ସାଜିପାରେ । ଏହାର କାରଣ ହେଉଛି ଭାରତ ବାଂଲାଦେଶର ଦ୍ୱିତୀୟ ବୃହତ୍ତମ ରପ୍ତାନି ସହଭାଗୀ । ବାଣିଜ୍ୟିକ ତଥ୍ୟ ଅନୁଯାୟୀ, ଗତ ବର୍ଷ ଭାରତ ୧୧.୩୨ ବିଲିୟନ ଡଲାରର ସାମଗ୍ରୀ ରପ୍ତାନି କରିଥିଲା । ଏଥିରେ କପା, ଶସ୍ୟଠାରୁ ଆରମ୍ଭ କରି ପେଟ୍ରୋଲିୟମ ଉତ୍ପାଦ ପର୍ଯ୍ୟନ୍ତ ସାମଗ୍ରୀ ଅନ୍ତର୍ଭୁକ୍ତ ।

# 'ହସିନାଙ୍କ ଦଶା ଭୋଗିବ': ୟୁନୁସ୍ ସରକାରଙ୍କୁ ଧମକ ଦେଲେ ହାଦିଙ୍କ ଭାଇ

**ନୂଆଦିଲ୍ଲୀ, ୨୫।୧୨ (ଏଜେନ୍ସି):** ନିହତ ବାଂଲାଦେଶୀ ଛାତ୍ର ନେତା ସରିଫ ଓସମାନ ହାଦିଙ୍କ ଭାଇ ସରିଫ ଓମାର ହାଦି ଦେଶର ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ମଧ୍ୟବର୍ତ୍ତିକାଳୀନ ସରକାର ବିରୋଧରେ ବଡ଼ ଅଭିଯୋଗ ଆଣିଛନ୍ତି ଏବଂ ଦାବି କରିଛନ୍ତି ଯେ ଆଗାମୀ ଜାତୀୟ ନିର୍ବାଚନକୁ ବାଧା ଦେବା ପାଇଁ କ୍ଷମତାରେ ଥିବା ଲୋକମାନେ ଏହି ହତ୍ୟାକାଣ୍ଡ ଘଟାଇଛନ୍ତି । ବିଶିଷ୍ଟ ଛାତ୍ର ନେତା ତଥା ଇନ୍କିଲାବ ମଞ୍ଚ ସଂଯୋଜକ ସରିଫ ଓସମାନ ହାଦି ୨୦୨୪ରେ ବିଦ୍ରୋହର ନେତୃତ୍ୱ ନେଇଥିଲେ । ସେ ଢାକାର ଏକ ମସଜିଦରୁ ବାହାରିବା ସମୟରେ କିଛି ଲୋକ ତାଙ୍କ ଉପରକୁ ଗୁଳି ଚଳାଇଥିଲେ ଏବଂ କିଛି ଦିନ ପରେ ସିଙ୍ଗାପୁରର ଏକ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ବାଂଲାଦେଶୀ ଗଣମାଧ୍ୟମ ସଂସ୍ଥା ଦ ଡେଲି ଷ୍ଟାର୍ ମାଧ୍ୟମରେ ମଙ୍ଗଳବାର ଓମାର ହାଦି ୟୁନୁସ ସରକାରଙ୍କୁ ସମ୍ବୋଧିତ କରିବା ସମୟରେ କହିଛନ୍ତି, ଆପଣ ହିଁ ଓସମାନ ହାଦିଙ୍କୁ ହତ୍ୟା କରିଛନ୍ତି ଏବଂ ବର୍ତ୍ତମାନ ଆପଣ ଏହାକୁ ଏକ ପ୍ରସଙ୍ଗ ଭାବରେ ବ୍ୟବହାର କରି ନିର୍ବାଚନକୁ ଅଟକାଇବାକୁ ଚେଷ୍ଟା କରୁଛନ୍ତି । ଢାକାର ଶାହାବାଗରେ ଥିବା ଜାତୀୟ ସଂଗ୍ରହାଳୟ ସମ୍ମୁଖରେ ଇନକିଲାବ ମଞ୍ଚ ଦ୍ୱାରା ଆୟୋଜିତ ଏକ 'ଶାହିଦି ଶପଥ' କାର୍ଯ୍ୟକ୍ରମରେ ଓମାର ହାଦି ଅଭିଯୋଗ କରିଛନ୍ତି ଯେ, ସରକାର ଭିତରେ ଥିବା ଏକ ଚତୁର୍ଥାଂଶ ଆଗାମୀ ଜାତୀୟ ନିର୍ବାଚନକୁ ବାଧା ଦେବା ପାଇଁ ଏହି ହତ୍ୟାକାଣ୍ଡ ଯୋଜନା କରିଥିଲେ । ୩୨ ବର୍ଷୀୟ ନେତା ଫେବୃଆରି ୧୨ରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ପ୍ରାର୍ଥୀ ଥିଲେ । ନୋବେଲ ବିଜେତା ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ସରକାରକୁ ଚେତାବନୀ ଦେଇ ଓମାର ହାଦି କହିଛନ୍ତି, ଯଦି ତାଙ୍କ ଭାଇଙ୍କ ହତ୍ୟାକାରୀଙ୍କ ବିରୋଧରେ ଶୀଘ୍ର ବିଚାର କରା ନ ଯାଏ ତେବେ ଶେଖ ହସିନାଙ୍କ ପରି ପରିସ୍ଥିତି ଉପୁଜିବ ଏବଂ ତାଙ୍କୁ ମଧ୍ୟ ଦେଶ ଛାଡ଼ି ପଳାୟନ କରିବାକୁ ପଡ଼ିବ । ହତ୍ୟାକାରୀଙ୍କ ଶୀଘ୍ର ବିଚାର ନିଶ୍ଚିତ କରନ୍ତୁ, ଯାହାଦ୍ୱାରା ନିର୍ବାଚନ ପରିବେଶ ବାଧାପ୍ରାପ୍ତ ହେବ ନାହିଁ । ଆମ ଆଗରେ କୌଣସି ଦୃଶ୍ୟମାନ ଅଗ୍ରଗତି ଉପସ୍ଥାପନ କରିବାରେ ସରକାର ବିଫଳ ହୋଇଛନ୍ତି । ଯଦି ଓସମାନ ହାଦିଙ୍କୁ ନ୍ୟାୟ ନ ମିଳେ, ତେବେ ଆପଣ ମଧ୍ୟ ଦିନେ ବାଂଲାଦେଶ ଛାଡି ପଳାଇବାକୁ ବାଧ୍ୟ ହେବେ ବୋଲି ହାଦି ଧମକ ଦେଇଛନ୍ତି ।

# ଆମେରିକାର ରିପୋର୍ଟ ଦେଖି ଅସନ୍ତୋଷ ପ୍ରକାଶ କଲା ଚୀନ୍

**ନୂଆଦିଲ୍ଲୀ, ୨୫।୧୨ (ଏଜେନ୍ସି):** ଆମେରିକାର ପ୍ରତିରକ୍ଷା ବିଭାଗ (ପେଣ୍ଟାଗନ) ନିକଟର କିଛି ବର୍ଷରେ ଚୀନ୍-ଭାରତ ସମ୍ପର୍କକୁ ଉଲ୍ଲେଖ କରାଯିବା ନେଇ ଚୀନ୍‌ର ବୈଦେଶିକ ମନ୍ତ୍ରଣାଳୟ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛି । ଆମେରିକା ରିପୋର୍ଟରେ କୁହାଯାଇଛି, ଚୀନ୍ ସମ୍ଭବତ ଭାରତ ସହ ଏଲଏସି ଉପରେ ବିବାଦ କମ୍ ହେବାର ଲାଭ ଉଠାଇ ଦ୍ୱିପାକ୍ଷିକ ସମ୍ପର୍କକୁ ସ୍ଥିର କରିବାକୁ ଚାହେଁ । ଆମେରିକା-ଭାରତ ସମ୍ପର୍କକୁ ଆହୁରି ଅଧିକ ମଜବୁତ ହେବାକୁ ରୋକିବାକୁ ଚେଷ୍ଟା କରୁଛି । ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଲିନ୍ ଜିଆନ୍ ଏକ ପ୍ରେସ୍ ବ୍ରିଫିଙ୍ଗରେ କହିଛନ୍ତି ଯେ ଚୀନ୍ ତା'ର ଜାତୀୟ ପ୍ରତିରକ୍ଷା ନୀତି ସମ୍ପର୍କରେ ପେଣ୍ଟାଗନର ମନ୍ତବ୍ୟକୁ ବିରୋଧ କରେ । ଭାରତ ସହିତ ଚୀନ୍ ତାର ସମ୍ପର୍କକୁ ଏକ ରଣନୈତିକ ଏବଂ ଦୀର୍ଘକାଳୀନ ଦୃଷ୍ଟିକୋଣରୁ ଦେଖେ । ବିବାଦୀୟ ସୀମାବର୍ତ୍ତୀ ଅଞ୍ଚଳରେ ଭାରତ ସହିତ ଉତ୍ତେଜନା ହ୍ରାସର ସୁଯୋଗ ନେଇ ଆମେରିକା-ଭାରତ ସମ୍ପର୍କକୁ ଚୀନ୍ ବିପର୍ଯ୍ୟସ୍ତ କରିବାକୁ ଚେଷ୍ଟା କରିବ କି ବୋଲି ପଚରାଯିବାରୁ, ଲିନ୍ ଜିଆନ୍ କହିଥିଲେ ଯେ ଚୀନ୍ କୌଣସି ତୃତୀୟ ଦେଶକୁ ଟାର୍ଗେଟ



ନକରି ଭାରତ ସହିତ ସମ୍ପର୍କ ବିକାଶ ଉପରେ ଧ୍ୟାନ ଦେଉଛି । ସିମା ପ୍ରସଙ୍ଗ ଚୀନ୍ ଓ ଭାରତ ଉଭୟଙ୍କର ଅନ୍ତରୀଣ ମାମଲା । ଆମେ ଅନ୍ୟ କେଣସି ଦେଶକୁ ଏହା ଉପରେ ଟିପ୍ପଣୀ ଦେବାକୁ ବିରୋଧ କରୁଛୁ । ଚୀନ୍ ବୈଦେଶିକ ମନ୍ତ୍ରଣାଳୟ ଅନୁଯାୟୀ, ଚୀନ୍ ଭାରତ ସହିତ ରଣନୈତିକ ଓ ଦୀର୍ଘକାଳୀନ ସମ୍ପର୍କକୁ ଦେଖିଥାଏ । ପାରସ୍ପରିକ୍ ବିଶ୍ୱାସକୁ ବଢାଇବା ସହ ଦ୍ୱିପାକ୍ଷିକ ସମ୍ପର୍କକୁ ସ୍ଥିର, ସୁସ୍ଥ ଏବଂ ବିକାଶ ଦିଗରେ ବଢାଇବାକୁ ଆମେ ପ୍ରସ୍ତୁତ । ଏହି ବୟାନ ପେଣ୍ଟାଗନର ୨୦୨୫ ରିପୋର୍ଟ 'ମିଲିଟାରୀ ଆଣ୍ଡ ସିକ୍ୟୁରିଟି ଡେଭଲପମେଣ୍ଟ ଦ ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନା'କୁ ନେଇ ରହିଛି । ଯେଉଁଥିରେ କୁହାଯାଇଥିଲା ଏଲଏସି ନିକଟରେ ବିବାଦ କମ୍ ହେବା ପରେ ଚୀନ୍ ଭାରତ ସହ ସମ୍ପର୍କକୁ ସ୍ଥିର କରିବାର ଚେଷ୍ଟା କରୁଛି । ଫଳରେ ଭାରତ-ଆମେରିକା ଭିତରେ ରଣନୈତିକ ମେଣ୍ଟକୁ ରୋକି ହେବ । ରିପୋର୍ଟରେ ଅରୁଣାଚଳ ପ୍ରଦେଶକୁ ଚୀନର କୋର ଇଣ୍ଟେରେଷ୍ଟର ଅଂଶ ବୋଲି କୁହାଯାଇଥିଲା । ଏହା ସହ ପାକିସ୍ତାନ ସହ ଚୀନର ବଢୁଥିବା ସାମରିକ ସହଯୋଗ ନେଇ ମଧ୍ୟ ଉଲ୍ଲେଖ କରାଯାଇଥିଲା ।

## ୩ଟି ନୂଆ ଏୟାରଲାଇନ୍ସକୁ କେନ୍ଦ୍ରର ଅନୁମତି

**ନୂଆଦିଲ୍ଲୀ, ୨୫।୧୨ (ଏଜେନ୍ସି):** ଇଣ୍ଡିଗୋ ସଙ୍କଟ ପରେ ୩ଟି ନୂଆ ଏୟାରଲାଇନ୍ସକୁ କେନ୍ଦ୍ରର ଅନୁମତି । ଶଙ୍ଖ ଏୟାର, ଅଲ ହିନ୍ଦ ଏୟାର ଓ ଫ୍ଲାଇଏକ୍ସପ୍ରେସକୁ ଅନୁମତି ଦେଇଛନ୍ତି ସରକାର । କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟଠାରୁ ଏହି ୩ଟି ଏୟାରଲାଇନ୍ସ ନୋ ଅବଜେକସନ ସାର୍ଟିଫିକେଟ ପାଇଛନ୍ତି । ଇଣ୍ଡିଗୋ ସମେତ ମୁଷ୍ଟିମେୟ ବିମାନ ଚଳାଚଳ ସଂସ୍ଥା ଉପରେ ନିର୍ଭର କରିବା ବଦଳରେ ଅନ୍ୟ ସଂସ୍ଥାକୁ ଏହି କ୍ଷେତ୍ରକୁ ପ୍ରବେଶ କରିବା ଲାଗି ଅନୁମତି ଦେଇଛନ୍ତି ସରକାର । ଦେଶର ବିମାନ ଚଳାଚଳ କ୍ଷେତ୍ରର ଆଖିଦୃଶିଆ ବୃଦ୍ଧି ଘଟୁଥିବାବେଳେ ମୁଷ୍ଟିମେୟ ବିମାନ ଚଳାଚଳ ସଂସ୍ଥା ଉପରେ ସରକାର ନିର୍ଭରଶୀଳ ଅଛନ୍ତି । କିଛି ଦିନ ତଳେ ଇଣ୍ଡିଗୋ ଏୟାରଲାଇନ୍ସରେ ବିଭିନ୍ନ ସଙ୍କଟ ଦେଖାଦେଇଥିବାରୁ ଲକ୍ଷ ଲକ୍ଷ ଯାତ୍ରୀ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ଏଥିଲାଗି କେନ୍ଦ୍ର ସରକାର ଅଡୁଆରେ ପଡିଥିଲେ । ଅଲ ହିନ୍ଦ ଏୟାର କେରଳର ଅଲହିନ୍ଦ ଗ୍ରୁପର ଥିବାବେଳେ ଫ୍ଲାଇ ଏକ୍ସପ୍ରେସ ହେଉଛି ଏକ ପ୍ରସ୍ତାବିତ ଏୟାରଲାଇନ ।

# ମେଣ୍ଟ କରି ଉଦ୍ଧବ ଓ ରାଜ୍ ଠାକରେଙ୍କୁ ଲାଗିଲା ଝଟକା

**ନୂଆଦିଲ୍ଲୀ, ୨୫।୧୨ (ଏଜେନ୍ସି):** ମହାରାଷ୍ଟ୍ରର ନଗର ନିଗମ ନିର୍ବାଚନ ପୂର୍ବରୁ, ଗୁରୁବାର ନାସିକ ଜିଲ୍ଲାରେ ରାଜ ଠାକରେଙ୍କ ଏମଏନ୍ଏସ୍ ଓ ଉଦ୍ଧବ ଠାକରେଙ୍କ ଶିବସେନା (ୟୁବିଟି)କୁ ଲାଗିଛି ବଡ଼ ଝଟକା । ଦୁଇ ଦଳର ବହୁ ନେତା ବିଜେପିରେ ସାମିଲ ହୋଇଛନ୍ତି । ଏଥିରେ ଏମ୍ଏନ୍ଏସର ପୂର୍ବତନ ବିଧାୟକ ନିତିନ ଭୋସଲେ, ଶିବସେନା (ୟୁବିଟି)ର ପୂର୍ବତନ ମେୟର ବିନାୟକ ପାଣ୍ଡେ, ଏମ୍ଏନ୍ଏସର ପ୍ରଥମ ମେୟର ୟତିନ ବାଘ, ତାଙ୍କ ସହିତ କଂଗ୍ରେସ ନେତା ଶାହୁ ଖେରେ ଓ ସଞ୍ଜୟ ଚେହାନ ସାମିଲ ଥିଲେ । ବିଜେପିରେ ସାମିଲ ହୋଇଥିବା ଲୋକଙ୍କ ଭିତରେ ଏକ ଚକିତ କଲା ଭଳି ନାଁ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍ଏନ୍ଏସ୍)ର ପ୍ରଦେଶ ମହାସଚିବ ଦିନକର ପାଟିଲଙ୍କର ରହିଛି, ଯିଏକି ଦିନକ ପୂର୍ବରୁ ରାଜ ଠାକରେଙ୍କ ପାର୍ଟି ଓ ଶିବସେନା (ୟୁବିଟି) ମେଣ୍ଟକୁ ନେଇ ଉତ୍ସବ ପାଳନ କରିଥିଲେ । ସେ ନିଜ ପୁଅ ଓ ପୂର୍ବତନ ପରିଷଦ ପତ୍ନୀ ଲତା ପାଟିଲଙ୍କ ସହ ବିଜେପି ମନ୍ତ୍ରୀ ଗିରିଶ ମହାଜନଙ୍କ ଉପସ୍ଥିତିରେ ସାମିଲ ହୋଇଛନ୍ତି । ଏହି ଅବସରରେ ମହାଜନ କହିଛନ୍ତି, ଲୋକ ଏଥିପାଇଁ ସାମିଲ ହେଉଛନ୍ତି, କାରଣ ସେମାନେ ବିଜେପି ବିଚାରଧାରାରେ ବିଶ୍ୱାସ କରନ୍ତି । ଯେଉଁ ୧୨୨ ସଦସ୍ୟ ଅଛନ୍ତି ନାସିକ ନଗର



ନିଗମରେ ୧୦୦ରୁ ଅଧିକ ସିଟରେ ଜିତିବେ । ତେବେ ବିଜେପିର ନାସିକ ସେଣ୍ଟ୍ରାଲ ବିଧାୟକ ଦେବୟାନୀ ଫରାନ୍ଦେ ବିନାୟକ ପାଣ୍ଡେ, ୟତିନ ବାଘ ଓ ଶାହୁ ଖେରଙ୍କ ପାର୍ଟିରେ ସାମିଲ ହେବାର ବିରୋଧ କରିଛନ୍ତି । ତାଙ୍କ ସମର୍ଥକ ଓ ପାର୍ଟିର ଅନ୍ୟ ବିଶ୍ୱସ୍ତ ପାର୍ଟି ଅଫିସରେ ପ୍ରଦର୍ଶନ କରିଛନ୍ତି । ଫରାନ୍ଦେ ନିଜର ଫେସବୁକ୍ ପୋଷ୍ଟରେ କହିଛନ୍ତି, ମୁଁ ଆଜି ୱାର୍ଡ ନମ୍ବର ୧୩ ରେ ଏହି ଲୋକଙ୍କୁ ସାମିଲ ହେବାକୁ ସ୍ୱଷ୍ଟ ଭାବରେ ବିରୋଧ କରୁଛି । ମୁଁ ସେହି ହିନ୍ଦୁତ୍ୱ ପାର୍ଟି କାର୍ଯ୍ୟକର୍ତ୍ତାଙ୍କୁ ପୁରା ଜୋରଦାର ସମର୍ଥନ କରୁଛି । ନିର୍ବାଚନ ପ୍ରମୁଖ ହେବା କାରଣରୁ ମୋତେ ଏହି ପ୍ରସଙ୍ଗ ଉପରେ ପଚରା ଗଲା ନାହିଁ । 'ଉଲ୍ଲେଖନୀୟ ଯେ, ଶିବସେନା ୟୁବିଟିର ମୁଖ୍ୟ ଉଦ୍ଧବ ଠାକରେ ଓ ରାଜ ଠାକରେଙ୍କ ନେତୃତ୍ୱାଧିନ ମହାରାଷ୍ଟ୍ର ନବ-ନିର୍ମାଣ ସେନା ୮ ମାସ ଧରି ଜାରି ଆକଳନ ଉପରେ ବିରାମ ଲଗାଇ ୧୫ ଜାନୁଆରୀରେ ହେବାକୁ ଥିବା ବିଏମ୍ସି ନିର୍ବାଚନ ପାଇଁ ବୁଧବାର ଔପଚାରିକ ରୂପରେ ଦୁଇ ଦଳ ଭିତରେ ମେଣ୍ଟ ଘୋଷଣା କରିଥିଲେ । ରାଜ ଠାକରେଙ୍କ ସହ ମିଳିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ଉଦ୍ଧବ ଠାକରେ କହିଛନ୍ତି, ଦୁଇ ଦଳ ଏକ ରହିବା ପାଇଁ ଏକାଠି ଆସିଛୁ । ଦୁହେଁ 'ମରାଠୀ ମାନୁଷ' ଓ ମହାରାଷ୍ଟ୍ରର ହିତ ପାଇଁ ଏକଜୁଟ ହୋଇଛୁ ।

# ତାମିଲନାଡୁ ଓ କର୍ଣ୍ଣାଟକରେ ଦୁଇ ଛାତିଥରା ଦୁର୍ଘଟଣା, ଚାଲିଗଲା ୨୨ ଜୀବନ

**ନୂଆଦିଲ୍ଲୀ, ୨୫।୧୨ (ଏଜେନ୍ସି):** ବଡ଼ଦିନରେ ଅଶୁଭ ଖବର । ଭୟଙ୍କର ଦୁର୍ଘଟଣାରେ ଗଡ଼ିଲା ମୁଣ୍ଡ । ତାମିଲନାଡୁ ଓ କର୍ଣ୍ଣାଟକରେ ଦୁଇ ଛାତିଥରା ଦୁର୍ଘଟଣା । କର୍ଣ୍ଣାଟକ ଚିତ୍ରଦୁର୍ଗ ରାସ୍ତାରେ ଏକ କଣ୍ଟେନରକୁ ଧକ୍କା ଦେଇ ହୁତୁହୁତୁ ହୋଇ ଜଳିଗଲା ସ୍ଲିପର୍ ବସ୍ । ୧୩ ଯାତ୍ରୀ ଜୀବନ୍ତ ଦଗ୍ଧ । ସେପଟେ ତାମିଲନାଡୁର ତ୍ରିଚି-ଚେନ୍ନାଇ ଏନ୍ଏଚ୍ ଏଲୁଥୁର ଗାଁ ନିକଟରେ ଘଟିଛି ମର୍ମନ୍ତୁଦ ଦୁର୍ଘଟଣା । କାର୍ ଉପରେ ଚଢିଗଲା ଯାତ୍ରୀବାହୀ ବସ୍ । ଘଟଣାସ୍ଥଳରେ ଚାଲିଗଲା ୯ ଯାତ୍ରୀଙ୍କ ଜୀବନ । ୨ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି । ଗୁରୁବାର ରାତିରେ ଏକ ଯାତ୍ରୀବାହୀ ବସ୍ ବେଙ୍ଗାଲୁରୁଠାରୁ ଗୋକର୍ଣ୍ଣ ଅଭିମୁଖେ ଯାତ୍ରା କରୁଥିଲା । ଯିବା ବେଳେ ଚିତ୍ରଦୁର୍ଗ ରାସ୍ତାରେ ଏକ କଣ୍ଟେନର ସହ ଧକ୍କା ଦେଇଥିଲା । ଦୁର୍ଘଟଣା ପରେ ବସରେ ନିଆଁ ଲାଗିଯାଇଥିଲା । ସ୍ଲିପର୍ ବସଟି ହୁତୁହୁତୁ ହୋଇ ଜଳି ଉଠିଥିଲା । ଫଳରେ ଯାତ୍ରୀମାନେ ବାହାରକୁ ବାହାରି ପାରିନଥିଲେ । ବସ୍ ଭିତରେ ୧୩ ଜଣ ଯାତ୍ରୀ ଜିଅନ୍ତା ଜଳି ଯାଇଥିଲେ । ତେବେ ବସ ପ୍ରାୟ ୩୨ ଜଣ ଯାତ୍ରୀ ଥିଲେ । ସେମାନଙ୍କ ମଧ୍ୟରୁ ଅନେକ ଯାତ୍ରୀ ଗୁରୁତର ଅବସ୍ଥାରେ ସ୍ଥାନୀୟ ହିରିୟୁର ଏବଂ ଚିତ୍ରଦୁର୍ଗ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି ।




ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ମୃତକଙ୍କ ସଂଖ୍ୟା ବଢିପାରେ ବୋଲି ଅନୁମାନ କରାଯାଉଛି । ଚିତ୍ରଦୁର୍ଗ ପୁଲିସ କହିଛି ଯେ, କଣ୍ଟେନର ଡ୍ରାଇଭରଙ୍କ ଆଖି ଲାଗି ଯାଇଥିବାରୁ ଏହି ଦୁର୍ଘଟଣା ଘଟିଛି । କଣ୍ଟେନର ଡ୍ରାଇଭର ଏଥିରେ ପ୍ରାଣ ହରାଇଛନ୍ତି । ଦୁର୍ଘଟଣା ଯୋଗୁଁ ୪୮ନଂ ଜାତୀୟ ରାଜପଥରେ କିଛି ସମୟ ପାଇଁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । ଉଦ୍ଧାର କାର୍ଯ୍ୟ ପରେ ଯାତାୟାତ ସ୍ୱାଭାବିକ ହୋଇଛି । ସେହିପରି ତାମିଲନାଡୁର ତ୍ରିଚି-ଚେନ୍ନାଇ ଏନ୍ଏଚ୍ ଏଲୁଥୁର ଗାଁ ନିକଟରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । କାର୍ ଉପରେ ଏକ ଯାତ୍ରୀବାହୀ ବସ୍ ଚଢିଯିବା ଯୋଗୁଁ ଘଟଣାସ୍ଥଳରେ ୯ ଜଣଙ୍କ ମୃତ୍ୟୁ ଘଟିଛି । ୨ ଜଣ ଗୁରୁତର ଆହତ ହୋଇଛନ୍ତି । ଏନେଇ ଖବର ମିଳିବା ପରେ ମୁଖ୍ୟମନ୍ତ୍ରୀ ଏମ୍.କେ.ଷ୍ଟାଲିନ୍ ଗଭୀର ଶୋକ ପ୍ରକାଶ କରିଛନ୍ତି । ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି । ମୃତକଙ୍କ ପରିବାରକୁ ୩ ଲକ୍ଷ ଟଙ୍କା ଲେଖାଏଁ ଓ ଗୁରୁତରଙ୍କ ପରିବାରକୁ ୧ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି ।

# ଆପର ୩ ବରିଷ୍ଠ ନେତାଙ୍କ ବିରୋଧରେ ମାମଲା ରୁଜୁ

**ନୂଆଦିଲ୍ଲୀ, ୨୫।୧୨ (ଏଜେନ୍ସି):** ଦିଲ୍ଲୀ ପୋଲିସ ଆମ ଆଦମୀ ପାର୍ଟି (ଆପ୍)ର ବରିଷ୍ଠ ନେତା ସେରଭ ଭରଦ୍ୱାଜ, ସଞ୍ଜୟ ଝା ଓ ଆଦିଲ ଅହମ୍ମଦ ଖାନ୍ଙ୍କ ବିରୋଧରେ ମାମଲା ରୁଜୁ ହୋଇଛି । ଧାର୍ମିକ ଭାବନାକୁ ଆଘାତ କରିବା ଅଭିଯୋଗରେ ଏହି ଏଫ୍ଆଇଆର ରୁଜୁ କରାଯାଇଛି । ଏହି ମାମଲା ଇସାଇ ସମ୍ପ୍ରଦାୟର ପବିତ୍ର ପ୍ରତୀକ 'ସାନ୍ତା କ୍ଲଜ୍' ପ୍ରତି ଅପମାନଜନକ ଚିତ୍ରଣ ସହ ଜଡିତ ରହିଛି । ଆଇନଜୀବୀ ଖୁସବୁ ଜର୍ଜଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଛି । ଅଭିଯୋଗ ଆଧାରରେ ଏହି ବିବାଦ ୧୭ ଓ ୧୮ ଡିସେମ୍ବର ୨୦୨୫ରେ ଆରମ୍ଭ ହୋଇଥିଲା । ଏହି ନେତାଙ୍କ ଅଫିସିଆଲ ସୋସିଆଲ ମିଡିଆ ଆକାଉଣ୍ଟରେ ଏକ ଭିଡିଓ ସେୟାର କରାଯାଇଥିଲା । ଭିଡିଓରେ ଦିଲ୍ଲୀର କନେଟ ପ୍ଲେସରେ ଆୟୋଜିତ ଏକ ରାଜନେତିକ ସ୍କିଟର ଅଂଶ ଥିଲା । ଏଥିରେ ଦିଲ୍ଲୀ ବାୟୁ ପ୍ରଦୂଷଣକୁ ବ୍ୟଙ୍ଗ କରି ସାନ୍ତାକ୍ଲଜକୁ ବେହୋସ ଅବସ୍ଥାରେ ଦେଖାଯାଇଥିଲା । ଅଭିଯୋଗ ରହିଛି ଯେ, ଏହି ଭିଡିଓରେ ଇସାଇ ସମ୍ପ୍ରଦାୟର ଧାର୍ମିକ-ସାଂସ୍କୃତିକ ପ୍ରତୀକ ସାନ୍ତାକ୍ଲଜକୁ ବ୍ୟଙ୍ଗ ଓ ଅପମାନଜନକ ଭାବରେ ଉପସ୍ଥାପିତ କରାଯାଇଥିଲା । ଅଭିଯୋଗକାରୀ କହିଛନ୍ତି, ଭିଡିଓରେ ସାନ୍ତାକ୍ଲଜଙ୍କୁ ସଡକ ଉପରେ ବେହୋସ ହୋଇ ପଡିଥିବାର ଦେଖିବାକୁ ମିଳିଛି । ରାଜନେତିକ ବାର୍ତ୍ତା ଦେବା ପାଇଁ ଏକ 'ପ୍ରପ୍' (ସାଧନ) ଭଳି ସାନ୍ତାକୁ ବ୍ୟବହାର କରାଯାଇଛି । ଭିଡିଓର ଏକ ଅଂଶରେ ସାନ୍ତାକ୍ଲଜକୁ ନକଲି ସିପିଆର (ଜୀବନ ରକ୍ଷା ପକ୍ରିୟା) ଦେଉଥିବାର ଦେଖାଯାଇଥିଲା । ଯାହାକୁ



ଇସାଇ ସମାଜରେ ସେଣ୍ଟ ନିକୋଲାସ୍ ଓ କ୍ରିସମାସ୍ ପର୍ବର ପବିତ୍ରତା ପ୍ରତି ଉପହାସ ବୋଲି ମନେକରାଯାଉଛି । ଦିଲ୍ଲୀ ପୁଲିସ ଏହି ମାମଲାର ଗମ୍ଭୀରତାକୁ ଦେଖି ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍)ର ଧାରା ୩୦୨ ଅନୁସାରେ ମାମଲା ରୁଜୁ କରିଛି ।

# ୮ମ ଶ୍ରେଣୀ ପାସ୍ କରିଥିବା ପ୍ରାର୍ଥୀଙ୍କ ପାଇଁ ଚାକିରି ସୁଯୋଗ

**ନୂଆଦିଲ୍ଲୀ, ୨୫।୧୨ (ଏଜେନ୍ସି):** ଦେଶର ସବୁଠାରୁ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ମଧ୍ୟରୁ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ -୨୦୨୫ବର୍ଷ ପାଇଁ ନୂତନ ନିଯୁକ୍ତିର ଘୋଷଣା କରିଛି । ଏହି ନିଯୁକ୍ତି ଅଧୀନରେ ପ୍ରୋଗ୍ରାମ ଆସିସଷ୍ଟାଣ୍ଟ, ୱାର୍ଡ ସହାୟକ ଏବଂ ପରିମଳ କର୍ମଚାରୀ ଭଳି ପଦବୀ ପାଇଁ ନିଯୁକ୍ତି ଦିଆଯିବ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ୮ମ ଶ୍ରେଣୀରୁ ସ୍ନାତକସ୍ତର ପର୍ଯ୍ୟନ୍ତ ପ୍ରାର୍ଥୀମାନେ ଏହି ପଦବୀ ପାଇଁ ଆବେଦନ କରିପାରିବେ । ଆବେଦନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଅଫ୍ଲାଇନରେ ହେବ । ଏହାର ଶେଷ ତାରିଖ ୨୦୧୫ ଡିସେମ୍ବର ୩୦ତାରିଖ ପର୍ଯ୍ୟନ୍ତ ରହିଛି । ବିଏଚୟୁର ଏହି ନିଯୁକ୍ତି ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଯୋଜନା ଜାତୀୟ ବୟସ୍କଙ୍କ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ (ଏନପିଏଚସିଇ) ଅଧୀନରେ କାର୍ଯ୍ୟକାରୀ କରାଯାଉଛି । ସମସ୍ତ ପଦବୀ ବିଏଚୟୁର ଚିକିତ୍ସା ବିଜ୍ଞାନ ପ୍ରତିଷ୍ଠାନ (ଆଇଏମଏସ) ରେ ପୁରଣ କରାଯିବ । ଏହି ନିଯୁକ୍ତି ଅଭିଯାନ ଅଧୀନରେ ବିଭିନ୍ନ ପଦବୀ ପାଇଁ ବିଭିନ୍ନ ଯୋଗ୍ୟତା ସ୍ଥିର କରାଯାଇଛି । ପ୍ରୋଗ୍ରାମ ଆସିଷ୍ଟାଣ୍ଟ ପଦବୀ ପାଇଁ ପ୍ରାର୍ଥୀମାନଙ୍କୁ ଏକ ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ଦ୍ୱିତୀୟ ଶ୍ରେଣୀର ସ୍ନାତକ ହୋଇଥିବା ଆବଶ୍ୟକ । ଏହା ସହିତ ପ୍ରାର୍ଥୀଙ୍କର ଛଅ ମାସର କମ୍ପ୍ୟୁଟର ତାଲିମ ଥିବା ଆବଶ୍ୟକ । ଯଦି କାହାର କମ୍ପ୍ୟୁଟର ବିଜ୍ଞାନରେ ଡିପ୍ଲୋମା ଅଛି, ତେବେ ଅତି କମରେ ଗୋଟିଏ ବର୍ଷର କାର୍ଯ୍ୟ ଅଭିଜ୍ଞତା ବୈଧ ବୋଲି ବିବେଚନା କରାଯିବ । ୱାର୍ଡ ଆସିଷ୍ଟାଣ୍ଟ କିମ୍ବା ହସ୍ପିଟାଲ ଆଟେଣ୍ଡାଣ୍ଟ ପଦବୀ ପାଇଁ ଆବେଦନ କରିବାକୁ ଇଚ୍ଛା ରଖିଥିବା ପ୍ରାର୍ଥୀମାନଙ୍କୁ ଦଶମ ଶ୍ରେଣୀ ପାସ୍ କରିଥିବା ଆବଶ୍ୟକ । ଏହା ସହିତ, ହସ୍ପିଟାଲ କିମ୍ବା ସମ୍ବନ୍ଧିତ କ୍ଷେତ୍ରରେ ଅତି କମରେ ଗୋଟିଏ ବର୍ଷର ଅଭିଜ୍ଞତା ଆବଶ୍ୟକ । ସଫାଇ କର୍ମଚାରୀ କିମ୍ବା ସାନିଟାରୀ ଆଟେଣ୍ଡାଣ୍ଟ ପଦବୀ ପାଇଁ, ଅଷ୍ଟମ ଶ୍ରେଣୀ ପାସ୍ କରିଥିବା ପ୍ରାର୍ଥୀମାନେ ଆବେଦନ କରିପାରିବେ, କିନ୍ତୁ ସେମାନଙ୍କର ଏକ ବର୍ଷର କାର୍ଯ୍ୟ ଅଭିଜ୍ଞତା ଥିବା ଆବଶ୍ୟକ । ପ୍ରାର୍ଥୀମାନଙ୍କୁ ଅଫଲାଇନରେ ଆବେଦନ ଫର୍ମ ପୂରଣ କରିବାକୁ ପଡ଼ିବ । ଏହା କରିବା ପାଇଁ ସେମାନଙ୍କୁ ପ୍ରଥମେ ସରକାରୀ ବିଏଚୟୁ ୱେବସାଇଟରୁ ଆବେଦନ ଫର୍ମ ଫର୍ମାଟ୍ ଡାଉନଲୋଡ୍ କରିବାକୁ ପଡ଼ିବ । ଉକ୍ତ ଆବେଦନ ଫର୍ମରେ ପ୍ରାର୍ଥୀମାନଙ୍କୁ ସମ୍ପୂର୍ଣ୍ଣ ସୂଚନା ପୂରଣ କରିବାକୁ ପଡ଼ିବ । ସେମାନଙ୍କୁ ଏକ ପାସପୋର୍ଟ ଆକାରର ଫଟୋଗ୍ରାଫ୍ ଲଗାଇବାକୁ ପଡିବ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ଦସ୍ତଖତ କରିବାକୁ ପଡିବ । ଏଥିସହିତ ଶିକ୍ଷାଗତ ପ୍ରମାଣପତ୍ର, ଅଭିଜ୍ଞତା ପ୍ରମାଣପତ୍ର ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଡକ୍ୟୁମେଣ୍ଟର କପି ମଧ୍ୟ ଯୋଡ଼ିବାକୁ ପଡିବ । ସମ୍ପୂର୍ଣ୍ଣ ଆବେଦନ ଫର୍ମ ପ୍ରଫେସର ଅନୁପ ସିଂହ, ନୋଡାଲ୍ ଅଫିସର, ଏନପିଏଚସିଇ, ଡିପାର୍ଟମେଣ୍ଟ ଅଫ ଜେରିଆଟ୍ରିକ୍ ମେଡିସିନ୍, ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ, ବାରାଣାସୀ-୨୨୧୦୦୫ (ଉତ୍ତର ପ୍ରଦେଶ)ର ଠିକଣାରେ ପଠାଇବାକୁ ପଡିବ । ବିଳମ୍ବରେ କରାଯାଇଥିବା ଆବେଦନକୁ ଗ୍ରହଣ କରାଯିବ ନାହିଁ ।

# ଥାଇଲାଣ୍ଡ-କାମ୍ବୋଡିଆ ସୀମାରେ ବିଷ୍ଣୁଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବା ଘଟଣାରେ ଭାରତର ତୀବ୍ର ପ୍ରତିକ୍ରିୟା

**ନୂଆଦିଲ୍ଲୀ, ୨୫।୧୨ (ଏଜେନ୍ସି):** ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ସଂଘର୍ଷ ଲାଗି ରହିଥିବାବେଳେ ସୋମବାର ଦୁଇ ଦେଶର ସୀମାରେ ରହିଥିବା ଭଗବାନଙ୍କ ବିଷ୍ଣୁଙ୍କ ଏକ ପ୍ରତିମୂର୍ତ୍ତି ଭାଙ୍ଗି ଦିଆଯାଇଛି । ଏହି ଘଟଣାରେ ବୁଧବାର ଭାରତ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଛି । ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ପ୍ରବକ୍ତା ରଣଧୀର ଜୟସ୍ୱାଲ କହିଛନ୍ତି, ନିକଟରେ ଥାଇ-କାମ୍ବୋଡିଆ ବିବାଦ ମଧ୍ୟରେ ଦୁଇଦେଶର ସୀମାରେ ଥିବା ହିନ୍ଦୁ ଦେବତାଙ୍କ ପ୍ରତିମୂର୍ତ୍ତି ଭାଙ୍ଗି ଦିଆଯାଇଛି । ଏହି ପ୍ରତିମୂର୍ତ୍ତି ନିକଟରେ ତିଆରି ହୋଇଥିବାବେଳେ ବର୍ତ୍ତମାନ ସଂଘର୍ଷ ଲାଗି ରହିଥିବା ଅଞ୍ଚଳରେ ସ୍ଥାପିତ କରାଯାଇଥିଲା । ଉଭୟ ହିନ୍ଦୁ ଓ ବୌଦ୍ଧ ଧର୍ମାବଲମ୍ବୀ ଲୋକମାନେ ଏଠାରେ ପୂଜାର୍ଚ୍ଚନା କରୁଥିଲେ । ଏପରି ଅସମ୍ମାନଜନକ କାର୍ଯ୍ୟ ସାରା ବିଶ୍ୱରେ ହିନ୍ଦୁ ଧର୍ମାବଲମ୍ବୀଙ୍କ ଭାବାବେଗକୁ ଆଘାତ ଦେଇଛି ବୋଲି ଜୟସ୍ୱାଲ କହିଛନ୍ତି । ଭାରତ ଦୁଇ ପକ୍ଷକୁ ଆଲୋଚନା ମାଧ୍ୟମରେ ଶାନ୍ତି ପ୍ରତିଷ୍ଠା ପାଇଁ କହିଛି । ସୂଚନାଯୋଗ୍ୟ, ଭଗବାନ ବିଷ୍ଣୁଙ୍କ ପ୍ରତିମୂର୍ତ୍ତି ଥାଇଲାଣ୍ଡ ସେନା ଦ୍ୱାରା ସୋମବାର ନଷ୍ଟ କରିଦିଆଯାଇଥିଲା । ଏହି ପ୍ରତିମୂର୍ତ୍ତି ୨୦୧୪ରେ ନିର୍ମାଣ କରାଯାଇଥିଲା । କାମ୍ବୋଡିଆ ମଧ୍ୟ ଥାଇଲାଣ୍ଡକୁ ହିନ୍ଦୁ ଦେବତାଙ୍କ ପ୍ରତିମୂର୍ତ୍ତି ନଷ୍ଟ କରିବାକୁ ନେଇ ସମାଲୋଚନା କରିଥିଲା ।

# ପଶ୍ଚିମବଙ୍ଗରେ ବାଂଲାଦେଶ ବିରୋଧୀ ଆନ୍ଦୋଳନ ଜାରି

**ନୂଆଦିଲ୍ଲୀ, ୨୫।୧୨ (ଏଜେନ୍ସି):** ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଅତ୍ୟାଚାରକୁ ବିରୋଧ କରି ଦେଶବ୍ୟାପୀ ବିଭିନ୍ନ ସ୍ଥାନରେ ବାଂଲାଦେଶ-ବିରୋଧୀ ଆନ୍ଦୋଳନ ଜାରି ରହିଛି । ଆଜି ପଶ୍ଚିମବଙ୍ଗର ଭାରତ-ବାଂଲାଦେଶ ସୀମାର ଅନେକ ସ୍ଥାନରେ ହିନ୍ଦୁ ସମର୍ଥିତ ସଂଗଠନର ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ବାଂଲାଦେଶରେ ହିନ୍ଦୁ ଯୁବକ ଦୀପୁଚନ୍ଦ୍ର ଦାସଙ୍କୁ ପିଟିପିଟି ହତ୍ୟା ଘଟଣାକୁ ବିରୋଧ କରି ଏହି ଆନ୍ଦୋଳନ ହୋଇଛି । ଆନ୍ଦୋଳନ ସମୟରେ ଆଜି ହାଓଡ଼ାରେ ପୁଲିସ ଏବଂ ବିଜେପି ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ହୋଇଛି । ହାଓଡ଼ା ବ୍ରିଜ୍ ଅଭିମୁଖେ ଯାଉଥିବା ଏକ ଶୋଭାଯାତ୍ରାକୁ ପୁଲିସ ଅଟକାଇବାରୁ ସମସ୍ୟା ଉପୁଜିଥିଲା । ଆନ୍ଦୋଳନକାରୀ ଏବଂ ପୁଲିସ ମଧ୍ୟରେ ପ୍ରବଳ ବଚସା ହୋଇଥିଲା । ହାଓଡ଼ା ପୁଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ସାଧାରଣ ଜୀବନ ବାଧାପ୍ରାପ୍ତ କରିବାପାଇଁ ଆମେ କାହାକୁ ସୁଯୋଗ ଦେବୁନାହିଁ । ସନାତନୀ ଐକ୍ୟ ପରିଷଦର ସଦସ୍ୟମାନେ ଉତ୍ତର ୨୪ ପ୍ରଗଣାର ପେଟ୍ରାପୋଲ ଏବଂ ଘୋଜଡଙ୍ଗା, ମାଲଦାର ମନୋହରପୁର ମୁଚିଆ । ଏବଂ କୁଚବିହାର ଜିଲ୍ଲାର ଚାଙ୍ଗରବାନ୍ଧାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଉତ୍ତର ୨୪ ପ୍ରଗଣାରେ ବିଜେପି ବିଧାୟକ ଅଶୋକ କିର୍ତ୍ତନିଆ ଜୟନ୍ତିପୁର ବଜାରରୁ ପେଟ୍ରାପୋଲ ସୀମାକୁ ଏକ ଶୋଭାଯାତ୍ରା କରିଥିଲେ । ଆନ୍ଦୋଳନକାରୀଙ୍କୁ ବିଏସ୍ଏଫ୍ ଦ୍ୱାରା ଜିରୋ ପଏଣ୍ଟ୍ ନିକଟରେ ଅଟକାଯାଇଥିଲା । ବିକ୍ଷୋଭକାରୀ ସ୍ଲୋଗାନ ଦେଇଥିଲେ ଏବଂ ୟୁନୁସଙ୍କ ନେତୃତ୍ୱାଧୀନ ବାଂଲାଦେଶ ସରକାର ବିରୋଧରେ ଅସନ୍ତୋଷ ଝାଡ଼ିଥିଲେ ।



# ଜିନ୍ଦଲ ଷ୍ଟେନଲେସର ଯାଜପୁର ୟୁନିଟ୍ 'ଲୌହ ଓ ଷ୍ଟିଲ୍' ବର୍ଗରେ ଓଡ଼ିଶା ରାଜ୍ୟ ଶକ୍ତି ସଂରକ୍ଷଣ ପୁରସ୍କାର ୨୦୨୫ରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଭାବେ ସମ୍ମାନିତ

ଭୁବନେଶ୍ୱର, ୨୫।୧୨ (ନି.ପ୍ର) : ଭାରତର ସବୁଠାରୁ ବଡ଼ ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦକ କମ୍ପାନି ଜିନ୍ଦଲ ଷ୍ଟେନଲେସର ଯାଜପୁର ୟୁନିଟ ଓଡ଼ିଶା ରାଜ୍ୟ ଶକ୍ତି ସଂରକ୍ଷଣ ପୁରସ୍କାର ୨୦୨୫ରେ ସମ୍ମାନିତ କରାଯାଇଛି। 'ଲୌହ ଓ ଷ୍ଟିଲ୍' ବର୍ଗରେ 'ଶ୍ରେଷ୍ଠ ପ୍ରଦର୍ଶନକାରୀ' ଭାବେ ଏହି ସମ୍ମାନ ହାସଲ କରିଛି କମ୍ପାନୀ। ଏହି ପୁରସ୍କାର କମ୍ପାନିର ଶକ୍ତି ସଂରକ୍ଷଣ ଏବଂ ଦକ୍ଷତା କ୍ଷେତ୍ରରେ ଥିବା ଦୃଢ଼ ନେତୃତ୍ୱକୁ ଆହୁରି ଶକ୍ତି ଯୋଗାଇଛି।




ଜିନ୍ଦଲ ଷ୍ଟେନଲେସର ଯାଜପୁର ୟୁନିଟ୍ ପ୍ରଥମଥର ଏହି ସମ୍ମାନରେ ସମ୍ମାନିତ ହୋଇଛି। ଯାହା କମ୍ପାନୀର ଶକ୍ତି କ୍ଷେତ୍ରରେ ଥିବା ଦକ୍ଷ ପ୍ରଭାବ ତଥା ଶକ୍ତି ସଂରକ୍ଷଣ ପ୍ରତି ଯତ୍ନବାନ ହେବା, ଏଥିପ୍ରତି ଥିବା ନିରନ୍ତର ପ୍ରତିବଦ୍ଧତା ଓ ଦାୟିତ୍ୱପୂର୍ଣ୍ଣ ଉତ୍ପାଦନରେ ମାନଦଣ୍ଡ ସ୍ଥିର କରିବାର ପ୍ରୟାସକୁ ପ୍ରତିଫଳିତ କରୁଛି। ଏହି ପୁରସ୍କାର ଓଡ଼ିଶା ସରକାରଙ୍କ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓଙ୍କ ଦ୍ୱାରା ଯାଜପୁର ଟିମକୁ ପ୍ରଦାନ କରାଯାଇଛି। ଏହି ଅବସରରେ ଅନ୍ୟ ବିଶିଷ୍ଟ ଅତିଥିମାନେ ଉପସ୍ଥିତ ଥିଲେ – ଶ୍ରୀ ବିଶାଲ କୁମାର ଦେ, ପ୍ରମୁଖ ଶାସନ ସଚିବ, ଶକ୍ତି ବିଭାଗ ଏବଂ ଶ୍ରୀ ମନୋଜ କୁମାର ତ୍ରିପାଠୀ, ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ତଥା ପ୍ରମୁଖ ବିଦ୍ୟୁତ ନିରୀକ୍ଷକ, ଶକ୍ତି ବିଭାଗ, ଓଡ଼ିଶା ସରକାର।

ଏହି ସଫଳତା ସମ୍ପର୍କରେ ମତ ରଖି ଜିନ୍ଦଲ ଷ୍ଟେନଲେସ୍ ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି "ଏକ ଦାୟିତପୂର୍ଣ୍ଣ ଉତ୍ପାଦନ କେବଳ ଏକ ବିକଳ୍ପ ମଧ୍ୟରେ ସୀମିତ ହୋଇ ରହି ନାହିଁ। ଆଜିର ସମୟରେ ତଥା ପରିବେଶ ପାଇଁ ଏହା ଅପରିହାର୍ଯ୍ୟ ଅଟେ। ଜିନ୍ଦଲ ଷ୍ଟେନଲେସରେ ଆମେ ସବୁବେଳେ ପରିବେଶ ପ୍ରତି ଦାୟିତ୍ୱପୂର୍ଣ୍ଣ ହୋଇଥାଉ। ଯାହା ଆମର ମୂଳ ଲକ୍ଷ୍ୟ ସହିତ ସାମିଲ ହୋଇ ରହିଛି। ଏହି ସଫଳତା ଆମର ସବୁଜ ପରିବେଶ ଗଠନ ଦିଗରେ ଥିବା ପ୍ରତିବଦ୍ଧତାକୁ ଦର୍ଶାଉଛି ଏଥିସହିତ ଆଗାମୀ ପିଢ଼ି ପାଇଁ ଏକ ସ୍ଥିର ଏବଂ ନିରନ୍ତର ବିକାଶ ସମ୍ଭବ ହୋଇପାରୁଥିବା ଭବିଷ୍ୟତ ପ୍ରତି ଆମର ଦାୟିତ୍ୱକୁ ଦର୍ଶାଉଛି"। ଏହି ଅବସରରେ ଜିନ୍ଦଲ ଷ୍ଟେନଲେସ୍ ଯାଜପୁର ଶାଖାର ମୁଖ୍ୟ ଶ୍ରୀ ଦୀପକ ଅଗ୍ରୱାଲ କହିଛନ୍ତି, "ପ୍ରଥମଥର ଓଡ଼ିଶାରୁ ଏବଂ ଆମର ଏହି ଯାଜପୁର ୟୁନିଟ ଏଭଳି ଏକ ସମ୍ମାନଜନକ ପୁରସ୍କାରରେ ସମ୍ମାନିତ ହେବା ଆମ ସମସ୍ତଙ୍କ ପାଇଁ ଏହା ଗର୍ବର ବିଷୟ। ଏହା ଆମ ଅନୁଷ୍ଠାନର ନିୟୋଜିତ ଶକ୍ତି ପରିଚାଳନା ପ୍ରୟାସର ଏକ ପ୍ରମାଣପତ୍ର ଏବଂ ଆମର ଦକ୍ଷତା ଯାତ୍ରାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଏକ ଦୃଢ଼ ଭିତିଭୂମି ପ୍ରଦାନ କରୁଛି। ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଅବସରରେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଓଡ଼ିଶା ଶକ୍ତି ସଂରକ୍ଷଣ ପୁରସ୍କାର ଏକ ପ୍ରତିଷ୍ଠିତ ସମ୍ମାନ। ଯାହା ବିଭିନ୍ନ ଶିଳ୍ପ ଅନୁଷ୍ଠାନର ଶକ୍ତି ସଂରକ୍ଷଣ ଏବଂ ଦକ୍ଷତା କ୍ଷେତ୍ରରେ ଥିବା ଅସାଧାରଣ ଅବଦାନ ପାଇଁ ଶିଳ୍ପ ଅନୁଷ୍ଠାନଗୁଡ଼ିକୁ ସମ୍ମାନିତ କରିଥାଏ। ଏହି ବର୍ଷ ବିଭିନ୍ନ ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଛି, ଯେଉଁଥିରେ 'ଲୌହ ଓ ଷ୍ଟିଲ୍' ବର୍ଗରେ ଜିନ୍ଦଲ ଷ୍ଟେନଲେସର ଶକ୍ତି ସଂରକ୍ଷଣ ଏବଂ ଦକ୍ଷତା କ୍ଷେତ୍ରରେ ଥିବା ଶ୍ରେଷ୍ଠ ଅବଦାନ ଯୋଗୁଁ ସମ୍ମାନିତ କରାଯାଇଛି। ଏହି ସମ୍ମାନ ଜିନ୍ଦଲ ଷ୍ଟେନଲେସର ପରିବେଶପ୍ରତି ଥିବା ଦାୟିତ୍ୱ ଏବଂ ଭୂମିକାକୁ ଆହୁରି ଦୃଢ଼ କରିଛି। ଚଳିତବର୍ଷର ଆରମ୍ଭରେ କମ୍ପାନିର ହିସାର ଏବଂ ଯାଜପୁର ୟୁନିଟ୍ ୨୬ତମ ସିଆଇଆଇ ଜାତୀୟ ଶକ୍ତି ପରିଚାଳନାରେ ଶ୍ରେଷ୍ଠ ପୁରସ୍କାର-୨୦୨୫ର ସମ୍ମାନ ଲାଭ କରିଥିଲା। ଏଥିସହିତ ସିଆଇଆଇର ଅନ୍ୟାନ୍ୟ ପୁରସ୍କାରରେ ମଧ୍ୟ ସମ୍ମାନିତ ହୋଇଥିଲା।

# ୨୦୨୫ରେ ବଜାର ନେତୃତ୍ୱ ଏବଂ ନିବେଶକଙ୍କ ଅଂଶଗ୍ରହଣକୁ ସୁଦୃଢ଼ କରିଛି ଏନଏସଇ

ଭୁବନେଶ୍ୱର, ୨୫।୧୨ (ନି.ପ୍ର) : ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ଅଫ ଇଣ୍ଡିଆ (ଏଏସଇ) ଉତ୍ସାହର ସହ ୨୦୨୫କୁ ଶେଷ କରିବାକୁ ପ୍ରସ୍ତୁତ ରହିଛି । ଏହା ସ୍ଥିର ବଜାର ଅଭିବୃଦ୍ଧି, ବଜାରରେ ଅଧିକ ନିବେଶକଙ୍କ ଯୋଗଦାନ ଏବଂ ନୂତନ ଉତ୍ପାଦ ପ୍ରଚଳନ ଦ୍ୱାରା ସମ୍ଭବ ହୋଇଛି । ଏହିବର୍ଷ ମଧ୍ୟରେ ଭାରତରେ ଷ୍ଟକ୍ ବଜାର ସ୍ଥିର ରହିଥିବାବେଳେ, ନିଫ୍ଟି ୫୦ ସୂଚକାଙ୍କ ପ୍ରାୟ ୧୦% ବୃଦ୍ଧି ପାଇଛି ଏବଂ ଏନଏସଇରେ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ମୋଟ ମୂଲ୍ୟ ପ୍ରାୟ ଟ.୪୬୯ ଲକ୍ଷ କୋଟିକୁ ବୃଦ୍ଧି ପାଇଛି। ଏହା ନିବେଶକଙ୍କ ମଧ୍ୟରେ ନିରନ୍ତର ବିଶ୍ୱାସ ଏବଂ ସ୍ଥିର ସମ୍ପତି ସୃଷ୍ଟିକୁ ଦର୍ଶାଉଛି। ୨୦୨୫ରେ କମ୍ପାନୀଗୁଡ଼ିକ ବଜାର ମାଧ୍ୟମରେ ଟଙ୍କା ସଂଗ୍ରହ କରିବା ଜାରି ରଖିଥିଲେ। ଏନଏସଇ ମାଧ୍ୟମରେ ସଂଗୃହୀତ ମୋଟ ପାଣ୍ଠି ପ୍ରାୟ ୭% ବୃଦ୍ଧି ପାଇ ୧୯ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଛି। କମ୍ପାନୀଗୁଡ଼ିକ ସେମାନଙ୍କର ଅଭିବୃଦ୍ଧି ଏବଂ ବ୍ୟବସାୟିକ ଆବଶ୍ୟକତାକୁ ପାଣ୍ଠି ଯୋଗାଇବା ପାଇଁ ସେୟାର ଏବଂ ବଣ୍ଡ ଉଭୟକୁ ସକ୍ରିୟ ଭାବରେ ବ୍ୟବହାର କରିଛନ୍ତି। ଆଇପିଓ ବଜାର ମଧ୍ୟ ସକ୍ରିୟ ରହିଥିଲା। ଏନଏସଇର ମେନବୋର୍ଡ ଏବଂ ଏସଏମଇ ପ୍ଲାଟଫର୍ମରେ ଆଇପିଓଗୁଡ଼ିକ ମାଧ୍ୟମରେ ୨୦୦ ରୁ ଅଧିକ କମ୍ପାନୀ ପାଣ୍ଠି ସଂଗ୍ରହ କରିଛନ୍ତି, ଯାହା ମିଳିତ ଭାବରେ ପ୍ରାୟ ୧.୭୭ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିଥିଲା। ଏହା ନୂତନ ଏବଂ ବୃଦ୍ଧି ପାଉଥିବା କମ୍ପାନୀଗୁଡ଼ିକ ପ୍ରତି ନିବେଶକଙ୍କ ଆଗ୍ରହକୁ ଉଲ୍ଲେଖ କରୁଛି।




ବାଣିଜ୍ୟ ପରିମାଣ ଅନୁସାରେ ଏନଏସଇ ବିଶ୍ୱର ସର୍ବବୃହତ ଡେରିଭେଟିଭ୍ସ ଏକ୍ସଚେଞ୍ଜ ଭାବରେ ଏହାର ସ୍ଥାନ ବଜାୟ ରଖିଛି। ବିଶ୍ୱ ସ୍ତରରେ, ଏନଏସଇ ଇଂଟରନ୍ୟାସନାଲ୍ ଏକ୍ସଚେଞ୍ଜ (ଏନଏସଇ ଆଇଏକ୍ସ) ଏହି ବର୍ଷ ମଧ୍ୟରେ ୧ ଟ୍ରିଲିୟନ ଆମେରିକୀୟ ଡଲାରରୁ ଅଧିକ ଆନୁମାନିକ କାରବାରର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ଅତିକ୍ରମ କରିଛି। ସମଗ୍ର ଦେଶରୁ ଅଧିକ ଲୋକ ଏହି ବଜାରରେ ଅଂଶଗ୍ରହଣ କରିଥିଲେ। ୨୦୨୫ ରେ ପ୍ରାୟ ୧.୫ କୋଟି ନୂତନ ନିବେଶକ ଯୋଡି ହେବା ସହିତ ଅନନ୍ୟ ପଞ୍ଜିକୃତ ନିବେଶକଙ୍କ ସଂଖ୍ୟା ୧୨.୪ କୋଟି ଅତିକ୍ରମ କରିଥିଲା। କେବଳ ବଡ଼ ସହର ନୁହେଁ ବରଂ ଛୋଟ ସହର ଏବଂ ଉଦୀୟମାନ ଅଂଚଳରେ ମଧ୍ୟ ଅଭିବୃଦ୍ଧି ଦେଖାଯାଇଛି। ଏହି ବର୍ଷ ମଧ୍ୟରେ, ଏନଏସଇ ନୂତନ ଉତ୍ପାଦ ଏବଂ ସୂଚକାଙ୍କ ପ୍ରଚଳନ କରିଛି ଏବଂ ବଣ୍ଡ, ସବୁଜ ବଣ୍ଡ ଏବଂ ବିଦ୍ୟୁତ୍ ଭବିଷ୍ୟତ ଭଳି କ୍ଷେତ୍ରରେ କାର୍ଯ୍ୟକଳାପ ବୃଦ୍ଧି ପରିଲକ୍ଷିତ କରିଛି। ଏହି ପଦକ୍ଷେପଗୁଡ଼ିକ ମୂଲ୍ୟ ସ୍ୱଚ୍ଛତାକୁ ଉନ୍ନତ କରିବାରେ ସାହାଯ୍ୟ କରିଥିଲା ଏବଂ ବଜାର ଅଂଶଗ୍ରହଣକାରୀମାନଙ୍କୁ ଅଧିକ ବିକଳ୍ପ ପ୍ରଦାନ କରିଥିଲା। ୨୦୨୫ ଶେଷ ହେବା ସହିତ, ଏନଏସଇ ସରଳ, ସ୍ୱଚ୍ଛ ଏବଂ ଅନ୍ତର୍ଭୁକ୍ତ ବଜାର ନିର୍ମାଣ ଉପରେ ଧ୍ୟାନ କେନ୍ଦ୍ରିତ କରୁଛି, ଯାହା ନିବେଶକମାନଙ୍କୁ ଆତ୍ମବିଶ୍ୱାସର ସହିତ ଭାରତର ଅଭିବୃଦ୍ଧି ଯାତ୍ରାରେ ଅଂଶଗ୍ରହଣ କରିବାରେ ସାହାଯ୍ୟ କରିବ।

# ସାମସଙ୍ଗ ଅଭିନବୀକରଣ କ୍ୟାମ୍ପସ ଆନ୍ଧ୍ର ପ୍ରଦେଶରେ ଭବିଷ୍ୟତ ଆଧାରିତ ବୈଷୟିକତାକୁ ମଜବୁତ କରିପାରିଛି

ଭୁବନେଶ୍ୱର,୨୫।୧୨ (ନି.ପ୍ର) :ସାମସଙ୍ଗ, ଭାରତର ଏକ ବୃହତ୍ ଗ୍ରାହକ ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ, ଏହାର ଭବିଷ୍ୟତ ଆଧାରିତ ବୈଷୟିକତାକୁ ସାମସଙ୍ଗ ଅଭିନବୀକରଣ କ୍ୟାମ୍ପସ(ଏସଆଇସି) ଅଧିନରେ ମଜବୁତ କରିବା ସହିତ ଆନ୍ଧ୍ର ପ୍ରଦେଶର ବିଜ୍ଞାନ ଇନଷ୍ଟିଚ୍ୟୁଟ ଅଫ ଇନଫରମେସନ ଟେକ୍ନୋଲଜି ଏବଂ ଡ଼ିଆଇଇଟି କଲେଜ ବିଶାଖାପାଟନମ ଠାରେ ପରକୁ ପର ଏଭଳି ଏକ ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମର ଆୟୋଜନ କରିବାକୁ ଯାଉଛି ପ୍ରତିଭା ମାନଙ୍କୁ ବିକଶିତ କରିବା ପାଇଁ।

ଚଳିତ ବର୍ଷ ସମୁଦାୟ ୭୫୦ ଜଣ ବିଦ୍ୟାର୍ଥୀ ବିଶାଖାପାଟନମ ସ୍ଥିତ ଦୁଇଟି କେନ୍ଦ୍ରରେ ଏଭଳି ପ୍ରମାଣପତ୍ର ପାଇବା ପାଇଁ ଏହି କାର୍ଯ୍ୟକ୍ରମରେ ସାମିଲ ହେବେ ଯାହା ମଧ୍ୟରେ ବିଜ୍ଞାନ କଲେଜର ୫୦୦ ଏବଂ ଡ଼ିଆଇଇଟି କଲେଜର ୨୫୦ ଜଣ ଅନ୍ତର୍ଭୁକ୍ତ ରହିଛନ୍ତି ଯେଉଁମାନେ କି ସାମସଙ୍ଗର ଏଭଳି ଏକ ଅଭିଯାନରେ ଅନ୍ୟତମ ମାଇଲଖୁଂଟ ପ୍ରତିଷ୍ଠା କରିବା ସହିତ ଭାରତର ଯୁବବର୍ଗଙ୍କ ମଧ୍ୟରେ ଭବିଷ୍ୟତ ଜ୍ଞାନକୌଶଳର ଏକ ଅଭିନବ ପ୍ରସ୍ତୁତି ରୂପ ଦେବେ। ଏହି ସମ୍ବର୍ଦ୍ଧନା ଉତ୍ସବ ଗତ ଡ଼ିସେମ୍ବର ୧୨, ୨୦୨୫ରେ ବିଜ୍ଞାନ ଇନଷ୍ଟିଚ୍ୟୁଟ ଅଫ ଇନଫରମେସନ ଟେକ୍ନୋଲଜି ବିଶାଖାପାଟନମ ଆନ୍ଧ୍ର ପ୍ରଦେଶ ଦ୍ୱାରା ଆୟୋଜିତ ହୋଇଥିଲା। ଏଭଳି କାର୍ଯ୍ୟକ୍ରମରେ ଯେଉଁମାନେ ଅଂଶଗ୍ରହଣ କରିଥିଲେ ସେମାନଙ୍କ ମଧ୍ୟରେ ରହିଛନ୍ତି ମୁଖ୍ୟ ଅତିଥି ଭାବରେ ଡ଼କ୍ଟର ବି ରବି କିରଣ, ଏମବିବିଏସ ଏବଂ ଏସପି-ସାଇବର କ୍ରାଇମ ସିଆଡ଼ି ଏବଂ ଡ଼କ୍ଟର ସୁଧାକର ଜ୍ୟୋଥୁଲା, ଅଧ୍ୟକ୍ଷ ବିଜ୍ଞାନ କଲେଜ ଏଥିସହିତ ସରୋଜ ଆପାଲୋ, ଉପସଭାପତି -ଷ୍ଟାଟେଜିକ୍ ପାର୍ଟନରସିପ୍, ଇଲେକ୍ଟ୍ରୋନିକ୍ ସେକ୍ଟର ସ୍କିଲସ କାଉନସିଲ ଅଫ ଇଣ୍ଡିଆ ।

# ବେଦାନ୍ତ ଆଲୁମିନିୟମର ଝାରସୁଗୁଡା ୟୁନିଟ ୧୦୦୦ତମ ଫ୍ଲାଏଆଶ୍ ରେକ୍ ପଠାଇବା ସହିତ ବୃତାକାର ଅର୍ଥନୀତି ନେତୃତ୍ୱକୁ ସୃଦୃଢ କରିଛି

ଭୁବନେଶ୍ୱର, ୨୫।୧୨ (ନି.ପ୍ର) : ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର ଝାରସୁଗୁଡା ୟୁନିଟରୁ ୧୦୦୦ତମ ଫ୍ଲାଏ ଆଶ୍ ରେକ୍ ପଠାଇ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାୟୀତ୍ୱ ଏବଂ କାର୍ଯ୍ୟକ୍ଷମ ମାଇଲଖୁଂଟ ଭାବରେ ଚିହ୍ନିତ ହୋଇଛି। ଏହି ସଫଳତା କମ୍ପାନୀର ବୃତାକାର ଅର୍ଥନୀତି ନୀତି ଏବଂ ଦାୟିତ୍ୱପୂର୍ଣ୍ଣ ସମ୍ବଳ ପରିଚାଳନା ପ୍ରତି ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଛି।

୨୦୨୨ ମସିହାରେ ଏହାର ଫ୍ଲାଏ ଆଶ୍ ରେକ୍ ପଠାଯିବା ପଦକ୍ଷେପ ଆରମ୍ଭ କରିବା ପରଠାରୁ, ବେଦାନ୍ତ ଝାରସୁଗୁଡ଼ା ସମଗ୍ର ଭାରତରେ ସିମେଂଟ ନିର୍ମାତା ଏବଂ ଭିତିଭୂମି ପ୍ରକଳ୍ପଗୁଡ଼ିକୁ ୪ ନିୟୁତ ଟନ୍ ରୁ ଅଧିକ ଫ୍ଲାଏ ଆଶ୍ ଯୋଗାଇଛି। ଏହି ବୃହତ ପରିମାଣର ବ୍ୟବହାର ମିଶ୍ରିତ ଏବଂ ସବୁଜ ସିମେଂଟ ଉତ୍ପାଦନକୁ ସମର୍ଥନ କରେ, ଚୂନପଥର ଭଳି ପ୍ରାକୃତିକ ସମ୍ପଦ ଉପରେ ନିର୍ଭରତା ହ୍ରାସ କରିବା ସହିତ ପାରମ୍ପରିକ ସିମେଂଟ ଉତ୍ପାଦନ ସହିତ ଜଡିତ ଗ୍ରୀନହାଉସ୍ ଗ୍ୟାସ ନିର୍ଗମନକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିଛି।

ଏହି ମାଇଲଖୁଂଟ ବିଷୟରେ ମତ ଦେଇ, ବେଦାନ୍ତ ଝାରସୁଗୁଡାର ସିଇଓ ସି ଚନ୍ଦ୍ରୁ କହିଛନ୍ତି, 'ଆମର ୧୦୦୦ତମ ଫ୍ଲାଏ ଆସ୍ ରେକ୍ ପଠାଯିବା ଶୃଙ୍ଖଳାଗତ କାର୍ଯ୍ୟାନ୍ୱୟନ ଦ୍ୱାରା ସମର୍ଥିତ ସ୍ଥାୟୀତ୍ୱ ପ୍ରତି ଆମର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଏହି ମାଇଲଖୁଂଟ ଦର୍ଶାଏ ଯେ ଶିଳ୍ପ ଦକ୍ଷତା, ପରିବେଶଗତ ଦାୟିତ୍ୱ ଏବଂ ସହଯୋଗୀ ସହଭାଗୀତା କିପରି ଶିଳ୍ପ, ସମ୍ପ୍ରଦାୟ ଏବଂ ଗ୍ରହ ପାଇଁ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରିବାକୁ ଏକତ୍ରିତ ହୋଇପାରେ।



ଡାଲମିଆ ସିମେଂଟର କମୋଡିଟି ଏବଂ କ୍ରୟ ମୁଖ୍ୟ ତରୁଣ ଆହୁଜା ସହଭାଗୀତା ଉପରେ ଆଲୋକପାତ କରି କହିଛନ୍ତି, 'ଫ୍ଲାଏ ଆସ୍ ପଠାଯିବା କାର୍ଯ୍ୟକ୍ରମ ସିମେଂଟ ଏବଂ ଭିତିଭୂମି କ୍ଷେତ୍ର ପାଇଁ ଏକ ନିର୍ଭରଯୋଗ୍ୟ ଯୋଗାଣ ଶୃଙ୍ଖଳ ନିର୍ମାଣ କରିଛି, ଯେତେବେଳେ ନିରାପଦ ଏବଂ ବୈଜ୍ଞାନିକ ପାଉଁଶ ପରିଚାଳନା ସୁନିଶ୍ଚିତ କରିଛି। ଏହା ଲଜିଷ୍ଟିକ୍ସ ଦକ୍ଷତା ବୃଦ୍ଧି କରିଛି ଏବଂ ପରିବେଶଗତ ପ୍ରଭାବକୁ ହ୍ରାସ କରିଛି। ଏହି ମାଇଲଖୁଂଟ ଭୂମି ଦଳଗୁଡ଼ିକର ଉତ୍ସର୍ଗତା ଏବଂ ରେଳ, ଲଜିଷ୍ଟିକ୍ସ ପାର୍ଟନର ଏବଂ ଗ୍ରାହକମାନଙ୍କ ସହିତ ନିର୍ବିଘ୍ନ ସମନ୍ୱୟକୁ ଦର୍ଶାଇଛି।'

ବେଦାନ୍ତ ଝାରସୁଗୁଡାର ଫ୍ଲାଏ ଆସ୍ ପରିଚାଳନା ରଣନୀତି ୧୦୦% ପାଉଁଶ ବ୍ୟବହାର, ଲ୍ୟାଣ୍ଡଫିଲ୍ ବ୍ୟବହାରକୁ କମ କରିବା ଏବଂ ସ୍ଥାୟୀ ନିର୍ମାଣକୁ ପ୍ରୋତ୍ସାହିତ କରିବା ଜାତୀୟ ଉଦ୍ଦେଶ୍ୟ ସହିତ ସମାନ। ରେଳ ପରିବହନକୁ ଉପଯୋଗ କରି, କାର୍ଯ୍ୟକ୍ରମ ରାସ୍ତା ଭିଡ଼ ଏବଂ ନିର୍ଗମନକୁ ହ୍ରାସ କରେ, କମ୍ପାନୀର ପରିବେଶ-ଅନୁକୂଳ ଲଜିଷ୍ଟିକ୍ସ ପଦ୍ଧତିକୁ ସୁଦୃଢ଼ କରିଥାଏ। ଭାରତର ସର୍ବବୃହତ ଆଲୁମିନିୟମ ପ୍ଲାଂଟ ଭାବରେ, ବେଦାନ୍ତ ଝାରସୁଗୁଡା ନବସୃଜନ, ପ୍ରକ୍ରିୟା ଅପ୍ଟିମାଇଜେସନ୍ ଏବଂ ଅଂଶୀଦାରଙ୍କ ସହଯୋଗ ମାଧ୍ୟମରେ ସ୍ଥାୟୀତ୍ୱକୁ ସମନ୍ୱିତ କରି ଚାଲିଛି, ପ୍ରତିବଦ୍ଧତାକୁ ମାପଯୋଗ୍ୟ ଫଳାଫଳରେ ପରିଣତ କରିଛି।

ବେଦାନ୍ତ ଲିମିଟେଡର ଏକ ବ୍ୟବସାୟ, ବେଦାନ୍ତ ଆଲୁମିନିୟମ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ, ଯାହା ଆର୍ଥିକ ବର୍ଷ ୨୫ ରେ ଭାରତର ଅଧାରୁ ଅଧିକ ଆଲୁମିନିୟମ ଅର୍ଥାତ୍ ୨.୪୨ ନିୟୁତ ଟନ୍ ଉତ୍ପାଦନ କରୁଛି। ଏହା ମୂଲ୍ୟଯୁକ୍ତ ଆଲୁମିନିୟମ ଉତ୍ପାଦରେ ଏକ ନେତା ଯାହା ମୁଖ୍ୟ ଶିଳ୍ପଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ ଖୋଜେ।

ଆଲୁମିନିୟମ ଶିଳ୍ପ ପାଇଁ ଏସଏଣ୍ଡପି ଗ୍ଲୋବାଲ୍ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଂଟ ୨୦୨୫ ବିଶ୍ୱ ରାଙ୍କିଂରେ ବେଦାନ୍ତ ଆଲୁମିନିୟମ ଦ୍ୱିତୀୟ ସ୍ଥାନରେ ଅଛି, ଯାହା ଏହାର ଅଗ୍ରଣୀ ସ୍ଥାୟୀ ବିକାଶ ଅଭ୍ୟାସର ପ୍ରତିଫଳନ। ଭାରତରେ ଏହାର ବିଶ୍ୱସ୍ତରୀୟ ଆଲୁମିନିୟମ ସ୍ମେଲ୍ଟର, ଆଲୁମିନା ରିଫାଇନାରୀ ଏବଂ ପାୱାର ପ୍ଲାଂଟ ସହିତ, କମ୍ପାନୀ ଏକ ସବୁଜ ଆସନ୍ତାକାଲି ପାଇଁ 'ଭବିଷ୍ୟତର ଧାତୁ' ଭାବରେ ଆଲୁମିନିୟମର ଉଦୀୟମାନ ପ୍ରୟୋଗଗୁଡ଼ିକୁ ପ୍ରୋତ୍ସାହିତ କରିବାର ଏହାର ଲକ୍ଷ୍ୟ ପୂରଣ କରୁଛି।

# ସାତକୋଶିଆ ଅଭୟାରଣ୍ୟ ବୁଲିଲେ କେନ୍ଦ୍ରମନ୍ତ୍ରୀ

## ସାତକୋଶିଆ ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ନୂଆ ପରିଚୟ ତିଆରି କରିବ : ଧର୍ମେନ୍ଦ୍ର ପ୍ରଧାନ

ସାତକୋଶିଆ, ୨୫।୧୨ (ନି.ପ୍ର) : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଅନୁଗୋଳ ଜିଲ୍ଲା ସ୍ଥିତ ବିଶ୍ୱପ୍ରସିଦ୍ଧ ସାତକୋଶିଆ ଅଭୟାରଣ୍ୟ ପରିଦର୍ଶନ କରିଛନ୍ତି । ମହାନଦୀର ନୀଳ ଜଳରାଶି ଏବଂ ସାତକୋଶିଆ ଗଣ୍ଡର ମନୋରମ ଦୃଶ୍ୟକୁ ଉପଭୋଗ କରିବା ସହ ସାତକୋଶିଆ ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ଏକ ନୂତନ ପରିଚୟ ସୃଷ୍ଟି କରିବ ବୋଲି ସେ କହିଛନ୍ତି । ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ସାତକୋଶିଆ ଅଭୟାରଣ୍ୟ ପରିଦର୍ଶନ ସମୟରେ ପ୍ରକୃତିର ଏକ ଅପୂର୍ବ ଓ ନୈସର୍ଗିକ ସୌନ୍ଦର୍ଯ୍ୟକୁ ଅତି ନିକଟରୁ ଦେଖିବାର ସୁଯୋଗ ମିଳିଲା । ସାତକୋଶିଆ କେବଳ ଓଡ଼ିଶା ନୁହେଁ, ବରଂ ସାରା ଭାରତର ଏକ ଅନନ୍ୟ ଜୈବ ବିବିଧତା ସମ୍ପନ୍ନ ଅଞ୍ଚଳ । ଏଠାକାର ଘଞ୍ଚ ଜଙ୍ଗଲ, ବନ୍ୟପ୍ରାଣୀ, ପାହାଡ଼ ଏବଂ ନଦୀର ସଙ୍ଗମ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବାର ପ୍ରଚୁର ସମ୍ଭାବନା ରଖିଛି।

ଆମର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ଘରୋଇ ପର୍ଯ୍ୟଟନ'ର ଯେଉଁ ପରିକଳ୍ପନା କରିଛନ୍ତି, ତାହାକୁ ଆଗକୁ ବଢ଼ାଇବା ପାଇଁ ସାତକୋଶିଆ ଏକ ପ୍ରକୃଷ୍ଟ କ୍ଷେତ୍ର । ମୋଦୀ ସରକାର ଏହି ଅଞ୍ଚଳର ବିକାଶ ତଥା ଏହି ଆଇକନିକ୍ ଟୁରିଷ୍ଟ ସେଣ୍ଟରକୁ ବିଶ୍ୱମାନର କରିବା ପାଇଁ ଆର୍ଥିକ ସହାୟତା ଦେଇଛନ୍ତି । ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବାରେ ପର୍ଯ୍ୟଟନର ବହୁତ ବଡ଼ ଭୂମିକା ରହିଛି । ସାତକୋଶିଆର ବିକାଶ ଏପରି ଭାବେ ହେବା ଦରକାର ଯେପରି ପ୍ରକୃତିର ସୁରକ୍ଷା ସହିତ ସ୍ଥାନୀୟ ଯୁବପିଢ଼ି ଓ ବନବାସୀ ଭାଇଭଉଣୀଙ୍କ ପାଇଁ ନୂତନ ଜୀବିକାର ସୁଯୋଗ ସୃଷ୍ଟି ହୋଇପାରିବ ।

ଆଗାମୀ ଦିନରେ ଜଙ୍ଗଲ ବିଭାଗ ଏବଂ ପର୍ଯ୍ୟଟନ ବିଭାଗର ମିଳିତ ସହଯୋଗରେ ଏହି ଅଞ୍ଚଳକୁ ଏକ ବିଶ୍ୱସ୍ତରୀୟ 'ପର୍ଯ୍ୟଟନ ଶିଳ୍ପ'ର ମାନ୍ୟତା ଦେବା ପାଇଁ ସମସ୍ତ ଉଦ୍ୟମ କରାଯିବ । ଏହା ଦ୍ୱାରା କେବଳ ପର୍ଯ୍ୟଟନର ବିକାଶ ହେବ ନାହିଁ, ବରଂ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ରୋଜଗାର ସୃଷ୍ଟି ହେବ ଏବଂ ଲୋକମାନଙ୍କର ଆର୍ଥିକ ସ୍ଥିତିରେ ବଡ଼ ପରିବର୍ତ୍ତନ ଆସିବ ।




ଅନୁଗୋଳ, ଢେଙ୍କାନାଳ, କଟକ ଏବଂ ବୌଦ୍ଧ ଜିଲ୍ଲାର ସୀମାକୁ ସ୍ପର୍ଶ କରୁଥିବା ଏହି ବିଶାଳ ସାତକୋଶିଆ ଗଣ୍ଡର ପ୍ରାକୃତିକ ସୁରକ୍ଷାକୁ ବଜାୟ ରଖିବା ଆମର ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଛନ୍ତି ।

# ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ୬୧ତମ ଶାଖା ଉଦ୍‌ଘାଟିତ

ଭୁବନେଶ୍ୱର, ୨୫।୧୨ (ନି.ପ୍ର) : ଦେଶର ଅଗ୍ରଣୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଏକ ନୂତନ ଶାଖା କଟକ ଜିଲ୍ଲାର ଟାଙ୍ଗୀଠାରେ ଉଦ୍‌ଘାଟିତ ହୋଇଯାଇଛି । ଏହି ନୂତନ ଶାଖା ସହିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର କଟକ ଜିଲ୍ଲାରେ ମୋଟ୍ ଶାଖା ସଂଖ୍ୟା ୭ରେ ପହଞ୍ଚିଛି । ରାଜ୍ୟରେ ବ୍ୟାଙ୍କର ୬୧ଟି ଶାଖା ରହିଛି ।



ବ୍ୟାଙ୍କ ରାଜ୍ୟରେ ଏହାର ଉପସ୍ଥିତି ଏବଂ ଗ୍ରାହକଙ୍କ ପହଞ୍ଚକୁ ଆହୁରି ସୁଦୃଢ କରିବା ପାଇଁ ବିଭିନ୍ନ ଯୋଜନା ଘୋଷଣା କରିଛି। ଏହି ନୂତନ ଶାଖା ଟାଙ୍ଗୀ-ଚୌଦ୍ୱାର ବିଡିଓ ଏନ୍.ଏନ୍ ରାଜଲକ୍ଷ୍ମୀ ଓଝାଙ୍କ ଦ୍ୱାରା ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ପ୍ରବନ୍ଧକ ଦିଲ୍ଲୀପ କୁମାର ରାଉଳ ଏବଂ ଟାଙ୍ଗୀ ଶାଖା ପ୍ରବନ୍ଧକ ରାକେଶ କୁମାର ନାୟକଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଥିଲା।

ଏହି ଅବସରରେ ଶ୍ରୀମତୀ ଓଝା ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ଦ୍ୱାରା ପ୍ରଦାନ କରାଯାଉଥିବା ବ୍ୟାଙ୍କିଙ୍ଗ୍ ସେବାର ପ୍ରଶଂସା କରିଥିଲେ ଏବଂ ଟାଙ୍ଗୀର ଜନସାଧାରଣ ଏହି ସୁବିଧାଗୁଡିକର ଲାଭ ଉଠାଇବା ପାଇଁ ଅଗ୍ରସର ହେବା ଉଚିତ୍ ବୋଲି ସେ କହିଥିଲେ। ଓଡିଶାରେ ସାମ୍ପ୍ରତିକ ଶାଖା ସଂପ୍ରସାରଣ ବିଷୟରେ ମତ ପ୍ରକାଶ କରି ଅଞ୍ଚଳ ପ୍ରବନ୍ଧକ ଶ୍ରୀ ରାଉଳ କହିଛନ୍ତି ଯେ, ରାଜ୍ୟରେ ବ୍ୟବସାୟିକ ଅଭିବୃଦ୍ଧି ଏବଂ ରଣନୈତିକ ପ୍ରାଧାନ୍ୟ ରଖୁଥିବା କଟକ ଜିଲ୍ଲାରେ ଆଉ ଏକ ଶାଖା ଖୋଲାଯାଇଥିବାରୁ ସେ ଅତ୍ୟନ୍ତ ଖୁସି। ଏହି ଶାଖା ଦ୍ରୁତ ବିସ୍ତାରିତ ନେଟ୍‌ୱର୍କ ଓ ଅନ୍ୟାନ୍ୟ ଚ୍ୟାନେଲ ମାଧ୍ୟମରେ ଗ୍ରାହକମାନଙ୍କୁ ଉତ୍ତମ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ କରିବା ପାଇଁ ବ୍ୟାଙ୍କର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ କରିବ। ଏହା ଗ୍ରାହକ ସେବାକୁ ସୁଗମ ଓ ସମୟୋଚିତ ଋଣ ପ୍ରଦାନ କରିବା ସହ ସେହି ଅଞ୍ଚଳର ଖୁଚୁରା, କୃଷି ଏବଂ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ପାଇଁ ଟର୍ଣ୍ଣଆରାଉଣ୍ଡ୍ ସମୟକୁ ହ୍ରାସ କରିବ ଯାହା ଗ୍ରାହକ ସନ୍ତୁଷ୍ଟିକୁ ଆହୁରି ବୃଦ୍ଧି କରିପାରିବ।



# ଅଟଳଜୀଙ୍କ ପ୍ରେରଣାକୁ ପାଥେୟ କରି ଓଡ଼ିଶାକୁ ଶ୍ରେଷ୍ଠ ଓ ସମୃଦ୍ଧଶୀଳ ରାଜ୍ୟ ଭାବେ ଗଢ଼ି ତୋଳିବା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୫/୧୨ (ନି.ପ୍ର) : ଭାରତ ବିଶ୍ୱଗୁରୁ ହେବ ବୋଲି ସ୍ୱାମୀ ବିବେକାନନ୍ଦ ଦିନେ କହିଥିଲେ। ବାସ୍ତବରେ ଏହାର ମୂଳଦୁଆ ପକାଇଥିଲେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଶ୍ରଦ୍ଧେୟ ଅଟଳ ବିହାରୀ ବାଜପେୟୀଜୀ। ଏହାକୁ ବାସ୍ତବତାରେ ପରିଣତ କରିବାକୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀ ପଣ କରିଛନ୍ତି। ନିରନ୍ତର ପ୍ରୟାସ ଫଳରେ ଆମେ ଏହି ସ୍ୱପ୍ନକୁ ବାସ୍ତବତାର ରୂପ ଦେଇପାରିବା ବୋଲି ରାଜ୍ୟ ବିଜେପି କାର୍ଯ୍ୟାଳୟ ପରିସରରେ ସ୍ୱର୍ଗତଃ ବାଜପେୟୀଙ୍କ ୧୦୧ ତମ ଜନ୍ମ ଦିବସ ତଥା ଜନ୍ମ ଶତବାର୍ଷିକ ପାଳନ ଅବସରରେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଏହି ଅବସରରେ ଆୟୋଜିତ "୧୦ମ ଅଟଳ ସମ୍ମାନ-୨୦୨୫" କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ପ୍ରତିକୂଳ ପରିସ୍ଥିତିରେ ଅସାଧାରଣ ବ୍ୟକ୍ତିତ୍ୱ ପ୍ରଦର୍ଶନ କରିଥିଲେ ଅଟଳଜୀ। ସେ ବିକାଶର ଅଭିଳାଷକୁ ବୁଣି ଭାରତବର୍ଷକୁ ସଡ଼କ ପଥରେ ଏକାକାର କରିବାର ଯୁଗପୁରୁଷ ଥିଲେ। ସ୍ୱାଧୀନ ଭାରତବର୍ଷର ସୁଶାସନର ପ୍ରବର୍ତ୍ତକ, ସାରସ୍ୱତ ସାଧକ, ପାଂଚ ଦଶନ୍ଧିର ସାଂସଦ, ଯୁଗାନ୍ତକାରୀ, ମହାମାନବ, ଭାରତରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ଅଟଳଜୀ ସବୁ ଭାରତୀୟଙ୍କ ପାଇଁ ସର୍ବଦା ଆଦର୍ଶ ପୁରୁଷ ଓ ପ୍ରେରଣାର ଉତ୍ସ ହୋଇରହିବେ। କ୍ଷମତାରେ ରହିବା ପାଇଁ କେବେ ନୈତିକତା ଓ ଆଦର୍ଶ ସହ ସାଲିସ କରି ନ ଥିବା ଅଟଳଜୀ କୃଷକମାନଙ୍କ ଦୁଃଖକୁ ଭଲଭାବେ ହୃଦୟଙ୍ଗମ କରିପାରିଥିଲେ। ସେ କୃଷକମାନଙ୍କ ପାଇଁ କିଶାନ କ୍ରେଡିଟ୍ କାର୍ଡ ଓ ଫସଲବୀମା ଯୋଜନା ଆରମ୍ଭ କରିଥିଲେ। ସେ କେବେ କାହାର ଚାପରେ ଆସୁ ନ ଥିଲେ। ପରମାଣୁ ପରୀକ୍ଷଣ କରିବାଠାରୁ କାର୍‌ଗିଲ୍ ଯୁଦ୍ଧ ପର୍ଯ୍ୟନ୍ତ ସବୁଥିରେ ସଫଳ ହୋଇଥିଲେ। ସ୍ୱର୍ଗତଃ ଅଟଳଜୀଙ୍କ ସ୍ୱପ୍ନ ଆଜି ବାସ୍ତବରେ ପରିଣତ ହୋଇଛି। ସେଥିପାଇଁ ପ୍ରତି ବର୍ଷ ଡିସେମ୍ବର ୨୫ ତାରିଖକୁ ସୁଶାସନ ଦିବସ ଭାବେ ପାଳନ କରାଯାଉଛି। ବିକଶିତ ଭାରତ ଗଢିବା ପାଇଁ ଅଟଳଜୀ ଯେଉଁ ପ୍ରୟାସ କରିଥିଲେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଜୀ ତାହାକୁ ପୂରଣ କରି ଚାଲିଛନ୍ତି।

ରାଷ୍ଟ୍ରୀୟ ବିଚାର, ଆଦର୍ଶ ଓ ଚିନ୍ତାଧାରାକୁ ଆଧାର କରି ଜନସଂଘ ପରେ ୧୯୮୦ ମସିହାରେ ପ୍ରତିଷ୍ଠାତା ରାଷ୍ଟ୍ରୀୟ ସଭାପତି ଭାବେ ଦାୟିତ୍ୱ ନେବା ପରେ ସ୍ୱର୍ଗତ ଅଟଳଜୀଙ୍କ ନେତୃତ୍ୱରେ ଭାରତୀୟ ଜନତା ପାର୍ଟି ଆଉ ପଛକୁ ଫେରି ଚାହିଁନାହିଁ। ଅନେକ ଘାତ ଓ ପ୍ରତିଘାତକୁ ସାମ୍ନା କରି ଭାରତୀୟ ଜନତା ପାର୍ଟି ସମ ଚିନ୍ତାଧାରା ଥିବା ଅନ୍ୟ ରାଜନୈତିକ ଦଳକୁ ସାଥିରେ ନେଇ ଦେଶ ସମେତ ଆଜି ଦେଶର ୨୧ଟି ରାଜ୍ୟରେ ଶାସନ ଦାୟିତ୍ୱରେ ରହିଛି। ଓଡ଼ିଶାରେ ପ୍ରଥମ ଥର ପାଇଁ ଏକାକୀ ସରକାର ଗଠନ କରିଛି। ଅଟଳଜୀଙ୍କ ପ୍ରେରଣାକୁ ପାଥେୟ କରି ଏବଂ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଦିଗଦର୍ଶନରେ ଓଡିଶାକୁ ଭାରତବର୍ଷର ଶ୍ରେଷ୍ଠ ଓ ସମୃଦ୍ଧଶୀଳ ରାଜ୍ୟ ଭାବେ ଗଢି ତୋଳିବା ଆମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି ଯେ, ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ଅଟଳ ବିହାରୀ ବାଜପେୟୀ ଏକାଧାରାରେ ଥିଲେ ଦୁରଦ୍ରଷ୍ଟା, ରାଷ୍ଟ୍ରନୀତିଜ୍ଞ, ରାଜନୀତିଜ୍ଞ,



କବି, ଦାର୍ଶନିକ, ସମାଜସେବୀ ଓ ଦେଶଭକ୍ତ। ରାଷ୍ଟ୍ରୀୟ ଚିନ୍ତାଧାରାରେ ନିଜ ଜୀବନ ଯୌବନକୁ ସମର୍ପଣ କରି ସେ ଆମ ସମସ୍ତଙ୍କ ପାଇଁ ପ୍ରେରଣାର କେନ୍ଦ୍ରବିନ୍ଦୁ ସାଜିଛନ୍ତି। ସ୍ୱର୍ଗତଃ ଅଟଳଜୀ ଆଗାମୀ ୧୦୦ ବର୍ଷ ପାଇଁ ଦେଶର ବିକାଶର ନକ୍ସା ତିଆରି କରିଥିଲେ। ନୂଆଭାରତ ବର୍ଷ ଗଠନରେ ତାଙ୍କର ଭୂମିକା ଅତୁଳନୀୟ ଥିଲା। ତାଙ୍କୁ ନୂଆଭାରତ ବର୍ଷର ନିର୍ମାତା କହିଲେ ଅତ୍ୟୁକ୍ତି ହେବ ନାହିଁ। ଏ ନେଇ ତାଙ୍କ ଜନ୍ମଦିବସକୁ ସାରା ଭାରତରେ ସୁଶାସନ ଦିବସ ଭାବେ ପାଳନ କରାଯାଉଛି। ସେ ଯେତେବେଳେ କ୍ଷମତାକୁ ଆସିଲେ, ସେତେବେଳେ ଭାରତ ୧୪ ଲକ୍ଷ କୋଟି ଟଙ୍କା ଋଣରେ ବୁଡ଼ିଥିଲା। ଏହାସତ୍ତ୍ୱେ ଭାରତ ବର୍ଷ ପାଇଁ ଅନେକ ଜନକଲ୍ୟାଣକାରୀ ଯୋଜନା କରି ଦେଶର ଅର୍ଥନୀତିକୁ ୧୯ରୁ ୧୧ ନମ୍ବର ସ୍ଥାନରେ ପହଂଚାଇ ପାରିଥିଲେ। ପ୍ରତିକୂଳ ପରସ୍ଥିତି ସତ୍ତ୍ୱେ ପରମାଣୁ ପରୀକ୍ଷଣ କରି ବିଶ୍ୱବିଜୟୀ ଅଭିଯାନରେ ଭାରତକୁ ସାମିଲ କରିଥିଲେ। ଓଡ଼ିଶା ପ୍ରତି ତାଙ୍କ ଅବଦାନକୁ କେବେ ଭୁଲି ହେବନାହିଁ। ଦିଲ୍ଲୀପରେ ଓଡ଼ିଶାରେ ଏମ୍ସ ହସ୍ପିଟାଲ ଖୋଲିବା ପାଇଁ ସେ ସ୍ୱପ୍ନ ଦେଖିଥିଲେ। ତାଙ୍କ ଦୂରଦୃଷ୍ଟି ଯୋଗୁ ଆଜି ଭୁବନେଶ୍ୱରସ୍ଥିତ ଏମ୍ସ ମେଡିକାଲରେ ଅନେକ ଗରିବ ଲୋକ ଉନ୍ନତମାନର ସ୍ୱାସ୍ଥ୍ୟ ସେବାପାଇ ପାରୁଛନ୍ତି। ୩୩ ହଜାର କୋଟି ଟଙ୍କାରେ ତୈଳ ବିଶୋଧନାଗାର ତିଆରି କରିବା ପାଇଁ ତାଙ୍କର ଯେଉଁ ସ୍ୱପ୍ନ ଥିଲା, ତାହା ଆଜି ପୂରଣ ହୋଇଛି। ୧୯୯୯ ମହାବାତ୍ୟା ପରେ ଓଡ଼ିଶାର ପୁନର୍ନିର୍ମାଣ ପାଇଁ ଅର୍ଥର ଅଭାବ ରହିଲା ନାହିଁ। ସେ ଓଡ଼ିଶାର ଜନଜୀବନ ସହ ଜଡିତ ଥିଲେ। ଆଜି ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱରେ ଭାରତ ବିଶ୍ୱର ଚତୁର୍ଥତମ ବୃହତ୍ ଅର୍ଥନୀତି ରାଷ୍ଟ୍ର ହୋଇପାରିଛି। ଏହାର ଭିତିଭୂମି ପ୍ରତିଷ୍ଠା କରିଥିଲେ ଅଟଳଜୀ। ତାଙ୍କ ପଦାଙ୍କ ଅନୁସରଣ କରି ଓଡ଼ିଶାକୁ ଦେଶର ୧ ନମ୍ବର ରାଜ୍ୟଭାବେ ଗଢ଼ି ତୋଳିବା ପାଇଁ ଆମସମସ୍ତଙ୍କୁ ନିରନ୍ତର ଉଦ୍ୟମ କରିବାକୁ ପଡ଼ିବ।

ବିକଶିତ ଭାରତ ଗଢ଼ିବା ପାଇଁ ଅଟଳଜୀ ଯେଉଁ ପ୍ରୟାସ କରିଥିଲେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଜୀ ତାହାକୁ ପୂରଣ କରି ଚାଲିଛନ୍ତି। ସ୍ୱର୍ଗତ ବାଜପେୟୀଙ୍କ ମାର୍ଗରେ ଆମେ ସମସ୍ତେ ଆଗକୁ ବଢ଼ିବା ଆବଶ୍ୟକ ବୋଲି ରାଜ୍ୟ ପ୍ରଭାରୀ ଶ୍ରୀ ବିଜୟପାଲ ସିଂହ ତୋମାର କହିଛନ୍ତି। ସ୍ୱର୍ଗତ ବାଜପେୟୀ ଓଡ଼ିଶାବାସୀଙ୍କୁ ଅନ୍ତରର ସହ ଭଲପାଉଥିଲେ। ସେ ଓଡ଼ିଶାର କଳା, ସଂସ୍କୃତି ଉପରେ ଗଭୀର ଅନୁଧ୍ୟାନ କରିଥିଲେ। ଓଡ଼ିଶା ପ୍ରତି ତାଙ୍କ ଅବଦାନକୁ କେବେ ଭୁଲି ହେବ ନାହିଁ। ସ୍ୱର୍ଗତ ବାଜପେୟୀ ଦେଖାଇଥିବା ବାଟରେ ଆଗକୁ ବଢ଼ିଲେ ଜୀବନରେ ସଫଳତା ନିଶ୍ଚୟ ମିଳିବ ବୋଲି ପୂର୍ବତନ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି।

ଏହି ଅବସରରେ ଶ୍ରୀ କୁଞ୍ଜବିହାରୀ ପାଣିଗ୍ରାହୀଙ୍କୁ ଅଟଳ ସମ୍ମାନ ୨୦୨୫ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଡ. ଭାଗ୍ୟଲିପି ମଲ୍ଲଙ୍କୁ ଅଟଳ ସଂସ୍କୃତି ସମ୍ମାନ, ଶ୍ରୀ ପ୍ରସନ୍ନ କୁମାର ସ୍ୱାଇଁଙ୍କୁ ଅଟଳ କବିତା ସମ୍ମାନ, ସମ୍ବଲପୁରର ପ୍ରତିଷ୍ଠିତ ସାମାଜିକ ଅନୁଷ୍ଠାନ ଉର୍ଜ୍ଜସ୍ୱକୁ ଅଟଳ ସେବା ସମ୍ମାନ, ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାସଙ୍କୁ ଅଟଳ ସାମ୍ବାଦିକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ମାନ୍ୟବର ମୁଖ୍ୟମନ୍ତ୍ରୀ, ରାଜ୍ୟ ସଭାପତି, ରାଜ୍ୟ ପ୍ରଭାରୀ, ପୂର୍ବତନ ରାଜ୍ୟ ସଭାପତି ଉପସ୍ଥିତ ରହି ସେମାନଙ୍କୁ ଉପଢୌକନ, ମାନପତ୍ର, ଫଳକ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରିଥିଲେ। ଏହି ଅବସରରେ ବିଶିଷ୍ଟ ସଂଗୀତକାର ତଥା ସାଂସ୍କୃତିକ ପ୍ରକୋଷ୍ଠର ପୂର୍ବତନ ରାଜ୍ୟ ସଂଯୋଜକ ଶ୍ରୀ ପଂଚାନନ ନାୟକ ସମ୍ମାନିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଅଭିନେତା ହରିହର ମହାପାତ୍ର କବିତାପାଠ ସହ ଯୁବଚିତ୍ରଶିଳ୍ପୀ ସୁମିର୍ ବେହେରା ଅଟଳଜୀ ଫଟୋ ତିଆରି କରି ସମସ୍ତଙ୍କ ମନ ମୋହିଥିଲେ। ରାଜ୍ୟ ସମ୍ପାଦିକା ତଥା ସାଂସ୍କୃତିକ ପ୍ରକୋଷ୍ଠର ଆବାହିକା ଶ୍ରୀମତୀ ପିଙ୍କି ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନାରେ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଅଟଳଜୀଙ୍କ ଜୀବନୀ ଉପରେ ଆଧାରିତ ପ୍ରଦର୍ଶନୀ ଏବଂ ଅଟଳଜୀଙ୍କ ବାଲୁକା କୃତିକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ଶ୍ରୀ ବିଜୟ ପାଲ ସିଂହ ତୋମାର, ପୂର୍ବତନ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅଟଳଜୀ ସ୍ମୃତି ଚାରଣ କରି ତାଙ୍କଦ୍ୱାରା ଲିଖିତ କବିତାପାଠ ପଠନ କରାଯାଇଥିଲା। ଅପରାହ୍ନରେ ସ୍ୱର୍ଗତଃ ଅଟଳଜୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିଚାରଣ ସଭା ଆୟୋଜନ କରାଯାଇଥିଲା। ଏହି ଅବସରରେ ଅଟଳଜୀଙ୍କୁ ସ୍ମୃତିଚାରଣ କରି ତାଙ୍କ ଦ୍ୱାରା ଲିଖିତ କବିତା ପାଠ କରାଯାଇଥିଲା।

# 'ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଳ ପୁରସ୍କାର' ପ୍ରଦାନ କରିବେ ରାଷ୍ଟ୍ରପତି

ନୂଆଦିଲ୍ଲୀ,୨୫।୧୨ (ନି.ପ୍ର) : କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ପକ୍ଷରୁ ଆସନ୍ତା କାଲି ବୀର ବାଳ ଦିବସ ପାଳନ କରାଯିବ । ଭାରତର ଯୁବ ନାୟକମାନଙ୍କର ସାହସ, ତ୍ୟାଗ ଓ ଅନୁକରଣୀୟ ମୂଲ୍ୟବୋଧକୁ ସ୍ମରଣ କରିବାକୁ ଏହି ଦିବସ ପାଳନ କରାଯାଉଛି । ଏହି ଦିନ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ପିଲାମାନଙ୍କୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଳ ପୁରସ୍କାର (ପିଏମଆରବିପି) ପ୍ରଦାନ କରାଯିବ ।

ପ୍ରଧାନମନ୍ତ୍ରୀ ଜାତୀୟ ଶିଶୁ ପୁରସ୍କାର ହେଉଛି ଭାରତ ସରକାରଙ୍କ ଦ୍ୱାରା ପ୍ରତିବର୍ଷ ସାହସ, କଳା ଏବଂ ସଂସ୍କୃତି, ପରିବେଶ, ସମାଜସେବା, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଏବଂ କ୍ରୀଡା କ୍ଷେତ୍ରରେ ଅସାଧାରଣ ଉତ୍କର୍ଷତା ପାଇଁ ପିଲାମାନଙ୍କୁ ପ୍ରଦାନ କରାଯାଉଥିବା ଏକ ମର୍ଯ୍ୟାଦାଜନକ ଜାତୀୟ ସମ୍ମାନ। ୨୦୨୫ ମସିହାରେ, ୧୮ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରୁ ୨୦ ଜଣ ପିଲାଙ୍କୁ ଏହି ସମ୍ମାନ ପାଇଁ ମନୋନୀତ କରାଯାଇଛି। ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ୨୬ ଡିସେମ୍ବର, ୨୦୨୫ ସକାଳ ୧୦:୦୦ ସମୟରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରିବେ।

ବୀର ବାଳ ଦିବସ ୨୦୨୫ର ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମ ୨୬ ଡିସେମ୍ବର, ୨୦୨୫ ରେ ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଅନୁଷ୍ଠିତ ହେବ। ଏହି ଜାତୀୟ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଯୋଗଦେବେ । ସେ ଏହି ଅବସରରେ ଭାରତର ଶିଶୁ ଏବଂ ଯୁବକମାନଙ୍କୁ ସମ୍ବୋଧନ କରିବା ସହ ଦେଶ ନିର୍ମାଣରେ ଯୁବ ନାଗରିକଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିବେ। ଏହି କାର୍ଯ୍ୟକ୍ରମରେ ପିଲା ଏବଂ ଯୁବକମାନଙ୍କୁ ଅନୁପ୍ରାଣିତ କରିବାକୁ ସାହସିକତା, ସହନଶୀଳତା ଏବଂ ନିଃସ୍ୱାର୍ଥପର ସେବାର କାହାଣୀମାନ ପ୍ରଦର୍ଶିତ ହେବ । ଏହା ଦ୍ୱାରା ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର ଦୃଷ୍ଟିକୋଣ ସହିତ ସଶକ୍ତ ଏବଂ ଦାୟିତ୍ୱବାନ ନାଗରିକମାନଙ୍କୁ ଗଢିବା ପାଇଁ ଭାରତ ସରକାରଙ୍କ ପ୍ରତିବଦ୍ଧତା ସୁଦୃଢ଼ ହେବ। ଏହି ଅବସରରେ କେନ୍ଦ୍ର ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ ସ୍ୱାଗତ ଭାଷଣ ଦେବେ।

ଏହି କାର୍ଯ୍ୟକ୍ରମରେ ସ୍କୁଲ ପିଲା, ପିଏମଆରବିପି ପୁରସ୍କାର ବିଜେତା ଏବଂ ସାରା ଦେଶରୁ ଆସିଥିବା ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେବେ। ଭାରତର ସମୃଦ୍ଧ ସଭ୍ୟତା ଐତିହ୍ୟ ଏବଂ ସାହସିକତାର ଭାବନାକୁ ପ୍ରଦର୍ଶିତ କରୁଥିବା ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକ ଏହି ଉତ୍ସବର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେବ।

ବୀର ବାଳ ଦିବସ ୨୦୨୫ - ଏକ ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମ, ଡିସେମ୍ବର ୨୬, ୨୦୨୫ ଦିନ ୧୨:୩୦ ସମୟରେ ଏନଆଇସି ୱେବକାଷ୍ଟ, ଡିଡି ନ୍ୟୁଜ୍ ଏବଂ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟର ୟୁଟ୍ୟୁବ୍ ଚ୍ୟାନେଲରେ ସିଧା ପ୍ରସାରଣ କରାଯିବ । ଏହା ମାଧ୍ୟମରେ ସାରା ଦେଶର ଲୋକମାନେ ଏଥିରେ ଅଂଶଗ୍ରହଣ କରିପାରିବେ।

# ମାଲକାନଗିରିରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ଜୟନ୍ତୀ ଓ ସୁଶାସନ ଦିବସ ପାଳିତ

ମାଲକାନଗିରି, ୨୫/୧୨:(ନି.ପ୍ର) ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ମହାନ୍ ଜନନାୟକ ପୂର୍ବତନ ପ୍ରଧାନ ମନ୍ତ୍ରୀ ତଥା ଯଶସ୍ୱୀ କବି ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଜୟନ୍ତୀ ପାଳନ ସହିତ ସୁଶାସନ ଦିବସ



ଓ କବିତା ପାଠୋତ୍ସବ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ ଯୋଗ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ଗୋଲକ ଚନ୍ଦ୍ର ଦଳେଇ, ମାଲକାନଗିରି ବିଧାୟକ ପ୍ରତିନିଧି ନିହାର ରାୟ, ଡ଼ଃ ରଞ୍ଜନ ସ୍ୱାଇଁ, ସରୋଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଦେଶର ବିକାଶରେ ସୁଶାସନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏନେଇ ସଚେତନତା ସୃଷ୍ଟି ଲାଗି ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ବାର୍ଷିକୀ ୨୫ ଡିସେମ୍ବରକୁ ଭାରତରେ ପ୍ରତିବର୍ଷ ସୁଶାସନ ଦିବସ ପାଳନ କରାଯାଉଛି ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ। ଅଟଳ ବିହାରୀ ବାଜପେୟୀ ଭାରତୀୟ ରାଜନୀତିର କାଳଜୟୀ ଅଜାତଶତ୍ରୁ। ସାଇନିଂ ଇଣ୍ଡିଆର ସ୍ରଷ୍ଟା, ଦକ୍ଷ ସୁଦୃଢ଼ ପ୍ରଶାସକ ଭାରତର ସଫଳ ଓ ଦୂରଦୃଷ୍ଟି ସମ୍ପନ୍ନ ପ୍ରଧାନମନ୍ତ୍ରୀ । ଅପରେସନ ଶକ୍ତିର ସେନାପତି । ସ୍ୱର୍ଣ୍ଣଚତୁର୍ଭୁଜର ଶିଳ୍ପୀକାର। ତାଙ୍କର ଦକ୍ଷତା ନେତୃତ୍ୱ ଓ ସୁଶାସନକୁ ମର୍ମେ ମର୍ମେ ଅନୁଭବ କରିଥିଲେ ଦେଶବାସୀ। ୧୯୨୪ ମସିହା ଆଜିର ଦିନରେ ମଧ୍ୟ ପ୍ରଦେଶ ଗ୍ୱାଲିୟରରେ ଜନ୍ମ ଗ୍ରହଣ କରିଥିଲେ ବାଜପେୟୀ । ଭାରତୀୟ ରାଜନୀତିର ଏହି ଧ୍ରୁବ ତାରାଙ୍କ ଦେଶପ୍ରତି ଅବଦାନ ଅତୁଳନୀୟ । ତାଙ୍କ ଦେଶପ୍ରତି ସେବା ସମର୍ପଣ, ନିଷ୍ଠା ଦେଶ ନିର୍ମାଣରେ ଶ୍ରେଷ୍ଠ ଅବଦାନ ପାଇଁ କୃତଜ୍ଞ ରାଷ୍ଟ୍ର ତରଫରୁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତରତ୍ନରେ ସମ୍ମାନିତ କରିଛନ୍ତି କେନ୍ଦ୍ର ସରକାର । ଆଜି ଅଟଳ ନାହାଁନ୍ତି ସତ । କିନ୍ତୁ ତାଙ୍କ ପ୍ରେରଣା, ପରାମର୍ଶ, ମାର୍ଗଦର୍ଶନ ଆର୍ଶିବାଦ ସବୁଦିନ ପାଇଁ ଦେଶର ସମ୍ପଦ ହୋଇ ରହିବ ବୋଲି ଅତିଥି ମାନେ କହିଛନ୍ତି। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ କବି ମାନେ କବିତା ପାଠୋତ୍ସବ କରିଥିଲେ। ବିଭିନ୍ନ ବିଦ୍ୟାଳୟ ମହା ବିଦ୍ୟାଳୟର କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନ କରିବାରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ କର୍ମଚାରୀ ହରେକୃଷ୍ଣ କୀର୍ତ୍ତନିଆ ଓ ରଞ୍ଜନ ମହାନ୍ତି ସହଯୋଗ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସତ୍ୟ ନାରାୟଣ କଲେଜ୍, ଘଡେଇ କଲେଜ୍ ଓ ଆଓମା ଗୁରୁକୁଳ ଅନୁଷ୍ଠାନର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଦେଲେ କେନ୍ଦ୍ରମନ୍ତ୍ରୀ

# ଅଟଳଜୀଙ୍କ 'ସୁଶାସନ' ମନ୍ତ୍ର ହିଁ ଓଡ଼ିଶାକୁ ବିକଶିତ କରିବ : ଧର୍ମେନ୍ଦ୍ର

ସମ୍ବଲପୁର, ୨୫।୧୨ (ନି.ପ୍ର) : ସୁଶାସନର ମୂର୍ତ୍ତିମନ୍ତ ପ୍ରତୀକ, ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ 'ସୁଶାସନ' ମନ୍ତ୍ର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆମେ ସଂକଳ୍ପବଦ୍ଧ ବୋଲି ଆଜି ସମ୍ବଲପୁରର ବୁର୍ଲା ଠାରେ ଏହି ମହାପୁରୁଷଙ୍କ ୧୦୧ତମ ଜନ୍ମ ଜୟନ୍ତୀ ତଥା 'ସୁଶାସନ ଦିବସ' ଅବସରରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

କେନ୍ଦ୍ରମନ୍ତ୍ରୀ ପ୍ରଥମେ ଆଜି ସକାଳେ ଅଟଳ ବିହାରୀ ଜୟନ୍ତୀ ସମିତି ଏବଂ ଜିଲ୍ଲା ପ୍ରଶାସନର ମିଳିତ ପ୍ରୟାସରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଅଟଳ ଉଦ୍ୟାନ ପର୍ଯ୍ୟନ୍ତ ଏକ ଗଣଦୌଡ଼ରେ ସାମିଲ ହୋଇଥିଲେ । ପରେ ସେଠାରେ ପହଞ୍ଚି ବାଜପେୟୀଙ୍କ



ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଉଦବୋଧନ ଦେଇ ସେ କହିଥିଲେ ଅଟଳଜୀଙ୍କ 'ସୁଶାସନ' ମନ୍ତ୍ର ହିଁ ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆମକୁ ସଦାବେଳେ ପ୍ରେରଣା ଦେଉଛି । ତାଙ୍କର ପ୍ରତିଟି କାଳଜୟୀ ସ୍ୱପ୍ନ ଓ ବାକ୍ୟକୁ ଆଜି ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ବାସ୍ତବ ରୂପ ଦେଉଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ସୁଶାସନ କେବଳ ସରକାରୀ ଦାୟିତ୍ୱ ନୁହେଁ, ଏଥିରେ ସମାଜର ପ୍ରତିଟି ବର୍ଗର ସହଯୋଗ ଅପରିହାର୍ଯ୍ୟ । ଆଜିର ପବିତ୍ର ଅବସରରେ ସମ୍ବଲପୁର ଜିଲ୍ଲାରେ ସରକାରୀ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରରେ ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ କରିବା ଏବଂ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ ଏକ ନୂତନ ସଂସ୍କୃତି ବା ଜନଆନ୍ଦୋଳନ ଆରମ୍ଭ କରିବା । ଆମ ରାସ୍ତାଘାଟ, ଘର ଓ ଅଗଣାକୁ ସ୍ୱଚ୍ଛ ରଖି ସମ୍ବଲପୁରକୁ ଏକ ସୁନ୍ଦର ସହରରେ ପରିଣତ କରିବା ପାଇଁ ସେ ଆହ୍ୱାନ କରିଥିଲେ ।

କେନ୍ଦ୍ରମନ୍ତ୍ରୀ ତାଙ୍କ ଅଭିଭାଷଣରେ ବୁର୍ଲାକୁ ଓଡ଼ିଶାର ଏକ ପ୍ରମୁଖ ବିକାଶ କେନ୍ଦ୍ର ଭାବେ ଅଭିହିତ କରିଛନ୍ତି। ସମ୍ବଲପୁରରେ ଥିବା ବିଶ୍ୱବିଦ୍ୟାଳୟ ସମୂହ ଓ ଶିକ୍ଷାନୁଷ୍ଠାନଗୁଡ଼ିକ ଏହାର ଗୌରବ ବଢ଼ାଉଛି । ବୁର୍ଲା ସ୍ଥିତ 'ଅଟଳ ଉଦ୍ୟାନ'କୁ ଆସନ୍ତାବର୍ଷ ସୁଦ୍ଧା ଏକ ଅତ୍ୟାଧୁନିକ ତଥା ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳୀରେ ପରିଣତ କରିବା ପାଇଁ ସେ ଗୁରୁତ୍ୱାରୋପ କରିଛନ୍ତି ।

ଏହାବ୍ୟତୀତ ବୁର୍ଲା ସ୍ଥିତ ପାର୍ଟି କାର୍ଯ୍ୟାଳୟଠାରେ ଏକ ରକ୍ତଦାନ ଶିବିରକୁ ମଧ୍ୟ ସେ ଉଦଘାଟନ କରି ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନଙ୍କୁ ସ୍ଥାନୀୟ ପ୍ରଶାସନ ଓ ଜନସାଧାରଣଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଓଡ଼ିଶାର ଗ୍ରାମୀଣ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ସମେତ ଜିଲ୍ଲା ପ୍ରଶାସନ ଓ ମହାନଗର ନିଗମର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ମାତୃଶକ୍ତି ଫାଉଣ୍ଡେସନ ସଭାନେତ୍ରୀ ପ୍ରଭାତି ପରିଡା ସମ୍ମାନିତ

କୋରାପୁଟ,୨୫/୧୨(ନିପ୍ର) : କୋରାପୁଟ ପରବ ମଂଚରେ ମାତୃଶକ୍ତି ଫାଉଣ୍ଡେସନର ସଭାନେତ୍ରୀ ଉପସ୍ଥିତ ଆୟୋଜିତ ଆଦିବାସି ପରବ ମହୋତ୍ସବ ପାଳିତ ଅବସରରେ କୋରାପୁଟ ମାତୃଶକ୍ତି ଫାଉଣ୍ଡେସନର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି। ଆୟୋଜିତ କୋରାପୁଟିଆ ପରବରେ ଜିଲ୍ଲାରେ ଥିବା ଲୁକାୟିତ ପ୍ରତିଭାକୁ ଲୋକାଭିମୁଖି କରିବାର ପ୍ରୟାସରେ ଅନ୍ୟତମ ପ୍ରତିଭା ଭାବରେ ଶ୍ରୀମତି ରାଉତଙ୍କୁ ସମ୍ମାନିତ କରିଛନ୍ତି। ମାନପତ୍ର ପ୍ରଦାନ କରିବା ସମୟରେ ମଂଚରେ କୋରାପୁଟ ଆରକ୍ଷୀ ଅଧିକାରି ଶ୍ରୀ ରୋହିତ କୁମାର ବର୍ମା, ଜିଲ୍ଲାପାଳ ସତ୍ୟବାନ ମନୋଜ ମହାଜନ ଙ୍କ ସହିତ ମାତୃଶକ୍ତି



ଆମନ୍ତ୍ରିତ ଅତିଥି ତଥା ଜିଲ୍ଲା ମୁଖ୍ୟ ଜିଲ୍ଲାପାଳଙ୍କ ଦ୍ୱାରା ମାନପତ୍ରସହ ସମ୍ମାନ୍ନିତ ହୋଇଛନ୍ତି। କୋରାପୁଟ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ଜିଲ୍ଲା ସଦର ମହକୁମା କୋରାପୁଟ ଠାରେ ସଭାନେତ୍ରୀ ଶ୍ରୀମତି ପ୍ରଭାତି ପରିଡା ସମ୍ମାନିତ ହୋଇଛନ୍ତି। ଜିଲ୍ଲାରେ ନାରୀ ମାନଙ୍କୁ ଉପଯୁକ୍ତ ନ୍ୟାୟ ଦେବା ଓ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତୋଳନ କରି ମୁଖ୍ୟ ସ୍ରୋତକୁ ଆଣି ଜିଲ୍ଲାରେ ଏକ ଫାଉଣ୍ଡେସନର ଉପଦେଷ୍ଟା ମନୋଜ ଆଚାର୍ଯ୍ୟ, ଦିଲ୍ଲିପ ମହାନ୍ତି, ସଂପାଦିକା ଭାବାନି ପରିଡା ଉପସ୍ଥିତ ରହି ଅବିକଳ ଫଟୋଚିତ୍ର ସହ ମାନପତ୍ର ପ୍ରଦାନ କରି ସନମ୍ମାନିତ କରିଥିଲେ।

# ପୂର୍ବତଟ ରେଳପଥର ବିପର୍ଯ୍ୟୟ ପ୍ରସ୍ତୁତି ଉପରେ ନାଗରିକ ପ୍ରତିରକ୍ଷା ପ୍ରଦର୍ଶନ ଆୟୋଜନ

ଭୁବନେଶ୍ୱର, ୨୫।୧୨ (ନି.ପ୍ର) : ପୂର୍ବ ତଟ ରେଳପଥ ଆଜି ଭୁବନେଶ୍ୱରରେ ଏହାର ବିଭିନ୍ନ ଡିଭିଜନର ୫୯ ଜଣ ନାଗରିକ ପ୍ରତିରକ୍ଷା ସ୍ୱେଚ୍ଛାସେବକଙ୍କ ସକ୍ରିୟ ଅଂଶଗ୍ରହଣରେ ଏକ ବ୍ୟାପକ ନାଗରିକ ପ୍ରତିରକ୍ଷା ପ୍ରଦର୍ଶନ କାର୍ଯ୍ୟକ୍ରମ ଆୟୋଜନ କରିଥିଲା, ଯାହାର ଉଦ୍ଦେଶ୍ୟ ଜରୁରୀକାଳୀନ ଏବଂ ବିପର୍ଯ୍ୟୟ ପରିସ୍ଥିତି ସମୟରେ ପ୍ରସ୍ତୁତି, ସମନ୍ୱୟ ଏବଂ ପ୍ରଭାବଶାଳୀ ପ୍ରତିକ୍ରିୟା ପ୍ରଦର୍ଶନ କରିବା। ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସମାବେଶକୁ ସମ୍ବୋଧିତ କରି ଶ୍ରୀ ଫୁଙ୍କୱାଲ ନାଗରିକ ପ୍ରତିରକ୍ଷା ସ୍ୱେଚ୍ଛାସେବକଙ୍କ ସମର୍ପଣ, ଶୃଙ୍ଖଳା ଏବଂ ବୃତ୍ତିଗତ ଦକ୍ଷତାକୁ ପ୍ରଶଂସା କରିଥିଲେ ଏବଂ ଦୁର୍ଘଟଣା, ପ୍ରାକୃତିକ ବିପର୍ଯ୍ୟୟ ଏବଂ ଅନ୍ୟାନ୍ୟ ଅପ୍ରତ୍ୟାଶିତ ପରିସ୍ଥିତିରେ ଜୀବନ ଏବଂ ସମ୍ପତ୍ତିର ସୁରକ୍ଷାରେ ନାଗରିକ ପ୍ରତିରକ୍ଷା ଦ୍ୱାରା ନିର୍ବାହ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ



ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ପ୍ରତିକ୍ରିୟା ବ୍ୟବସ୍ଥାକୁ ଆହୁରି ମଜବୁତ କରିବା ପାଇଁ ନିରନ୍ତର ତାଲିମ, ମକ୍ ଡ୍ରିଲ୍ ଏବଂ ଜନସଚେତନତା କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହି କାର୍ଯ୍ୟକ୍ରମଟି କ୍ୟାମ୍ପ କମାଣ୍ଡର ଶ୍ରୀ ଏସ.ଭି.ଡି.ଏନ. ଚନ୍ଦ୍ର ଶେଖର, ପଣ୍ଡିତ ସିଡିଆଇଙ୍କ ମାର୍ଗଦର୍ଶନରେ ପରିଚାଳିତ ହୋଇଥିଲା। ପ୍ରଦର୍ଶନ ରେଳ ଦୁର୍ଘଟଣା ଜନିତ ପ୍ରତିକ୍ରିୟା ଅଭ୍ୟାସ ସହିତ ଆରମ୍ଭ ହୋଇଥିଲା, ପରେ ହାଲୁକା ଏବଂ ଭାରୀ ଉଦ୍ଧାର କାର୍ଯ୍ୟ ଏବଂ ପ୍ରାଥମିକ ଚିକିତ୍ସା କୌଶଳର ଏକ ଶୃଙ୍ଖଳା କରାଯାଇଥିଲା। ଏଥିରେ ବିଭିନ୍ନ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ନିଷ୍କାସନ ପଦ୍ଧତି, ସିଡ଼ି ଏବଂ ଦଉଡ଼ି ଉଦ୍ଧାର, ଷ୍ଟ୍ରେଚର ଅପରେସନ୍, ରାପେଲିଂ ଏବଂ କାନ୍ଧ କ୍ରଲିଂ, ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ଟାଣିବା କୌଶଳ, ସିପିଆର ସହିତ ବୈଦ୍ୟୁତିକ ଆଘାତ ପରିଚାଳନା, ଫାୟାରମ୍ୟାନ୍ ଲିଫ୍ଟ ଏବଂ ଲାଇଭ୍ ଅଗ୍ନି ନିର୍ବାପନ ପ୍ରଦର୍ଶନ ଅନ୍ତର୍ଭୁକ୍ତ ଥିଲା।

ପ୍ରତ୍ୟେକ କାର୍ଯ୍ୟକଳାପକୁ ତାଲିମପ୍ରାପ୍ତ ନାଗରିକ ପ୍ରତିରକ୍ଷା କର୍ମଚାରୀଙ୍କ ଦ୍ୱାରା ସଠିକତା ଏବଂ ଦଳଗତ କାର୍ଯ୍ୟ ସହିତ ସମ୍ପାଦିତ କରାଯାଇଥିଲା, ଯାହା ଉଚ୍ଚ ସ୍ତରର ପ୍ରସ୍ତୁତି ଏବଂ କାର୍ଯ୍ୟକ୍ଷମ ଦକ୍ଷତାକୁ ପ୍ରତିଫଳିତ କରିଥିଲା। ଉଦ୍ଧାର କାର୍ଯ୍ୟର ସଫଳ ସମାପ୍ତି ଏବଂ କ୍ୟାମ୍ପ କମାଣ୍ଡରଙ୍କ ଦ୍ୱାରା ମୁଖ୍ୟ ଅତିଥିଙ୍କୁ ଆନୁଷ୍ଠାନିକ ରିପୋର୍ଟିଂ ସହିତ କାର୍ଯ୍ୟକ୍ରମଟି ଶେଷ ହୋଇଥିଲା।

ନାଗରିକ ପ୍ରତିରକ୍ଷା ପ୍ରଦର୍ଶନ କାର୍ଯ୍ୟକ୍ରମ ବିପର୍ଯ୍ୟୟ ପରିଚାଳନା ଉପରେ ଜନସଚେତନତା ବୃଦ୍ଧି କରିବାରେ ସାହାଯ୍ୟ କରିଥିଲା ଏବଂ ଜରୁରୀକାଳୀନ ପରିସ୍ଥିତିରେ ସୁରକ୍ଷା ଏବଂ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ନାଗରିକ ପ୍ରତିରକ୍ଷା ସ୍ୱେଚ୍ଛାସେବକମାନଙ୍କ ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିଥିଲା।

